

ସୂର୍ଯ୍ୟ,ହାର୍ଦ୍ଦିକଙ୍କଠାରୁ କମ୍ ଦରମାରେ ଖେଳିବେ ରୋହିତ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 218 | ଭାଗ ୩୨ | ସଂଖ୍ୟା୨୧୮ | Bhubaneswar | Saturday 2 November 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୨ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଗୁଗଲ ଉପରେ ବିଶ୍ୱ ଜିଡିପି ଠାରୁ ଅଧିକ ଜରିମାନା

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ସର୍ଚ୍ଚ ଇଞ୍ଜିନ ଗୁଗୁଲ ଉପରେ ଲାଗିଛି ୨୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦,୦୦୦ ଡଲାରର ଜରିମାନା। ଏହା ୨୦ ଡିସିଲିୟନ ଡଲାର ସହ ସମାନ। ଋଷିଆ ପକ୍ଷରୁ ଗୁଗଲ ଉପରେ ଏହି ତାଜୁବ କରିଦେବା ପରି ଏତେ ବଡ଼ ପରିମାଣର ଜରିମାନା ଲଗାଯାଇଛି।

ଜରିମାନା ରାଶି ୨ରେ ୩୪ଟି ଶୂନ ଡଲାରର ଅର୍ଥ ଏହାର ପରିମାଣ ବିଶ୍ୱର ମୋଟ ଜିଡିପି ଠାରୁ ୬୨୦ ଗୁଣ ଅଧିକ। ସରଳ ଭାଷାରେ କହିଲେ, ବିଶ୍ୱରେ ଯେତିକି ସମ୍ପତ୍ତି ନାହିଁ, ତା'ଠାରୁ ଅଧିକ ପରିମାଣର ଜରିମାନା ଋଷିଆର ଗୋଟିଏ କୋର୍ଟ ଗୁଗଲ ଉପରେ ଲାଗୁ କରିଛନ୍ତି। ଏହାକୁ ନେଇ ପୂରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି। ଗୁଗୁଲର ପ୍ୟାରେଣ୍ଟ କମ୍ପାନୀ ଆଲଫାବେଟ ମାଲିକାନାରେ ଥିବା ୟୁଟ୍ୟୁବ ଉପରେ ଏହି ଜରିମାନା ଲାଗୁ କରାଯାଇଛି। ୟୁକ୍ରେନ ଉପରେ ଋଷିଆ କରୁଥିବା ଆକ୍ରମଣ ସମ୍ପର୍କିତ ଖବରକୁ ନେଇ ଗୁଗୁଲ ଓ ମସ୍କୋ ମୁହାଁମୁହିଁ ହୋଇଥିଲେ। ଯୁଦ୍ଧ ସମ୍ପର୍କରେ ଋଷିଆ ସରକାରଙ୍କ ଦ୍ୱାରା ପରିଚାଳିତ ଟିଭି ଚ୍ୟାନେଲ ଯେଉଁ ଖବର ପ୍ରସାରଣ କରୁଥିଲା, ତା'କୁ ୟୁଟ୍ୟୁବ ସ୍ଥାନ ଦେଉ ନଥିଲା। କହିବାକୁ ଗଲେ ୟୁଟ୍ୟୁବରେ ଋଷିଆ ସରକାରଙ୍କ ଚ୍ୟାନେଲକୁ ବ୍ୟାନ କରି ଦିଆଯାଇଥିଲା। ଏହା ବିରୋଧରେ ଋଷିଆ କୋର୍ଟରେ ➪ପୃଷ୍ଠା-୬

# ଶିଳ୍ପ ବିପ୍ଳବର ନେତୃତ୍ୱ ନେଲେ ମୋହନ

## କେନ୍ଦୁଝରରେ ମେଗା ଷ୍ଟିଲ୍‌ପ୍ଲାଣ୍ଟ

କେନ୍ଦୁଝର,୧।୧୧ (ସଂଚାର ବ୍ୟୁରୋ): କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମିଳିତ ଭାବେ ଏକ ଷ୍ଟିଲପ୍ଲାଣ୍ଟ କରିବେ। କେନ୍ଦୁଝର ଗସ୍ତ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି, ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ' ବେଳେ ଉଭୟ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ସହ ଆଲୋଚନା କରିଥିଲି। ଏହା ଭିତରେ ସେମାନେ ମଧ୍ୟ ପରସ୍ପର ମଧ୍ୟରେ ଏମ୍‌ଓୟୁ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ସେମାନେ ପ୍ଲାଣ୍ଟ କରିବେ ବୋଲି ମେନ୍‌ସନ୍ କରିଛନ୍ତି। କେନ୍ଦୁଝରରେ ନିଶ୍ଚିତ ଭାବେ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, କେନ୍ଦୁଝର ଜିଲ୍ଲା ବହୁତ ଦେଇଛି। କିନ୍ତୁ ପାଇଛି କମ୍। ଓଡ଼ିଶାର ବିକାଶ କେନ୍ଦୁଝରରୁ ଆରମ୍ଭ ହେବ। ଓଡ଼ିଶା ସୁନାର ଓଡ଼ିଶା ହେବ। ସୁନାର କେନ୍ଦୁଝର ହେଲା ପରେ ଯାଇ ଓଡ଼ିଶା ସୁନାର ଓଡ଼ିଶା ହେବ। ମା' କାଳୀଙ୍କ ନିକଟରେ ଏନେଇ ଆଜି ପ୍ରାର୍ଥନା କରିଛି। କେନ୍ଦୁଝର ଲୋକଙ୍କ ସୁଖସମୃଦ୍ଧି ବୃଦ୍ଧି କରିବା ସହିତ ସେମାନେ କିଭଳି ସ୍ୱାବଲମ୍ବୀ ହେବେ, ସେମାନେ କିଭଳି ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ, ସେଥିପାଇଁ ମୁଁ ଆଜି ମା'ଙ୍କ ନିକଟରେ ପ୍ରାର୍ଥନା କରିଛି।





ଆଜି ସକାଳ ୯ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମ ମାଟି ରାଇକଳାକୁ ଯାଇ ପରିବାର ଲୋକ ଙ୍କ ସହ କିଛି ସମୟ ବିତାଇବା ପରେ କେନ୍ଦୁଝର ସହରକୁ ଫେରି ପ୍ରଥମେ ମାଧପୁର କାଳୀ ମନ୍ଦିର, ନେତ୍ରା କାଳୀ ପୂଜା ମଣ୍ଡପ, କାଳୀ ତୀର୍ଥ ପୂଜା ମଣ୍ଡପ ଓ ଶେଷରେ ମାଇନିଂ କାଳୀ ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ହେଲେ ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାର ନିର୍ଦ୍ଦିଷ୍ଟ ଭାବେ କେଉଁଠି ହେବ ଏହି ମେଗା ପ୍ଲାଣ୍ଟ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏଥିପାଇଁ ଦୁଇଟି ଜାଗା ଚିହ୍ନଟ ହୋଇଛି। ଗୋଟିଏ ହେଲା ପୂର୍ବରୁ ଷ୍ଟିଲ ପ୍ଲାଣ୍ଟ ପାଇଁ ଆର୍ସେଲର ମିତ୍ତଲକୁ ପାଟଣା ବ୍ଲକରେ ଦିଆଯାଇଥିବା ୧୯୫୬ ଏକରର ଜମି ଏବଂ ଅନ୍ୟଟି ବାଂଶପାଳ ବ୍ଲକର ତରମାକାନ୍ତ ସ୍ଥିତ ଓଡ଼ିଶା ଟି ପ୍ଲାଣ୍ଟେସନ୍ ଲିମିଟେଡ୍ (ଓଟିପିଏଲ)ର ଉଜୁଡ଼ିଯାଇଥିବା ଚା' ବଗିଚାର ୨୫ ଶହ ଏକର ଜାଗା। ଚା' ବଗିଚା ବନ୍ଦ ହେବା ପରେ ଏବେ ଏହି ଜମି ସରକାରଙ୍କ ଅଧୀନରେ ରହିଛି। ତେଣୁ ଏଭିତରୁ ଯେକୌଣସି ଗୋଟିକୁ ବାଛିବା ପାଇଁ ଖୁବ୍‌ଶୀଘ୍ର ଉଭୟ କମ୍ପାନୀର ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ଆସୁଛି।

ଉଭୟ କମ୍ପାନୀ ମଧ୍ୟରେ ବୁଝାମଣା ମୁତାବକ ପ୍ରାରମ୍ଭିକ ଭାବେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୫ ନିୟୁତ ଟନ୍ ରହିବ। ପରବର୍ତ୍ତୀ ସମୟରେ ଏହାକୁ ବଢ଼ାଯାଇପାରେ। ତେବେ ଏନେଇ କେତେ ପୁଞ୍ଜିନିବେଶ ହେବ ତାହା ୨୦୨୫ ଜାନୁଆରୀରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଘୋଷଣା ହେବ ବୋଲି କୁହାଯାଉଛି। ହେଲେ ଜିଲ୍ଲାର ଯେଉଁଠି ବି ହେଉ, ମେଗା ଷ୍ଟିଲ୍ ପ୍ଲାଣ୍ଟ ବସିବା ଖବରରେ ବେଶ୍ ଉତ୍ସାହିତ ଅଛନ୍ତି ଜିଲ୍ଲାବାସୀ। ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କ ନିଜ ଜିଲ୍ଲା କେନ୍ଦୁଝର ପାଇଁ ସବୁଠୁ ବଡ ଭେଟି ବୋଲି କୁହାଯାଇପାରେ। ପୂର୍ବରୁ ମଧ୍ୟ ଜେଏସଡବ୍ଲ୍ୟୁ ପେଲେଟ ପ୍ଲାଣ୍ଟ ପାଇଁ ପ୍ରସ୍ତାବ ଦେଇଥିଲା। ହେଲେ କେନ୍ଦୁଝରବାସୀ ପେଲେଟ ପ୍ଲାଣ୍ଟ ବଦଳରେ ଷ୍ଟିଲ ପ୍ଲାଣ୍ଟ ଚାହୁଁଥିଲେ। କେନ୍ଦୁଝରବାସୀଙ୍କ ଏହି ସ୍ୱପ୍ନକୁ ପୂରଣ କରିଛନ୍ତି ମୋହନ। ଏହାଦ୍ୱାରା କେନ୍ଦୁଝରରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହ ସ୍ଥାନୀୟ ଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିବେ।

## ରତ୍ନଭଣ୍ଡାରରେ ନାହିଁ ଗୁପ୍ତ ସୁଡ଼ଙ୍ଗ





ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ରତ୍ନଭଣ୍ଡାର ଭିତରେ କୌଣସି ଗୁପ୍ତ କୋଠରୀ କିମ୍ବା ସୁଡ଼ଙ୍ଗ ପ୍ରାୟତଃ ନାହିଁ। ପ୍ରାଥମିକ ଆଲୋଚନାରୁ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନ ଥିବା ଜଣାପଡ଼ିଛି। ରତ୍ନଭଣ୍ଡାର ସଂପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଏହି ସୂଚନା ଦେଇଛନ୍ତି।

ଆଇନ ମନ୍ତ୍ରୀ କହିଛନ୍ତି, ରତ୍ନଭଣ୍ଡାର ଭିତରେ ଫାଟ ଗୁଡ଼ିକ ଥିବା ଜଣାପଡ଼ିଛି। ସେହି ଫାଟ ଗୁଡ଼ିକୁ ମରାମତି କରାଯିବ। ମରାମତି ପାଇଁ ପ୍ରାୟ ଦେଢ଼ ମାସ ସମୟ ଲାଗିବ। ସର୍ଭେ ରିପୋର୍ଟ ଆସିବାକୁ ସମୟ ଲାଗୁଛି। ଅଫିସିଆଲି ସର୍ଭେ ରିପୋର୍ଟ ଆସିବା ପରେ ତୁରନ୍ତ ମରାମତି କାମ ଆରମ୍ଭ କରାଯିବ। ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍‌ଆଇ ପ୍ରସ୍ତୁତ ଅଛି। ଏଏସ୍‌ଆଇ ରତ୍ନଭଣ୍ଡାର ମରାମତି କାମ କରି ସାରିବା ପରେ ଗଣତି ମଣତି କରିବାକୁ ଯେତେ ଶୀଘ୍ର ଚେଷ୍ଟା କରିବୁ। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହିଛି। କାର୍ତ୍ତିକ ପୂର୍ଣ୍ଣମୀ ପରେ ମରାମତି କାମ ଆରମ୍ଭ କରାଯିବ। ରତ୍ନଭଣ୍ଡାର ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ତା'ପରେ ରତ୍ନ ଭଣ୍ଡାର ଭିତରେ ➪ପୃଷ୍ଠା-୬

### ପୋଲିସକୁ ଦୀପାବଳି ଭେଟି
## ଗ୍ୟାଙ୍ଗ୍ ୱାର, ବୋମାମାଡ଼

ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ):ଦୀପାବଳିରେ ଅଶାନ୍ତ ରାଜଧାନୀ। କାଲି ହଣା ହଣି, ଆଜି ୱିନର କ୍ଲବରେ ବୋମା ମାଡ଼। ବୋମା ମାଡ଼ରେ କାରର କାଚ ଭାଙ୍ଗି ନଷ୍ଟ ହୋଇ ଯାଇଛି। ସୂଚନା ଅନୁସାରେ ସହିଦ ନଗର ୱିନର କ୍ଲବ୍‌ର ଚିନ୍ମୟ ମହାନ୍ତି, ପିଣ୍ଟୁ ସାହୁ, ବନି ବେହେରା ଚାନ୍ଦୀ ଭଣ୍ଡାର ପାଖରେ ଛିଡା ହୋଇ ସିଗାରେଟ ଟାଣୁଥିବା ବେଳେ ଗୋଶାଳାର ଚିନ୍ମୟ, ପିଣ୍ଟୁ ଓ ବନିକୁ କିଛି ଯୁବକ ଆସି କମେଣ୍ଟ କରିଥିଲେ। ଦୁଇ ଗୋଷ୍ଠୀ ମୁହାଁ ମୁହିଁ ହେବା ପରେ ୧୦ ରୁ ୧୫ ଯୁବକ ଆସି ବନି, ଚିନ୍ମୟ ଓ ପିଣ୍ଟୁ ଙ୍କୁ ଆକ୍ରମଣ କରିଥିଲେ। ପିଣ୍ଟୁ ଏଥିରେ ଗୁରୁତର ➪ପୃଷ୍ଠା-୬

## ଚାପରେ ଇସ୍କନ: ୱେବସାଇଟରୁ ହଟିଲା ସ୍ନାନଯାତ୍ରା

### ୯ରେ ଫେଷ୍ଟିଭାଲ ଅଫ ବ୍ଲିସ-ରଥଯାତ୍ରା

ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ଆମେରିକାର ହ୍ୟୁଷ୍ଟନରେ ନଭେମ୍ବର ୩ ତାରିଖରେ ହେବାକୁ ଥିବା ସ୍ନାନ ଯାତ୍ରାକୁ ଇସ୍କନ ବାତିଲ କରିଥିବା ସୂଚନା ମିଳିଛି। ତେବେ ରଥଯାତ୍ରା ଆୟୋଜନ ବାତିଲ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନି। କାରଣ, ଏବେ ଏହାର ୱେବସାଇଟରେ ସ୍ନାନଯାତ୍ରା ନେଇ କୌଣସି ସୂଚନା ନଥିଲେ ବି ନଭେମ୍ବର ୯ ତାରିଖରେ 'ଫେଷ୍ଟିଭାଲ୍ ଅଫ୍ ବ୍ଲିସ୍- ରଥଯାତ୍ରା' ନାଁରେ ସକାଳ ସାଢେ ୧୦ଟାରୁ ୪ଟା ଯାଏଁ କାର୍ଯ୍ୟକ୍ରମ ରହିଛି।

ନଭେମ୍ବର ୩ରେ ସ୍ନାନ ଯାତ୍ରା ଏବଂ ୯ ତାରିଖରେ ରଥଯାତ୍ରା କରିବାକୁ ଯୋଜନା କରିଥିଲା ଇସ୍କନର ହ୍ୟୁଷ୍ଟନ ଶାଖା। ଅଦିନରେ ଇସ୍କନର ରଥଯାତ୍ରା ଆୟୋଜନ ନେଇ ଆପତ୍ତି ଉଠାଇଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ପ୍ରତିବାଦ କରି ଇସ୍କନକୁ ଚିଠି ଲେଖି ରଥଯାତ୍ରା ବନ୍ଦ କରିବାକୁ କହିଥିଲେ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତିୟା ତିଥିରେ ରଥଯାତ୍ରା ପାଳନ ନେଇ ବିଧି ପରମ୍ପରା ରହିଛି। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁସାରେ ହିଁ ରଥଯାତ୍ରା କରିବାକୁ କହିଥିଲେ ଗଜପତି। ସେହିଭଳି ଇସ୍କନର ଅଦିନିଆ ରଥଯାତ୍ରାକୁ ସମାଲୋଚନା କରିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ। ସେପଟେ ଅଦିନିଆ ରଥଯାତ୍ରାକୁ ନେଇ ବିବାଦ ବଢ଼ିବା ପରେ ସଫେଇ ରଖିଛି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଇସ୍କନ ଶାଖା।। କହିଲା ଦେଶ ଭିତରେ ଅଦିନିଆ ରଥଯାତ୍ରା ହେଉନାହିଁ । ବିଦେଶ ବିଷୟରେ ଆମେ କହି ପାରିବୁନି । ସେପଟେ ଜଗନ୍ନାଥଙ୍କ ବାଡ଼ଗ୍ରାହୀ କହିଲେ ସମସ୍ୟାର ସମାଧାନ ନହେଲେ ବନ୍ଦ କରିବୁ ଇସ୍କନ । ➪ପୃଷ୍ଠା-୬

## ଆସୁଛି ଆଉ ଏକ ଲଘୁଚାପ ପୁଣି ବାତ୍ୟା ଭୟ



ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ଦକ୍ଷିଣ ବଙ୍ଗୋପସାଗରରେ ୫ ନଭେମ୍ବରରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ଏହା ଧୀରେଧୀରେ ପଶ୍ଚିମ ଦିଗକୁ ଗତିକରି ତାମିଲନାଡୁ ଉପକୂଳରେ ପହଞ୍ଚିବ । ୭ ନଭେମ୍ବରରେ ଅଧିକ ଘନୀଭୂତ ହୋଇ ଏହା ଅବପାତର ରୂପ ନେଇପାରେ । ଅବପାତରୁ ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ସମ୍ଭାବନା କମ । ଭାରତୀୟ ପାଣିପାଗ ବିଭାଗର ସାଇକ୍ଲୋଜେନେସିସ ଅନୁସାରେ ଅବପାତରୁ ଅଧିକ ଘନୀଭୂତ ହେବାର ସମ୍ଭାବନା ମାତ୍ର ୩୩ ପ୍ରତିଶତ ରହିଛି । ଏହି ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ । ଓଡ଼ିଶାରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ନାହିଁ । ଏବେ ପାଗ ଶୁଖିଲା ରହିବ। ଉତ୍ତର ଓ ପୂର୍ବ ଉତ୍ତର ଦିଗରୁ ଆସୁଥିବା ପବନ, ଉପକୂଳର ଶୁଷ୍କ ବାୟୁ ସାଙ୍ଗରେ ମିଶିବା ପରେ ➪ପୃଷ୍ଠା-୬

# କୁଆଡ଼େ ଗଲେ ମାଳ ମାଳ ଅଭିନେତା-ଅଭିନେତ୍ରୀ

### ନିର୍ବାଚନରେ ମାଲାମାଲ ହୋଇ ଚମ୍ପଟ
### ଏବେ ଆଉ ଦେଖିବାକୁ ମିଳୁନି






ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକଦଳ ବିଶେଷକରି ରାଜ୍ୟର ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପିରେ ଯୋଗ ଦେଇଥିବା ଅଭିନେତା, ଅଭିନେତ୍ରୀମାନେ କୁଆଡେ ଗଲେ। ସୋମନଙ୍କ ରଙ୍ଗବୋଳା ମୁହଁ ଦେଖି ଭୋଟ ଦେଇଥିବା ରାଜ୍ୟର ବହୁ ଭୋଟର ଏବେ ଏହି ପ୍ରଶ୍ନ କରୁଛନ୍ତି। ଏମାନେ ସତରେ ରାଜନୈତିକ ଦଳର ସଦସ୍ୟ ଥିଲେ ନା ପଇସା ପାଇଁ ନାଟ କରୁଥିଲେ ତାହାକୁ ନେଇ ଆଲୋଚନା ଚାଲିଛି।

ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ କିସମର ଅଭିନେତା ଅଭିନେତ୍ରୀଙ୍କୁ ନିଜ ପଟକୁ ଟାଣିବାପାଇଁ ବିଜେପି ଓ ବିଜେଡିରେ ହୋଇଥିଲା ଜୋରଦାର କସରତ। ଶାସନ କ୍ଷମତାରେ ଥିବା ବିଜେଡି ପଟକୁ ଢଳିଥିଲେ ଅଧିକ ଅଭିନେତା।






ଅବସ୍ଥା ଏଭଳି ହୋଇଥିଲା ଯେ ୟୁଟ୍ୟୁବ କଳାକାର ବି ଧାଡି ବାନ୍ଧି ଯାଇ ଦଳରେ ସାମିଲ ହୋଇଥିଲେ। କାର୍ଯ୍ୟାଳୟରୁ ବାହାରିବାବେଳେ ମୁଚୁକୁନ୍ଦ ହସ ହସି ଘୋଷା ଶୁଆ ଭଳି କହିଥିଲେ ଆମେ ଦଳ ଓ ଦଳପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମିଶିଛୁ। ଦଳକୁ ନିର୍ବାଚନରେ ଜିତାଇବା ପାଇଁ କାମ କରିବୁ। ପଇସା ପାଇଁ ଆସିନାହୁଁ।

ଏହି ପ୍ରତିଯୋଗିତା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ବିଜେଡିର କେନ୍ଦ୍ରାପଡା ସାଂସଦ ତଥା ଚଳଚିତ୍ର ଅଭିନେତା ଅନୁଭବ ମହାନ୍ତି ହଠାତ୍ ବିଜେପିରେ ଯୋଗଦେଲେ। ସେହିଭଳି ସମସ୍ତଙ୍କୁ ଚକ୍‌ମା ଦେଇ ଅରିନ୍ଦମ ବି ବିଜେପି ସଦସ୍ୟ ହେବା ସହିତ ଦଳ ପାଇଁ ଜୋରଦାର ପ୍ରଚାର କଲେ। ଏହି ଦୁଇ ଷ୍ଟାର ବିଜେପି ଶିବିରକୁ ଯିବାପରେ ବିଜେଡି ସକ୍ରିୟ ହୋଇ ୟୁଟ୍ୟୁବ ➪ପୃଷ୍ଠା-୬

# ବିଜେଡିରେ ପୁଣି କ୍ରିତଦାସଙ୍କ ମାମଲତି



ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ସମୟରେ ପୁଣି ବବିଙ୍କ ମାମଲତି ଆରମ୍ଭ ହୋଇଛି । ନିର୍ବାଚନ ହାରିବା ପରେ ନିରବି ଯାଇଥିବା ବବି ପୁଣିଥରେ କଇଁଛ ବେକ କାଢିଲା ଭଳି ଦଳୀୟ ବୈଠକରେ ଯୋଗଦେବା ସହିତ ନିର୍ବାଚିତ ବିଧାୟକ ଓ କମିଟି ସଦସ୍ୟମାନଙ୍କୁ କୋଣଠେସା ଆରମ୍ଭ କରିଦେଇଛନ୍ତି । ସଭ୍ୟସଂଗ୍ରହ ପାଇଁ ଆୟୋଜିତ ବୈଠକରେ ବବିଙ୍କ ଉପସ୍ଥିତି ଓ ହାବଭାବରୁ ଦଳୀୟ ନେତାମାନେ ଏଭଳି ଲକ୍ଷ୍ୟ କରିଛନ୍ତି ।

ବିଜେଡି ଦ୍ୱିତୀୟ ପର୍ଯ୍ୟାୟ ସଭ୍ୟସଂଗ୍ରହ ଅଭିଯାନ ଆରମ୍ଭ ପୂର୍ବରୁ ଏଥିପାଇଁ ଗଠିତ କମିଟିର ବୈଠକ ବସିଥିଲା । ଏହି କମିଟିରେ ବବି କୌଣସି ସଦସ୍ୟ ନଥିଲେ ମଧ୍ୟ ଯୋଗଦେଇଥିଲେ । ଆଗଧାଡି ଚଉକିକୁ ମାଡିବସି ମାମଲତି କରିଥିଲେ। ହେଲେ କମିଟିର ଯେଉଁମାନେ ସଦସ୍ୟ ଥିଲେ ସେମାନେ ମୁହଁ ପୋତି ପଛରେ ବସିଥିବା ଦେଖିବାକୁ ମିଳିଥିଲା । ସଦସ୍ୟ ନଥିବା ବବିଙ୍କ ମାମଲତି ଦେଖି ସେମାନେ ପରସ୍ପରକୁ ଚାହିଁବା ସହିତ ବିଶେଷ କଛି କହିବାକୁ ଉଚିତ୍ ମଣିନଥିଲେ ।

### ▶ ବିଧାୟକ ଓ ବରିଷ୍ଠଙ୍କୁ କୋଣଠେସା
### ▶ ସଭ୍ୟ ସଂଗ୍ରହ ଅଭିଯାନ ବାଟବଣା

ତେବେ କିଛି ବିଜେଡି ନେତାଙ୍କ କହିବାକଥା ଯେ ନିଜେ ସମ୍ବଲପୁରରୁ ହାରିବା ଏବଂ ତାଙ୍କ ମା' କୋରେଇରୁ ହାରିବା ସହିତ ଯାଜପୁରରେ ବିଜେଡି ଗଡ଼ ଭୁଷୁଡିବା ପରେ ବବି ନିରବି ଯାଇଥିଲେ । କୌଣସି ଦଳୀୟ କାର୍ଯ୍ୟକ୍ରମରେ ମାମଲତି କରିବାକୁ ସାହସ ଜୁଟାଇ ➪ପୃଷ୍ଠା-୬

# ଧୂଆଁ ଧୂଆଁ ରାଜଧାନୀ



ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ): ପୁଣି ଧୂଆଁମୟ ହେଲା ରାଜଧାନୀ ଆକାଶ। ପ୍ରଦୂଷଣର ମାତ୍ରା ଏତେ ବଢିଯାଇଛି ଯେ, ସନ୍ଧ୍ୟା ୮ଟା ପରଠାରୁ ଭୁବନେଶ୍ୱରରେ ୧୦୦ ମିଟର ଦୂରକୁ ଦିଶୁନି। ଦୀପାବଳିର ଦ୍ୱିତୀୟ ରାତିରେ ରାଜଧାନୀ ଆକାଶ ସମସ୍ତଙ୍କୁ ଆଚମ୍ବିତ କରିଛି। ଦୀପାବଳି ଅବସରରେ ଗୁରୁବାର ରାତିରେ ବାଟଫୁଟା ପାଇଁ ଜଳବାୟୁ ବିଷାକ୍ତ ହୋଇଗଲା। ଶୁକ୍ରବାର ସକାଳେ କିନ୍ତୁ ବର୍ଷା ବଞ୍ଚାଇ ଦେଇଥିଲା। ବାଣ ଫୁଟା ଯୋଗୁଁ ଭୁବନେଶ୍ୱରରେ ଏୟାର କ୍ୱାଲିଟି ଖରାପ ହୋଇଥିଲା। ବୁଧବାର ସକାଳେ ଏହା ୬୦ରୁ ୭୦ ଏକ୍ୟୁ ଥିଲା। ସନ୍ଧ୍ୟାରେ ଏହା ବଢ଼ି ୧୦୦ ଏକ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ବାଣ ଫୁଟାରୁ ଏୟାର କ୍ୱାଲିଟି ବଢ଼ି ୨୩୦ରୁ ୨୪୦ ଏକ୍ୟୁ ହୋଇଯାଇଥିଲା। ତେବେ ଶୁକ୍ରବାର ସକାଳେ ଭୁବନେଶ୍ୱରରେ ବର୍ଷା ହେବାରୁ ଏକ୍ୟୁ ଲେବୁଲ ୧୩୦କୁ ଖସିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସରକାର ବାଣ ଫୁଟା ଗାଇଡ଼ଲାଇନ ଜାରି କରିଥିଲେ। ହେଲେ ଲୋକେ ନମାନିବାରୁ ଓଡ଼ିଶା ସମେତ ସାରା ଦେଶରେ ଏହି ଅବସ୍ଥା ଦେଖାଦେଇଥିଲା। ଆଜି ମଧ୍ୟ ସନ୍ଧ୍ୟାରୁ ରାଜଧାନୀରେ ପ୍ରଦୂଷଣର ମାତ୍ରା ଏତେମାତ୍ରାରେ ବଢ଼ିଯାଇଛି ଯେ, ଚାରିଆଡ ଧୂଆଁମୟ ଦେଖାଯାଉଛି। ଏହାକୁ ନେଇ ପରିବେଶବିତ ସମସ୍ତଙ୍କୁ ଗ୍ରୀନ ଦୀପାବଳି ପାଳିବାକୁ ଅନୁରୋଧ କରିଛନ୍ତି। କିଛିଦିନରୁ ରାଜଧାନୀରେ ବିଳମ୍ବିତ ରାତିରେ କୁହୁଡି ପଡୁଥିଲା। ଆଜି କୁହୁଡି ସହ ପ୍ରଦୂଷଣ ଧୂଆଁ ମିଶି ପୂରା ବାୟୁମଣ୍ଡଳକୁ ଆଚ୍ଛାଦିତ



# ଚୌଦ୍ୱାରରେ ଶ୍ୟାମାକାଳୀ ପୂଜା

**ଟାଙ୍ଗୀ-ଚୌଦ୍ୱାର, ୧।୧୧ (ସଂଚାର ବ୍ୟୁରୋ):** ଚୌଦ୍ୱାର ସହର ଓ ଏହା ଅଖପାଖ ଅଞ୍ଚଳରେ ବିଭିନ୍ନ ମଣ୍ଡପରେ ଶ୍ୟାମାକାଳୀ ପୂଜା ଧୁମଧାମରେ ପାଳିତ ହୋଇ ଯାଇଛି।ସହରର ବିଭିନ୍ନ ସ୍ଥାନରେ ନିର୍ମିତ ମା' କାଳୀଙ୍କ ମୃଣ୍ମୟ ପ୍ରତିମା ଓ ଦେବୀ ପୀଠ ମାନଙ୍କରେ ପୂଜାର୍ଚ୍ଚନା ଓ ସାଜସଜ୍ଜା ଦେଖିବାପାଇଁ ମଣ୍ଡପ ମାନଙ୍କରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ଜମିଥିଲା। ଐତିହାସିକ ବଧୀ କୁଦ ନିକଟ ଶ୍ମଶାନ କାଳୀ ମନ୍ଦିରରେ ମା ଶ୍ୟାମାଙ୍କର ନାନା ଉପଚାର ପୂଜା ସାଙ୍ଗକୁ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।ଶ୍ମଶାନରେ ମନ୍ଦିର ପ୍ରତିଷ୍ଠା କରାଯାଇ ଆଜକୁ ୪୦ ବର୍ଷ ଧରି ପୀଠରେ ଅନୁଷ୍ଠିତ ହେଉଥିବା



ଏହି ପୂଜାରେ ଦେବୀ ଦର୍ଶନ ଓ ଭୋଗରାଗ ପାଇଁ ବହୁ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଅନୁରୂପଭାବେ ବଧୀ ମଠ, ଥର୍ମାଲ ରୋଡ, ଚାରବାଟିଆସ୍ଥିତ ବିରାଟ ବଜାର, ଥର୍ମାଲ ରୋଡସ୍ଥିତ କାଳୀ ମନ୍ଦିର, ନଖରା, ଶାଳଗାଁ ଆଦି ସ୍ଥାନ ମାନଙ୍କରେ ଅନୁଷ୍ଠିତ ସାର୍ବଜନୀନ କାଳୀପୂଜାରେ ସାରାଦିନ ବ୍ୟାପି ହୋମଯଜ୍ଞ ଓ ପୂଜାର୍ଚ୍ଚନା ଆଦି ନାନାବିଧ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରସାଦ ବିତରଣ ଅନୁଷ୍ଠିତ ହୋଇଥିଲା। ସଂନ୍ଧ୍ୟାରେ ସମସ୍ତ ପୀଠ ଓ ମଣ୍ଡପ ମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।

# ରୂପାନ୍ତରିତ କାର୍ଯ୍ୟର ସମୀକ୍ଷା କଲେ ଅରୁଣ

## ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ କାର୍ଯ୍ୟ ସାରିବାକୁ ପରାମର୍ଶ

**ନୟାଗଡ଼, ୧।୧୧ (ସଂଚାର ବ୍ୟୁରୋ):** ଗତ ନବୀନ ପଟ୍ଟନାୟକ ସରକାରରେ ରାଜ୍ୟର ବିଭିନ୍ନ ମଠ ମନ୍ଦୀରର ରୂପାନ୍ତରିତ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଅନୁଦାନ କରାଯାଇଥିଲା । ନୟାଗଡ଼ ଜଗନ୍ନାଥ ମନ୍ଦିର, ଦକ୍ଷୀକାଳୀ ମନ୍ଦିର ଓ ସହରର ବିଭିନ୍ନ ମଠ ମାନଙ୍କର ରୂପାନ୍ତରିତ କାର୍ଯ୍ୟ କରିବା ପାଇଁ 5-ଟି ମାଧ୍ୟମରେ ଅନୁଦାନ ପ୍ରଦାନ କରାଯାଇଛି । ନିର୍ବାଚନ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଦ୍ରୁତଗତିରେ ଚାଲୁଥିବା ବେଳେ ନୂଆ ସରକାର ଏହି କାର୍ଯ୍ୟ ଗୁଡିକ ଧିମେଇ ଚାଲିଛି । ତେଣୁ ଆଜି ସକାଳୁ ସକାଳୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚି ରୂପାନ୍ତରିତ କାର୍ଯ୍ୟର ତଦାରଖ କରିବା, ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । କିପରି ମନ୍ଦୀର ଅଧିକ ସୌନ୍ଦର୍ଯ୍ୟ ଦେଖାଯିବ ସେଥି ନିମନ୍ତେ ଆଲୋକି କରଣ, ଆନନ୍ଦ ବଜାର ଓ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିରର ସ୍ୱଚ୍ଛତା କିପରି ବଜାୟ ରହିବ ଏହା ଉପରେ ଆଲୋଚନା କରିଛନ୍ତି । ଏଥି ସହିତ ସମସ୍ତ କାର୍ଯ୍ୟ ଶୀଘ୍ର ସାରିବାକୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ଦକ୍ଷୀଣକାଳୀ ମନ୍ଦୀରର ରୂପାନ୍ତରି କରଣ ଉପରେ ସମୀକ୍ଷା କରିଛନ୍ତି । ମନ୍ଦିର ପରିସରର ସ୍ୱଚ୍ଛତା ଉପରେ



ଗୁରୁତ୍ୱ ଦେଇଛନ୍ତି । ଏବଂ ମନ୍ଦିରର ଭିତର ପାର୍ଶ୍ୱର ଚଟାଣରେ ମାର୍ବଲ ପକାଇବା କାର୍ଯ୍ୟ ବଉଳମାଳ ପଥରରେ ନିର୍ମିତ ହୋଇଥିବା ମନ୍ଦିରର ପଲିସି କାର୍ଯ୍ୟ କରିବା ସହ ଆଲୋକୀକରଣ ବ୍ୟବସ୍ଥାକୁ ଯୁଦ୍ଧ କାଳୀନ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜଗନ୍ନାଥ ମନ୍ଦିରର ସୁପ୍ରଭାଇଜର, ଦେବୋତ୍ତର ବିଭାଗ ମ୍ୟାନେଜର, ମନ୍ଦିର କମିଟି ସଭାପତି ତଥା କାଉନସିଲର କିଶାନ ଦାସ ଓ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପ୍ରମୁଖ ଉପସ୍ଥିତ ରହିଥିଲେ ।



# କଣାସରେ ଦୀପାବଳି ଉତ୍ସବ ପାଳିତ

**କଣାସ, ୧।୧୧ (ସଂଚାର ବ୍ୟୁରୋ):** କଣାସ ଅଞ୍ଚର ପୁରପଲ୍ଲୀରେ ୩୧ ଓ ୧ ତାରିଖ ଦୁଇ ଦିନ ଧରି ଦୀପାବଳୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପରିବାରାରେ ପୂର୍ବପୁରୁଷଙ୍କୁ ମନେପକାଇ ବାପା ତିନି ପୁରୁଷ ମା ତିନିପୁରୁଷ ଅଜା ତିନି ପୁରୁଷ ସପ୍ତ ଋଷି ଦଶ ବିଶ୍ୱଦେବାଙ୍କ ଉଦେଶ୍ୟରେ ୨୬ ଟି ପ୍ରଦୀପ ପ୍ରଜ୍ୱଳନ କରି ୨୬ ଟି ପଣସ ପତ୍ରରେ ଖଇ, କୋରା, ସାକର ନବାତ, ନଡିଆ ଖଣ୍ଡ, କମଳା, ସେଓ, ଅଙ୍ଗୁର ରଖି ପୂଜା ଅର୍ଚ୍ଚନା କରାଯିବା ପରେ ପରିବାରର ପ୍ରତ୍ୟେକ ସଦସ୍ୟ ଘିଅ ସଳିତା ଧରି ଆକାଶକୁ ଦେଖାଇ ପିତୃଲୋକଂ ପରିତେଜ୍ୟଂ ଆଗଛନ୍ତୁ ମାହାଳାୟ ଉଚ୍ଚାରଣ କରି ପୂର୍ବପୁରୁଷମାନଙ୍କୁ ମନେପକାଇ ପରିବାରର ମଙ୍ଗଳ କାମନା କରିଥିଲେ। କଣାସ ଓ ଗଡ଼ିଶାଗୋଦା ପୁଲିସିର ସକ୍ରିୟ ଭୂମିକା ଯୋଗୁଁ ବଜାରରେ ବାଣ ମିଳିନଥିଲା।

## ଜିଲ୍ଲା ପ୍ରଶାସନ-ଅବକାରୀ ବିଭାଗର ମଧୁଚନ୍ଦ୍ରିକା

# ବଢୁଛି ନିଶା କାରବାର, ମାତିଲେଣି ଅପରାଧୀ

**କେନ୍ଦ୍ରାପଡ଼ା, ୧।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗର ଛତ୍ରଛାୟା ତଳେ ବେଆଇନ୍ ନିଶା କାରବାର ଚାଲିଛି। ଅବକାରୀ ଆଉ ପୋଲିସ ବିଭାଗ ପାଇଁ ଏହି ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି। ଅବାଧ ନିଶା କାରବାର ଯୋଗୁ ସାଧାରଣ ଲୋକଙ୍କ ଜୀବନ ଦୂର୍ବିସହ ହୋଇପଡ଼ିଛି। ଯେତେ ଅଭିଯୋଗ ହୋଇଥିଲେ ମଧ୍ୟ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି । ଯଦି କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକ କିଛି ଚାପ ପଡୁଛି ତେବେ ପୁଲିସ ଆଉ ଅବକାରୀ ବିଭାଗର କେତେଜଣ କର୍ମଚାରୀ ଚଢ଼ାଉ ପୂର୍ବରୁ ନିଶା ବ୍ୟବସାୟଙ୍କୁ ଖବର ଦେଇ ଦେଉଛନ୍ତି । ଫଳରେ ଚୋରା କାରବାର କରୁଥିବା ବ୍ୟବସାୟୀଙ୍କୁ ଗିରଫ କରିବା ସହଜ ହେଉନି । ଯାହାର ପରିଣତ ସ୍ୱରୂପ ରାଜ୍ୟ ରାଜପଥ ନିକଟସ୍ଥ ମଦ ଦୋକାନକୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହଟାଇ ଦିଆଯାଇଥିଲେ ମଧ୍ୟ ତାର ପ୍ରତିବଦଳରେ ଗାଁ ଗାଁରେ ଚୋରା ମଦ ଦୋକାନ ଖୋଲି ଆଜିର ଯୁବପିଢ଼ିଙ୍କୁ ନଷ୍ଟ କରିବାରେ ପ୍ରୟାସ ହୋଇଛି। ଯୁବକମାନେ ନିଶାଖାଇ ଅପରାଧ ଘଟାଉଛନ୍ତି । ଚୋରି, ଡକାୟତି, ରାହାଜାନୀ, ଛିନ୍ତାଇ, ବନ୍ଧୁକ ଦେଖାଇ ଲୁଟ, ହତ୍ୟା, ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ହାତ ପାହନ୍ତାରେ ନିଶା ମିଳିଯିବା ଯୋଗୁ ଅତ୍ୟଧିକ ନିଶା ସେବନ କରୁଛନ୍ତି। ତେବେ ନିଶା ସେବନ ପାଇଁ ଆବଶ୍ୟକ ଟଙ୍କା ପାଇଁ କେତେକ ଗୋଷ୍ଠୀ ଅପରାଧ ଘଟାଇ ଚାଲିଛନ୍ତି।

**ପ୍ରଶାସନ ଓ ପୁଲିସର ନୀରବତାକୁ ନେଇ ସନ୍ଦେହ**

ଏହି ଘଟଣାଟି ସ୍ଥାନୀୟ ପୁଲିସ ତଥା ଜିଲ୍ଲା ଅବକାରୀ ବିଭାଗର ଜ୍ଞାତସାରରେ ଚାଲିଛି ବୋଲି ଅଭିଯୋଗ ହେଉଛି । ସରକାରୀ ଭାବେ ଖୋଲିଥିବା ମଦ ଦୋକାନରେ ମଧ୍ୟ ବୋତଲ ଉପରେ ଲେଖାଯାଇଥି ରେଟ ଚାର୍ଟ ଠାରୁ ୨୦ ରୁ ୩୦ ଟଙ୍କା ଅଧିକ ନେଉଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ସଦର, ଟାଉନ ଥାନା, ନିକିରାଇ, ପାଟକୁରା, ରାଜନଗର ଅଞ୍ଚଳରେ ନକଲି ମଦ କାରଖାନା ମୁଣ୍ଡ ଟେକୁଛି! ନକଲି କାରଖାନାରୁ ବିଦେଶୀ ମଦ ଦୋକାନକୁ ବିକ୍ରି ପାଇଁ ପଠାଯାଇଥିବା ଅଭିଯୋଗ ହେଉଛି। ନକଲି ମଦ ସରକାରୀ କାଉଣ୍ଟର ନେଲେ ପ୍ରଚୁର ଲାଭ ମିଳୁଛି ବୋଲି ମଦ କାଉଣ୍ଟରରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି। ତା'ଛଡ଼ା ସରକାରୀ ମଦଦୋକାନ ଗୁଡିକର ବିକ୍ରେତାମାନେ ବାଇକ୍‌ରେ ମଦନେଇ ଗାଁ ଗହଳିରେ ଖୋଲିଥିବା ଚୋରାମଦ ଦୋକାନରେ ଯୋଗାଉଛନ୍ତି। ସରକାରୀ ବାବୁମାନେ ମାସିକିଆ ବଟିନେଇ ଚୁପ୍ ରହୁଥିବାରୁ ଗାଁ ଗହଳିରେ ଚୋରାମଦ ସହିତ ଚୋରା ଗଞ୍ଜାଇ ବେପାର ବି ଦିବାଲୋକରେ ଚାଲୁଛି ।

ଅବକାରୀ ବିଭାଗର ଛତ୍ରଛାୟା ତଳେ ନିଶା କାରବାର କାୟାବିସ୍ତାର କରିବାରେ ଲାଗିଛି। ତୁରନ୍ତ ଏହି ନକଲି ଆଉ ଚୋରା ମଦ କାରବାର ସହିତ ଅନ୍ୟାନ୍ୟ ନିଶା କାରବାରରେ ରୋକ ନଲାଗିଲେ ଆଗକୁ ପରିସ୍ଥିତି ଭୟାନକ ହେବ ବୋଲି ମତପ୍ରକାଶ ପାଇଛି।

# ଛେଳି ଚୋରକୁ ପୁଲିସ ଜିମା ଦେଲେ ଗ୍ରାମବାସୀ

**ବୈଶିଙ୍ଗା, ୧।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତ ଅଧୀନ ସିଂହଡିହ ଗ୍ରାମରୁ ଛେଳି ଚୋରିକରୁଥିବା ସମୟରେ ଏକ ମୋଟରସାଇକେଲ ଓ ଜନୈକ ଯୁବକଙ୍କୁ ଗ୍ରାମବାସୀ କାବୁକରି ପୁଲିସ ଜିମା ଦେଇଥିବା ବେଳେ ଏନେଇ ବୈଶିଙ୍ଗା ପୁଲିସ ଗୁରୁବାର ରାତି ସାଢେ଼୯ଟାରେ ମାମଲା ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ବାଲେଶ୍ୱର ଜିଲ୍ଲା ସଦରଥାନା ଅଧୀନ ସହାର୍ଦ୍ଦା ଗ୍ରାମର ରବି ଦାସର ପୁଅ ରଞ୍ଜନ ଦାସ । ସୂଚନା ମୁତାବକ ରଞ୍ଜନ ନିଜର ସହଯୋଗୀ ସହିତ ସିଂହଡିହ ଗ୍ରାମକୁ ଓଡି-୦୧ଏଜେ-୪୭୪୨ନମ୍ବର ବିଶିଷ୍ଟ ମୋଟର ସାଇକେଲଯୋଗେ ଆସି ଛେଳି ଚୋରାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ରଞ୍ଜନକୁ କାବୁ କରିନେଇଥିଲେ । ତେବେ ଅନ୍ଧାରର ସୁଯୋଗ ନେଇ ରଞ୍ଜନର ସହଯୋଗୀ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା । ବାଇକ ସମେତ ରଞ୍ଜନକୁ କାବୁକରି ଗ୍ରାମବାସୀ ବୈଶିଙ୍ଗା ପୁଲିସକୁ ଜିମା ଦେଇଥିବା ବେଳେ ଏନେଇ ବୈଶିଙ୍ଗା ପୁଲିସ ଗୁରୁବାର ରାତି ସାଢେ଼୯ଟାରେ ମାମଲା ରୁଜୁକରି ମୋଟର ସାଇକେଲ ଜବତ କରିବା ସହିତ ରଞ୍ଜନକୁ ଗିରଫ କରି ତଦନ୍ତ ଚଳାଇଥିବା ଜଣାଯାଇଛି ।

# ଦୀପାବଳିରେ ଶରୀର ଦାନ ପାଇଁ ଶପଥ ନେଲେ ନରେଶ

**କେନ୍ଦ୍ରାପଡ଼ା, ୧।୧୧ (ସଂଚାର ବ୍ୟୁରୋ):** ଆଲୋକ ର ପର୍ବ ଦୀପାବଳୀରେ ଉତ୍ସବ ମୁଖର ହୋଇଥାଏ ଗାଁ ଠୁ ସହର । ଦ୍ୱୀପ ଟିଏ ଯେପରି ଜଳି ଅନ୍ଧାର କୁ ଆଲୋକିତ କରିଥାଏ, ସେହିପରି ମୃତ୍ୟୁ ପରେ ନିଜ ଶରୀର କୁ ଦାନ କରିବାକୁ ଦୀପାବଳୀ ଅବସରରେ ଅନ୍ୟକୁ ଆଲୋକିତ କରିବାକୁ ଆଗେଇ ଆସିଛନ୍ତି । ଏହି କାର୍ଯ୍ୟରେ ନିଜକୁ ଅଙ୍ଗୀକାର କରି ମେଡ଼ିକାଲ ବିଜ୍ଞାନ ପାଇଁ ମଧ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ନରେଶ କୁମାର ଜେନା। କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ



ଜଳପୋକ ପଞ୍ଚାୟତର ପକ୍ଷେଟ ଗ୍ରାମରେ ଜନ୍ମ ଗ୍ରହଣ କରିଛନ୍ତି ନରେଶ କୁମାର ଜେନା। ଜୀବନ ର ଅର୍ଦ୍ଧାଧିକ ସମୟ ବିଭିନ୍ନ ପ୍ରକାର ସେବାରେ ସେ ନିଜକୁ ପୂର୍ବରୁ ନିମଗ୍ନ କରିଆସିଥିବା ବେଳେ, ଏବେ କେନ୍ଦ୍ରାପଡ଼ା ଜିଲ୍ଲାର ସେବା କ୍ଷେତ୍ରରେ ଥିବା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କ କାର୍ଯ୍ୟ ଦେଖିସେ ଦୀପାବଳିର ପବିତ୍ର ମୁହୁର୍ତରେ ଟ୍ରଷ୍ଟ ସହ ଯୋଗଦାନ କରିଥିଲେ। ଏହା ସହ ଟ୍ରଷ୍ଟ ର ସବୁ ସେବା ରେ ଯୋଗଦାନ କରିବା ଓ ମୃତ୍ୟୁ ପରେ ମଧ୍ୟ ସମାଜ ର କାର୍ଯ୍ୟରେ ଲାଗିବାକୁ ସେଥିପାଇଁ ନିଜ ଶରୀର ଦାନ ପାଇଁ ଅଙ୍ଗୀକାର କରିଛନ୍ତି । ଏହି କାର୍ଯ୍ୟକ୍ରମ ସଦର ଥାନା ନିକଟ ରେ ଥିବା ପତିତ ପାବନ ମନ୍ଦିର ରେ କରଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଙ୍ଗଦାନ ଅଭିଯାନ ର ସଦସ୍ୟ ବିଜୟ ପରିଡ଼ା ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ୨୧ ବର୍ଷୀୟ ଯୁବକ ମୃତ

**କେନ୍ଦ୍ରାପଡ଼ା, ୧।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନରେ ପାଟକୁରା ଥାନା ଅଧୀନରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ୨୧ ବର୍ଷୀୟ ଯୁବକ ଗାଁ ପୋଖରୀକୁ କଇଁ ପତ୍ର ତୋଳିବାକୁ ଯାଇଥିବା ସମୟରେ ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଏଭଳି ଏକ ବିଦାରକ ଘଟଣା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଞ୍ଚାୟତର ଥିବା ମାଣିକପୁର ଗ୍ରାମରେ ଦେଖିବାକୁ ମିଳିଛି । ଏହି ଗ୍ରାମର ଶିବଶଙ୍କର ବେହେରାଙ୍କ ୨୧ ବର୍ଷର ଏକମାତ୍ର ପୁତ୍ର ବିଜ୍ଞାନ ବେହେରା ପାଖ ଗାଁ ପୋଖରୀରେ ବଡବଡୁଆକୁ ଡାକିବା ପାଇଁ ବ୍ୟବହାର କଇଁପତ୍ର ସଂଗ୍ରହ କରିବାକୁ ଯାଇଥିଲେ ହେଲେ ସେଠାରେ ପତ୍ର ତୋଳିବା ତାଙ୍କ ପାଇଁ କାଳ ସାଜିଛି । ଯାହା ଫଳରେ ବିଜ୍ଞାନ ପାଣିରେ ବୁଡିବା ପରେ ଘଟଣା ସ୍ଥଳରେ ଅଚେତ ହୋଇଥିବା ଦେଖିବାକୁ ପାଇଥିଲେ । ପରିବାର ଓ ଗ୍ରାମର କିଛି ବେକ୍ତି ସଙ୍ଗେ ସଙ୍ଗେ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତ ଶରୀର ବ୍ୟବଚ୍ଛେଦ ପାଇଁ ତୁରନ୍ତ ସମସ୍ତ ବନ୍ଦୋବସ୍ତ କରିବା ସହ ଗାଁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏଭଳି ଦୁଃଖଦ ଘଟଣାରେ ପରିବାରର ସଦସ୍ୟ ଭାଙ୍ଗି ପଡ଼ିଥିବା ବେଳେ ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକରେ ଛାୟା ଖେଳିଯାଇଛି। ସ୍ଥାନୀୟ ଅଂଚଳର ଲୋକ ଏନେଇ ଦୁଃଖ ପ୍ରକାଶ କରିଛନ୍ତି ।

# ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ

**ପୁରୀ, ୧।୧୧ (ସଂଚାର ବ୍ୟୁରୋ):** ସଂସ୍କୃତି ଭବନ ସ୍ଥିତ ରେଜିଓନାଲ ଆର୍ଟ ଗ୍ୟାଲେରୀ ରେ ଶିଳ୍ପୀ ସନ୍ତୋଷ ସେଠୀଙ୍କ ଦ୍ୱାରା ପ୍ରସ୍ତୁତ ମୋ ମନର ଜଗନ୍ନାଥ ଶୀର୍ଷକ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇ ଥିଲା। ଏହାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ପ୍ରତ୍ୟେକ କଳାକାର ଜଣେ ଜଣେ ଦିବ୍ୟ ପ୍ରତିଭାର ଅଧିକାରୀ। ସେମାନଙ୍କ ସାଧନା ଓ ପରିଶ୍ରମ ବଳରେ ସେମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। କଳାକାର ସନ୍ତୋଷଙ୍କ ଚିତ୍ର ଗୁଡିକ ଏତେ ଜୀବନ୍ତ ଓ ଆକର୍ଷଣୀୟ ଯେ ତାହା ଦର୍ଶକକୁ ବାରମ୍ବାର ଆକୃଷ୍ଟ କରୁଛି ବୋଲି କହିଥିଲେ।

ଏହି ଉଦଘାଟନ ସମୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ



ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ସମରଥ, ବରିଷ୍ଠ ଶିଳ୍ପୀ ଚନ୍ଦ୍ର ଶେଖର ମହାରଣା, ଆର୍ଟ ଗ୍ୟାଲେରୀ ତତ୍ତ୍ୱାବଧାରକ ସତ୍ୟ ପାଢ଼ୀ ଅନ୍ୟାନ୍ୟ କଳାକାର ଓ ଦର୍ଶକ ଉପସ୍ଥିତ ଥିଲେ।ଏହି ପ୍ରଦର୍ଶନୀ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ।ପ୍ରତ୍ୟହ ଦିବା ୧୧ ଘଟିକା ରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପୀ ସନ୍ତୋଷ ସେଠୀ ସୂଚନା ଦେଇଛନ୍ତି।

# ନାହାଁନ୍ତି ଉପତହସିଲଦାର, ଲୋକେ ନିରାଶ

**ବାଲିଅନ୍ତା, ୧।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଲିଅନ୍ତା ତହସିଲ ଏକ ମୁଖ୍ୟ ତହସିଲ ଭାବେ ଜଣାଶୁଣା କାରଣ ରାଜ୍ୟ ରାଜସ୍ୱ ଆୟ ଓ ବିପର୍ଯ୍ୟୟ ପରିଚାଳକ ଅନ୍ୟତମର ମୁଖ୍ୟ ଉଦାହରଣ ବାଲିଅନ୍ତା ତହସିଲ। ତାହା ସହ ଅନେକ ଜନସାଧାରଣ ଅନେକ ସମୟରେ ତାଙ୍କର ବିଭିନ୍ନ ସମସ୍ୟା ତଥା ଜମିଜମା କାର୍ଯ୍ୟ ହେଉ କିମ୍ବା ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ଓ ଜାତି ପ୍ରମାଣପତ୍ର କାରଣକୁ ନେଇ ବାଲିଅନ୍ତା ତହସିଲକୁ ଯାଇଥାଆନ୍ତି। କିନ୍ତୁ ଯେତେବେଳେ ଲୋକମାନେ ନିଜର ଅଭିଯୋଗ କିମ୍ବା ସମସ୍ୟାକୁ ନେଇ ବାଲିଅନ୍ତା ତହସିଲ ଯାଇଥାଆନ୍ତି ସେଠି ତହସିଲ ଅଧିକାରୀଙ୍କ



ଅନୁପସ୍ଥିତି ଜନସାଧାରଣଙ୍କୁ ଅନେକ ବ୍ୟାଘାତ କରିଥାଏ। କେହି କେହି ମାନସିକ ସ୍ତରରେ ଅନେକ ଭାଙ୍ଗିପଡ଼େ ତ ଆଉ କେହି ତହସିଲରୁ ନ୍ୟାୟ ଆଶାରେ ବସିଥାଏ। କାରଣ ବାଲିଅନ୍ତା ଅଞ୍ଚଳର ଲୋକମାନେ ଉପ ତହସିଲଦାରଙ୍କୁ ଭେଟି ପାରନ୍ତିନାହିଁ। କେବେ କେବେ ଲୋକଙ୍କୁ ଅନେକ ସମୟ ଅପେକ୍ଷା କରିବାକୁ ପଡ଼େ। ଯଦି ତହସିଲଦାର ସେ ଦିନ ଅନୁପସ୍ଥିତ ରୁହନ୍ତି ତେବେ ଲୋକଙ୍କୁ ସେଦିନ ନିରାଶ ହୋଇ ଫେରିବାକୁ ପଡ଼ିଥାଏ।

ବାଲିଅନ୍ତା ଜନସାଧାରଣଙ୍କର ଏହା ଦିନିକିଆ ଅଭିଯୋଗ ନୁହେଁ ଯେ ଏହା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇ ଗଲାଣି। ତେବେ ବାଲିଅନ୍ତା ଉପ ତହସିଲଦାରଙ୍କ ଏପରି କାର୍ଯ୍ୟକୁ ବାଲିଅନ୍ତା ଅଞ୍ଚଳବାସୀ ଘୋର ନିନ୍ଦା କରିଛନ୍ତି।

## ଦୀପାବଳି ପରେ ବାଣ ବିକିବା ହେଲା ମହଙ୍ଗା

# ଦୁଇ ବସ୍ତା ବାଣ ସହ ବିସ୍ଫୋରକ ଜବତ

**କେନ୍ଦ୍ରାପଡ଼ା, ୧।୧୧ (ସଂଚାର ବ୍ୟୁରୋ):** ଦୀପାବଳି ପରେ ବାଣ ବିକିବା ପଡିଲା ମହଙ୍ଗା, ଦୁଇ ବସ୍ତା ବାଣ ସହ ବିସ୍ଫୋରକ ଅଫୁଟା ବୋମା ଭଳି ଗଡ଼ମା ଜବତ କରିଛି ଚାନ୍ଦୋଳ ଫାଣ୍ଡି ପୋଲିସ । ଶୁକ୍ରବାର ରାତିରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଷଣ୍ଢ ବଜାରରେ କିଛି ବାଣ ଦୋକାନୀ ଦୀପାବଳି ପରେ ମଧ୍ୟ ଅନେକ ବିସ୍ଫୋରକ ବାଣ, ସମେତ ଅନେକ



ଗଡ଼ମା ବାଣ ବିକୁଥିଲେ । ତେବେ ନିୟମ ବାହାରେ ଏଭଳି ବାଣ ବିକ୍ରୀ କରୁଥିବା ସମୟରେ ଚାନ୍ଦଳ ଫାଣ୍ଡି ପୁଲିସ୍ ବାଣ ବିକୁଥିବା ଦୋକାନ ଉପରେ ଚଢ଼ାଉ କରି ଦୁଇ ବସ୍ତା ଅଫୁଟା ବାଣ ସହ ବିସ୍ଫୋରକ ବୋମା ଓ ଗଡ଼ମା ଜବତ କରିଥିଲେ। ସିଜ ହୋଇଥିବା ବାଣ ସବୁ କେନ୍ଦ୍ରାପଡ଼ା ସଦର ଥାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଗତ ଗୁରୁବାର ଦୀପାବଳି ଅବସରରେ ୩୧ ତାରିଖରେ ବାଣ ବିକିବାକୁ ଅନୁମତିଥିଲା କିନ୍ତୁ ଶୁକ୍ରବାର ପାଇଁ ବାଣ ବିକିବାକୁ ପ୍ରଶାସନିକ ଅନୁମତି ନଥିବାରୁ ପୋଲିସ ଆକ୍ସନ ମୁଡ଼ରେ ଆସି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି ।

# ଟ୍ରିପଲ 'ଏ'ରେ ଦୀପାବଳି ଏବଂ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଖୋର୍ଦ୍ଧା, ୧।୧୧ (ସଂଚାର ବ୍ୟୁରୋ):** ଗୁରୁବାର ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ଦୀପାବଳୀ ଏବଂ ରାଷ୍ଟ୍ର ଏକତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପ୍ରତିଷ୍ଠାତା ଡା.ନନ୍ଦକିଶୋର ପଟ୍ଟନାୟକ, ପାଠ୍ୟ ସଂଯୋଜକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ବିଦ୍ୟାଳୟର ପ୍ରଶାସନ ମୁଖ୍ୟ ଶ୍ରୀମତୀ ମିତାଲି ପରିଡା ଉପସ୍ଥିତ ଥିଲେ। ବିଦ୍ୟାଳୟର ନର୍ସରୀଠାରୁ ୟୁ.କେ.ଜୀ. ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏବଂ ଶିକ୍ଷୟିତ୍ରୀମାନେ ଏକତ୍ରିତ ହୋଇ ଖୁବ୍ ଜାକଜମକରେ ଦୀପ ଜାଳି ବାଣ ଫୁଟାଇ ରାମ ଲକ୍ଷ୍ମଣ ସୀତା ଆଉ ହନୁମାନଙ୍କ ବେଶ ଧାରଣ କରି ପରସ୍ପରକୁ ମିଠା ଖୁଆଇ ଦୀପାବଳୀ ପାଳନ କରିଥିଲେ।

ଠିକ୍ ସେହିପରି ସାମାଜିକ ବିଜ୍ଞାନ ବିଭାଗ ଦ୍ୱାରା ରାଷ୍ଟ୍ର ଏକତା ଦିବସ ପାଳନ କରାଯାଇଥିଲା । ପ୍ରଥମେ ପିଲାମାନେ ଆମ ଦେଶରେ ଏକତା ବଜାୟ ରଖିବା ପାଇଁ ଶପଥ ପାଠ କରିଥିଲେ ଓ



ଗଣ ଦୌଡରେ ଭାଗ ନେଇଥିଲେ। ତା'ପରେ ପିଲାମାନେ ବିଭିନ୍ନ ରାଜ୍ୟର ପୋଷାକ ପରିଧାନ କରି ସେମାନଙ୍କର ଖାଦ୍ୟ, ଭାଷା ଏବଂ ନୃତ୍ୟକୁ ଅତି ସୁନ୍ଦର ଭାବରେ ପରିବେଷଣ କରିଥିଲେ । ଏହି ଦୁଇଟି ନିଆରା କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଦିପ୍ତିମୟୀ ମହାନ୍ତିଙ୍କ ପରୋକ୍ଷ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା । ସଭା କାର୍ଯ୍ୟକ୍ରମକୁ ଅଷ୍ଟମ ଶ୍ରେଣୀର ଛାତ୍ରୀ ଶୁଭ୍ରଶ୍ରୋତା ରାଜଗୁରୁ ପରିଚାଳନା କରିଥିଲେ।

# ଯାଜପୁରରେ କାଳୀ ପୂଜା ପାଇଁ ଟ୍ରାଫିକ କଟକଣା

**ଯାଜପୁର, ୧।୧୧ (ସଂଚାର ବ୍ୟୁରୋ):** କାଳୀ ପୂଜା ଉପଲକ୍ଷେ ଯାଜପୁର ଟାଉନରେ ଜନ ସମାଗମକୁ ଲକ୍ଷ୍ୟ କରି ସମସ୍ତ ଜନ ସାଧାରଣଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଲାଗି ନିର୍ଦ୍ଦେଶନାମା ଜାରୀ କରିଛନ୍ତି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ। ୧ ତାରିଖ ଠାରୁ ୯ ତାରିଖ ଯାଏଁ ଅପରାହ୍ନ ୪ ଘଟିକା ଠାରୁ ରାତ୍ର ୧ ଘଟିକା ପର୍ଯ୍ୟନ୍ତ କଟକ ସହର ଆଡୁ ଆସୁଥିବା ସମସ୍ତ ଚାରିଚକିଆ ଯାନ/ବସ ଓ ଭାରି ଯାନ ମାନସା ପୋଲ ଦେଇ କିଆନାଳି ଛକରୁ ସିଧା ରିଙ୍ଗ ରୋଡ ରେ ଯାଇ ବଲ୍ଲଭୀ ଘାଟ, ସୁନ୍ଦରୀମୁହଁ ଦେଇ ମଙ୍ଗଳପୁର ଯିବେ। ସେହିପରି ମଙ୍ଗଳପୁର ଆଡୁ ଆସୁଥିବା ଗାଡି ଗୁଡ଼ିକ ଏହି ରୁଟ ରେ କଟକ ଯିବେ। କଟକ ସହର ଆଡୁ ଆସୁଥିବା ସମସ୍ତ ଚାରିଚକିଆ ଯାନ/ବସ ଓ ଭାରି ଯାନ ମାନସା ପୋଲ ଦେଇ ବୈଦରାଜପୁର୍ ପୋଲ ଛକରୁ ଅଠର ନଳାରେ ବାହାରି ବିଂଝାରପୁର ଯିବେ। ସେହିପରି ବିଂଝାରପୁର ଆଡୁ ଆସୁଥିବା ଗାଡି ଗୁଡ଼ିକ ଏହି ରୁଟ ରେ କଟକ ଯିବେ।

ସେହିପରି ଗାନ୍ଧୀ ଛକ ଠାରୁ ସମସ୍ତ ଚାରିଚକିଆ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଥାନା ଆଡକୁ ଯିବେ ନାହିଁ କେବଳ ଚାଲିବା ଲୋକଙ୍କୁ ଯିବା ପାଇଁ ଅନୁମତି ଦିଆଯିବ। ଯୋଡ଼ିକୂଅ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଗରିଆପୁର ଆଡକୁ ଛଡ଼ା ଯିବ ନାହିଁ। ଗରିଆପୁର ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଯୋଡିକୂଅ ଆଡକୁ ଛଡ଼ା ଯିବ ନାହିଁ। ବଲ୍ଲଭୀ ଘାଟ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଗରିଆପୁର ଆଡକୁ ଛଡ଼ା ଯିବା ନାହିଁ। ମହିଳା କଲେଜ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଗରିଆପୁର ଆଡକୁ ଛଡାଯିବ ନାହିଁ। ରେଡ୍ କ୍ରସ୍ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ମେଡିକାଲ ଛକ ଆଡ଼କୁ ଛଡ଼ା ଯିବ ନାହିଁ। ଗରିଆପୁର ୟୁ.ଜି. ଏମ ସ୍କୁଲ୍ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଗରିଆପୁର ଆଡକୁ ଛଡାଯିବ ନାହିଁ। କାଳିମେଘା ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଟା ଠାରୁ ଗରିଆପୁର ଆଡକୁ ଛଡାଯିବ ନାହିଁ। କୁଆଁସରପୁର ଛକରୁ ଆବଶ୍ୟକ ସ୍ଥଳେ ସମସ୍ତ ଯାନ ବାହନ ଭାଗବତପୁର, ମହାବୀର ଛକ ଦେଇ ରେଡ୍ କ୍ରସ ଛକରେ ବାହାରିବେ।

ଅମ୍ବିକାଇ ଛକରୁ ସମସ୍ତ ଯାନ ବାହନ ଗରିଆପୁର ଆଡକୁ ଦିବା ୪ ଘଟିକା ଠାରୁ ଛଡ଼ା ଯିବ ନାହିଁ। ବଲ୍ଲଭୀ ଘାଟ ଛକରୁ ସମସ୍ତ ଚାରିଚକିଆ ଯାନ, ଦୁଇ ଚକିଆ ଯାନ ଅପରାହ୍ନ ୪ ଘଟିକା ଠାରୁ ବଡ଼ ବଜାର ଆଡକୁ ଛଡ଼ା ଯିବ ନାହିଁ। ଥାନା ଗଡା, ପୁରୁଣା ଦମକଳ ଗଡା, ମାର୍କେଟ ଗଡା, ହର ପାର୍ବତୀ ଗଡା, ବନସ୍ପତି ଭଣ୍ଡାର ଗଡା, ଜଗନ୍ନାଥ ମନ୍ଦିର (ବଡ଼ ବଜାର) ଗଡା, କୌଣସି ଯାନବାହନ ୪ ଘଟିକା ଠାରୁ ବଜାର ଭିତରକୁ ଛଡାଯିବ ନାହିଁ। ନାରାୟଣ ଛକରୁ କୌଣସି ଯାନବାହନ ଗରିଆପୁର୍ ଏବଂ ବଡ ବଜାର ରାସ୍ତାରେ ଛଡ଼ା ଯିବ ନାହିଁ। କାଳୀ ପୂଜା ଉପଲକ୍ଷେ ଆସୁଥିବା ଯାନବାହନ ଗୁଡିକ କୁସୁମା ଏବଂ ବାଳାଶ୍ରମ ପଡ଼ିଆରେ ପାର୍କିଂ ର ବ୍ୟବସ୍ଥା କରାଯାଇଛି।

# ଦୀପାବଳିରେ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

**ପଟ୍ଟାମୁଣ୍ଡାଇ, ୧।୧୧ (ସଂଚାର ବ୍ୟୁରୋ):** ଆଲୋକର ପର୍ବ ଦୀପାବଳି ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବମୁଖର ହୋଇପଡିଛି । ଦେଶ ବିଦେଶ ଓ ରାଜ୍ୟ ବାହାରେ ଥିବା ଲୋକମାନେ ଦୀପାବଳି ପାଳିବା ସହିତ ପିତୃ ପୁରୁଷଙ୍କୁ ପିଣ୍ଡାଇ ଡାକିବା ପାଇଁ ନିଜ ଜନ୍ମମାଟି ଗାଁକୁ ଫେରି ଆସିଥିବା ଦେଖାଯାଇଛି । ଏହି ପର୍ବର ଗୁରୁତ୍ୱ ପ୍ରତି ଘରେ ଘରେ ଦେଖିବାକୁ ମିଳିଛି । ଏହି ପବିତ୍ର ଦୀପାବଳି ଉତ୍ସବରେ ଆବାଳ ବୃଦ୍ଧ ବନିତା ସାମିଲ ହୋଇ ଖୁସି ମନାଉଛନ୍ତି।

ଦୀପାବଳି ଉତ୍ସବ ପାଳନ ବେଳେ କୌଣସି ଅଘଟଣ ରୋକିବା ପାଇଁ ବାଣ ବିକ୍ରି ଉପରେ ପ୍ରଶାସନ ପକ୍ଷରୁ କଡା କଟକଣା ଜାରି କରାଯାଇଥିଲା । ଏପରିକି କେତେକ ବାଣ ଗୋଦାମକୁ ପୋଲିସ ଚଢ଼ାଉ କରିଥିଲା । ଶେଷରେ ଜନସାଧାରଣଙ୍କ ସୁବିଧା ପାଇଁ କେବଳ ଲାଇସେନ୍ସଧାରୀ ବାଣ ଦୋକାନୀଙ୍କୁ ଏମ ଏନ ହାଇସ୍କୁଲ ପରିସରରେ ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା । ଏମ ଏନ ହାଇସ୍କୁଲ ପଡିଆରେ ୨୦ରୁ ଉର୍ଦ୍ଧ ବାଣ ଦୋକାନ ଖୋଲା ଯାଇ ଅଯଥା ଭିଡ଼ ରୋକିବା ସହିତ ଶୃଙ୍ଖଳିତ ଭାବେ ବାଣ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଥିଲା। ସମାଜସେବୀ ଆଡ଼ଭୋକେଟ ସଂଜୀବ କର, ମଣ୍ଟୁ ଦାସ ଓ ସୌମ୍ୟେନ୍ଦ୍ର ବେହେରା ନିରାପଦ ଭାବେ ସତର୍କତାର ସହିତ ବାଣ ଫୁଟାଇ ଦୀପାବଳି ଉତ୍ସବ ମନାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିବା ସହିତ ଜନସଚେତନତା ସୃଷ୍ଟି କରିଥିଲେ । ବାଣ କିଣିବା ପାଇଁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା । ଦୀପାବଳି ଉତ୍ସବକୁ ଆନନ୍ଦ ଉଲ୍ଲାସର ସହିତ ଶୃଙ୍ଖଳିତ ଓ ନିରାପଦ ଭାବେ ପାଳନ କରିବା ଓ କୌଣସି ଅଘଟଣ ଏଡାଇବା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଓ ଆଇ ଆଇ ସି ସୁଶାନ୍ତ ସାହୁ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଡ଼ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବିଜେପି ନେତା ଲଳିତ ବେହେରା ପ୍ରମୁଖ ଜନସାଧାରଣଙ୍କୁ ଦୀପାବଳି ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ପେଡ଼ିଆଟ୍ରିକ୍ ର୍ୟୁମାଟୋଲୋଜିକୁ ନେଇ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଗତ ଅକ୍ଟୋବର ୨୭ ତାରିଖ ଦିନ ଆୟୋଜିତ ପେଡ଼ିଆଟ୍ରିକ ର୍ୟୁମାଟୋଲୋଜି ଉପରେ ୩-ଦିନିଆ ୨୨ତମ ଜାତୀୟ ସମ୍ମିଳନୀ (ଏନ୍‌ସିପିଆର୍-୨୦୨୪) ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ସାରା ଦେଶରୁ ପ୍ରାୟ ୩୦୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଶିଶୁମାନଙ୍କ କ୍ଷେତ୍ରରେ ର୍‌ୟୁମାଟୋଲୋଜି ଏବଂ ଇମ୍ୟୁନୋଲୋଜିକୁ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହିଁ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମ୍ମିଳନୀରେ ଜର୍ମାନୀର ଦୁଇ ଜଣ ବିଶେଷଜ୍ଞ ଡାକ୍ତର ଡିର୍କ ଫୋଏଲ୍ ଏବଂ ଡାକ୍ତର ଏନ୍. ଧନ୍ୟଲକ୍ଷ୍ମୀ ଯୋଗ ଦେଇ ଅଟୋ ଇନ୍‌ଫ୍ଲାମେଟୋରୀ ରୋଗ ଓ ଜେନେଟିକ୍ସ ସମ୍ପର୍କରେ ସେମାନଙ୍କର ଅନୁଭୂତି ବଖାଣିଥିଲେ। ମଧୁମେହ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱୟଂସିଦ୍ଧ ମଙ୍ଗରାଜ ଏବଂ ଡାକ୍ତର ମନୋରଞ୍ଜନ ତ୍ରିପାଠୀ ପେଡ଼ିଆଟ୍ରିକ୍ ଅଷ୍ଟିଓପୋରୋସିସ୍ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ମମତା ଦେବୀ ମହାନ୍ତି ଏବଂ ପାଠ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ମୃତ୍ୟୁଞ୍ଜୟ ଦାଶ ଯୋଗ ଦେଇଥିଲେ। ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ପେଡ଼ିଆଟ୍ରିକ୍ ର୍ୟୁମାଟୋଲୋଜି ଏବଂ ଇମ୍ୟୁନୋଲୋଜି ସମ୍ପର୍କିତ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରିଥିବା ବେଳେ ସମ୍ମିଳନୀରେ ପୋଷ୍ଟ ଗ୍ରାଜୁଏଟ୍ ଏବଂ ସୁପରସ୍ପେଶିଆଲିଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମ୍ମିଳନୀକୁ ପ୍ରଫେସର (ଡାକ୍ତର) ପ୍ରଶାନ୍ତ କୁମାର ସାବତ, ପ୍ରଫେସର (ଡାକ୍ତର) ବିକ୍ରାନ୍ତ କୁମାର ପୃଷ୍ଟି, ଆସୋସିଏଟ୍ ପ୍ରଫେସର ଡାକ୍ତର ବ୍ରଜକିଶୋର ବେହେରା, ଡାକ୍ତର ବିଭୁଦତ ଦାଶ ଏବଂ ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ନିତୀଶ ଜେନା, ଡାକ୍ତର ଚନ୍ଦ୍ରଶେଖର ପାତ୍ର, ଡାକ୍ତର ଅବିନାଶ ନାୟକ, ଡାକ୍ତର ଶୁଭଜିତ ଏବଂ ଡାକ୍ତର ସିଦ୍ଧାନ୍ତ ସ୍ୱରୂପ ପରିଚାଳନା କରିଥିବା ବେଳେ ପେଡ଼ିଆଟ୍ରିକ୍ ର୍ୟୁମାଟୋଲୋଜିଷ୍ଟ ଡାକ୍ତର ଦେବାଶିଷ ପାତ୍ରୋ କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଥିଲେ।

# 'ନମୋ ଡ୍ରୋନ ଦିଦି'ର ପରିଚାଳନା ମାର୍ଗଦର୍ଶିକା ଜାରି

**ନୂଆଦିଲ୍ଲୀ,୧।୧୧:** ଡିଏୱାଇ- ଏନଆରଏଲଏମ ଅଧୀନରେ ୧୨୬୧ କୋଟି ଟଙ୍କା ବ୍ୟୟ ଅଟକଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଡ୍ରୋନ ଯୋଗାଇବା ପାଇଁ କେନ୍ଦ୍ରୀୟ ଯୋଜନା 'ନମୋ ଡ୍ରୋନ୍ ଦିଦି' କୁ ସରକାର ଅନୁମୋଦନ ଦେଇଛନ୍ତି। ଏହି ଯୋଜନାରେ ୨୦୨୪- ୨୫ ରୁ ୨୦୨୫ -୨୦୨୬ ମଧ୍ୟରେ ୧୪୫୦୦ ମନୋନୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ କୃଷକମାନଙ୍କୁ ଭଡ଼ା ଦେବା (ବର୍ତ୍ତମାନ ପାଇଁ ତରଳ ସାର ଓ କୀଟନାଶକ ପ୍ରୟୋଗ) ପାଇଁ ଡ୍ରୋନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। କୃଷି ଓ କୃଷକ କଲ୍ୟାଣ ବିଭାଗ ଏହି ଯୋଜନାର ପରିଚାଳନା ନିର୍ଦ୍ଦେଶାବଳୀ ଜାରି କରିଛି ଏବଂ 'ନମୋ ଡ୍ରୋନ୍ ଦିଦି' ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଏହି ପରିଚାଳନା ନିର୍ଦ୍ଦେଶାବଳୀର ଅର୍ଥପୂର୍ଣ୍ଣ ଉପଯୋଗ କରିବାକୁ ସମସ୍ତ ଅଂଶୀଦାରଙ୍କୁ ଅନୁରୋଧ କରାଯାଇଛି। ପରିଚାଳନା ନିର୍ଦ୍ଦେଶାବଳୀର ମୁଖ୍ୟ ଉପାଦାନଗୁଡ଼ିକ ନିମ୍ନଲିଖିତ ପ୍ରକାରର ଅଟେ :- କୃଷି ଓ କୃଷକ କଲ୍ୟାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସାର ବିଭାଗ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବଙ୍କ କ୍ଷମତାସମ୍ପନ୍ନ କମିଟି ଦ୍ୱାରା ଏହି ଯୋଜନା କେନ୍ଦ୍ର ସ୍ତରରେ ପରିଚାଳିତ ହେବ। - ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କାର୍ଯ୍ୟକାରୀ ଓ ତଦାରଖ କମିଟି ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କ ପ୍ରତିନିଧିତ୍ୱ ଏହି ଯୋଜନାର ପ୍ରଭାବଶାଳୀ ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ ପାଇଁ ଦାୟୀ ରହିବ ଏବଂ ଏହା ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧୀୟ ସମସ୍ତ ବୈଷୟିକ ବିଷୟରେ ସାମଗ୍ରିକ ପରାମର୍ଶ ଏବଂ ମାର୍ଗଦର୍ଶନ ପ୍ରଦାନ କରିବ।



## ମାଟି ତଳେ ଚାପି ହୋଇଗଲେ ବାପ ଝିଅ

**ଯାଜପୁର,୧।୧୧(ସଂଚାର ବ୍ୟୁରୋ):** କେନାଲ ବନ୍ଧକୁ ଶୌଚ ହେବା ପାଇଁ ଯିବା ବେଳେ ବାପାଝିଅଙ୍କ ଉପରେ ଖସିଲା ମାଟି ଅତଡ଼ା। ମାଟି ତଳେ ଚାପି ହୋଇ ୮ବର୍ଷ ଝିଅର ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ନଡ଼ିଆଭଙ୍ଗା ବାଉଁଶନଳୀ ଗାଁରେ ଏହି ଅଘଟଣ ଘଟିଛି। ମୃତକ ହେଲେ ବାଉଁଶନଳୀ ଗାଁର ଈଶ୍ୱର ମୁଣ୍ଡା ଓ ତାଙ୍କ ଝିଅ ଗୀତା ମୁଣ୍ଡା। ଈଶ୍ୱର ମୁଣ୍ଡାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ଈଶ୍ୱର ଓ ତାଙ୍କ ଝିଅ ରେଙ୍ଗାଲି କେନାଲ ବନ୍ଧ ନିକଟକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ସେମାନଙ୍କ ଉପରେ ମାଟି ଅତଡ଼ା ଖସି ପଡ଼ିଥିଲା। ବାପ ଝିଅ ମାଟି ତଳେ ପୋତି ହୋଇଯାଇଥିଲେ। ସ୍ଥାନୀୟ ଲୋକ ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବାପାଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ




**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ଶିକ୍ଷକମାନେ ଦେଶ ଓ ଜାତିର ନିର୍ମାତା ହୋଇଥିବାରୁ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନରେ ସେମାନଙ୍କର ଭୂମିକା ସର୍ବଦା ଅଗ୍ରଗଣ୍ୟ ବୋଲି ମତପ୍ରକାଶ କରିଛନ୍ତି ବରିଷ୍ଠ ପୋଲିସ ପ୍ରଶାସକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଅନୁଷ୍ଠିତ ଦୁର୍ନୀତି ନିବାରଣ ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରିୟଦର୍ଶୀ ସାଲିଆସାହିରୁ ସିଙ୍ଗାପୁର ପର୍ଯ୍ୟନ୍ତ ଅନେକ ଦୃଷ୍ଟାନ୍ତ ଦେଇ ସାମାଜିକ ସନ୍ତୁଳନ କିଭଳି ପରିଚୟକୁ ପରିବ୍ୟାପ୍ତ କରେ ତାହା ଦର୍ଶାଇଥିଲେ। ସେ କହିଲେ ଯେ, ଉଚ୍ଚାରଣ ଓ ଆଚରଣରେ ସମତା ନ ରହିଲେ ଆମ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଦୁର୍ନୀତିର ଦୂରୀକରଣ ସମ୍ଭବ ନୁହେଁ। ବ୍ୟକ୍ତିଗତ ସ୍ୱାର୍ଥସାଧନ ସର୍ବଦା ଦୁର୍ନୀତିର ମୂଳ କାରଣ ହୋଇଥିବାରୁ ଛାତ୍ରଛାତ୍ରୀଗଣ ବ୍ୟକ୍ତିର ଊର୍ଦ୍ଧ୍ୱରେ ଦେଶ, ଜାତି, ଗୋଷ୍ଠୀ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରି ବିକାଶଶୀଳ ପରିଚୟକୁ ବିକଶିତରେ ପରିବର୍ତ୍ତନ କରିବାକୁ ହେଲେ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ହୋଇ ଦୁର୍ନୀତିକୁ ଦୂରେଇବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ପ୍ରତିଷ୍ଠାନର ଡିନ୍ ପ୍ରେଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପରିଶେଷରେ ଡକ୍ଟର କଳିଙ୍ଗ କେତକୀ ଧନ୍ୟବାଦାର୍ପଣ କରିଥିଲେ।

# ଓସିଏସ୍ ପାଇଥିବା କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** 'ଦିନେ ଛେଳି ଚରାଉଥିଲି । ଆଜି କିସ୍ ପାଇଁ ଯୁକ୍ତ ଦୁଇ, ଯୁକ୍ତ ତିନି, ଏମବିଏ ଭଳି ଉଚ୍ଚଶିକ୍ଷା ଲାଭକରି ଶେଷରେ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିଛି । ଏଥିପାଇଁ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଉଛି ।' ଏହା ଥିଲା କିସ୍ ଛାତ୍ର ତଥା ନିକଟରେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବଲାଙ୍ଗୀର ଜିଲ୍ଲାର ଜଗଜ୍ଜୀବନ ମାଝୀଙ୍କ ପ୍ରତିକ୍ରିୟା । ଏହି ସଫଳତା ପାଇଁ ସେ କିସ୍‌କୁ କୃତଜ୍ଞତା ଜଣାଇଥିଲେ । କେବଳ ଜଗଜ୍ଜୀବନ ନୁହନ୍ତି, ଚଳିତବର୍ଷ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ କିସ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୨ଜଣ ସଫଳ ଛାତ୍ରଛାତ୍ରୀ କିସ୍ ପ୍ରତି ସେମାନଙ୍କର କୃତଜ୍ଞତା ଜଣାଇଥିଲେ । ଆଜି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଓଡ଼ିଶା ଭାଷା, ସାହିତ ଓ ସଂସ୍କୃତି, ସାମାଜିକ ବିଭାଗ, ତଥା ସାମାଜିକ ନ୍ୟାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରି କହିଲେ, କଠିନ ଅଧ୍ୟବସାୟ ଓ ଈଶ୍ୱର ତଥା କର୍ମ ଉପରେ ବିଶ୍ୱାସ ରଖିଲେ ସଫଳତା ମିଳିଥାଏ । ବିପଦ ସମୟରେ ବିଚଳିତ ନ ହୋଇ ସେହି ସମୟର ସଦୁପଯୋଗ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କିସ୍‌ର ୧୨ ହଜାର ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରିବା ସହ ଶ୍ରୀ ସାମନ୍ତ କହିଲେ, କିସ୍ ଛାତ୍ରଛାତ୍ରୀମାନେ ଯେଭଳି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ସେଥିପାଇଁ କିସ୍‌ରେ ସମସ୍ତ ବନ୍ଦୋବସ୍ତ କରାଯାଇଛି । ଏହା ବ୍ୟତୀତ କିସ୍‌ର ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ ଦିଲ୍ଲୀ ଭଳି ସହରରେ ରହି ନିଜକୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଲାଗି ଇଚ୍ଛୁକ ଥିବେ ସେମାନଙ୍କୁ ମଧ୍ୟ କିସ୍ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ । ଏହି ଅବସରରେ ବିଷ୍ଣୁପଦ ସେଠୀଙ୍କ ଲିଖିତ ପୁସ୍ତକ 'ଦି କଲେକ୍ଟର୍ସ ମଦର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କିସ୍ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଚୂଡ଼ାମଣୀ ବିଷ୍ଣୁପଦ ସେଠୀ ଓ ତାଙ୍କ ଲିଖିତ 'ଦି କଲେକ୍ଟର୍ସ ମଦର' ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିସ୍‌ର ପ୍ରାକ୍ତନ ମହାନିର୍ଦ୍ଦେଶକ ଡ. କାହ୍ନୁ ଚରଣ ମହାଲି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୀବନ ନେଲା ସ୍କ୍ରବ୍ ଟାଇଫସ

**ସୁବର୍ଣ୍ଣପୁର,୧।୧୧(ସଂଚାର ବ୍ୟୁରୋ):** ସ୍କ୍ରବ୍ ଟାଇଫସରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣଙ୍କ ହେଲେ



ଲେକୁ ସାହୁ (୫୮)। ଏପରି ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଆଖିଦାଦର ଗାଁରେ। ଲେକୁ ନିଜ ଧାନ ଚାଷରେ ସାର ସିଞ୍ଚନ କରିବା ପାଇଁ ବିଲକୁ ଯାଇଥିଲେ। ସେଠାରେ ତାଙ୍କୁ ସ୍କ୍ରବ ଟାଇଫସ୍ ପୋକ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସମଲେଶ୍ୱରୀ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଥିଲା।

## ମଧ୍ୟାହ୍ନ ଭୋଜନରେ ନାହିଁ ତରକାରୀ
### ଶିକ୍ଷୟିତ୍ରୀ କହିଲେ ଲୁଣ,ଲଙ୍କା ଲଗାଇ ଖାଅ



**ଯାଜପୁର,୧।୧୧(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଦିଆଯାଉଛି ଭାତ ସହ କେବଳ ଲୁଣ, ଲଙ୍କା। ଏଭଳି ଅଭାବନୀୟ ସ୍ଥିତି ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଟୋଲକାନି ଅଞ୍ଚଳର ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ। ଆଜି ମଧ୍ୟାହ୍ନ ଭୋଜନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ କେବଳ ଭାତ ଖାଇବାକୁ ଦିଆଯାଇଥିଲା। ପିଲାମାନେ ତରକାରି ମାଗିବାରୁ ଲୁଣ ଲଙ୍କା ଲଗେଇ ଖାଇବାକୁ ଜଣେ ଶିକ୍ଷୟିତ୍ରୀ କହିଥିବା ପିଲାମାନେ ଅଭିଯୋଗ କରିଛନ୍ତି। ସେହିଭଳି ଗତ ୧୩ ଦିନ ହେବ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଇବାକୁ ଦିଆଯାଉନଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଅନେକ ସମୟରେ ମଧ୍ୟାହ୍ନ ଭୋଜନରେ କେବଳ ବିସ୍କୁଟ ଖାଇବାକୁ ଦିଆଯାଉଥିବା ଛାତ୍ରଛାତ୍ରୀ କହିଛନ୍ତି। ଆଜିର ଘଟଣା ନେଇ ଅଭିଭାବକଙ୍କ ଠାରୁ ଖବର ପାଇବା ପରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବଳରାମ ପତି ଓ ସି.ଆର.ସି.ସି କଣ୍ଟ ଦେହୁରୀ ବିଦ୍ୟାଳୟରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ
### ଶପଥ ପାଠ କରାଇଲେ ପ୍ରମୁଖ ଶାସନ ସଚିବ

**ଭୁବନେଶ୍ୱର,୧।୧୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଏକତା ଦିବସ (ଜାତୀୟ ଏକତା ଦିବସ) ର ଶୁଭ ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ସହଯୋଗରେ ଦେଶର ଏକତା, ଅଖଣ୍ଡତା ଏବଂ ନିରାପତ୍ତା ସୁଦୃଢ଼ କରିବା ପାଇଁ ମିଳିତ ପ୍ରତିଶ୍ରୁତି ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଏକ ଦୃଢ଼ ତଥା ନିରାପଦ ରାଷ୍ଟ୍ର ଗଠନ ପାଇଁ ଏକତା ଏବଂ ଅଖଣ୍ଡତାର ମୂଲ୍ୟବୋଧ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ନିଶ୍ଚିତ କରିବାକୁ ଏହି କାର୍ଯ୍ୟକ୍ରମ ଉଭୟ ବିଭାଗର ସଦସ୍ୟଙ୍କୁ ଏକତ୍ରିତ କରିଥିଲା। ଶ୍ରୀମତୀ ପାଢ଼ୀ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ତଥା ଦେଶକୁ ଏକତ୍ର ବାନ୍ଧି ରଖିଥିବା ନୀତିଗୁଡ଼ିକୁ ସମର୍ଥନ କରିବା ପାଇଁ ବିଭାଗଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରିବାର ଗୁରୁତ୍ୱାରୋପ କରିଥିଲେ। ପ୍ରତିବର୍ଷ ପାଳନ କରାଯାଉଥିବା ରାଷ୍ଟ୍ରିୟ ଏକତା ଦିବସ, ଭାରତର "ଆଇରନ୍ ମ୍ୟାନ୍" ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉତ୍ତରାଧିକାରୀ ତଥା ଜାତିର ଏକତା ପାଇଁ ତାଙ୍କର ଅବଦାନକୁ ସମ୍ମାନିତ କରିଛନ୍ତି। ପ୍ରତିଶ୍ରୁତି ଗ୍ରହଣ ସମାରୋହ ଏକ ସମନ୍ୱିତ ତଥା ସ୍ଥାୟୀ ସମାଜରେ ଯୋଗଦାନ କରିବାରେ ପ୍ରତ୍ୟେକ ବ୍ୟକ୍ତି ଏବଂ ବିଭାଗର ଦାୟିତ୍ୱ ଓ ସ୍ମାରକ ଭାବରେ କାର୍ଯ୍ୟ କଲା।



## ବିଲଡର-ଜଳସେଚନ ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକା
# ଚାଲିଛି ବେଆଇନ ରାସ୍ତା ଓ ପୋଲ ନିର୍ମାଣ

**ଫୁଲନଖରା, ୧।୧୧ (ସଂଚାର ବ୍ୟୁରୋ):** ପାହାଳ ଥାନା ଅନ୍ତର୍ଗତ ବାଲିଅନ୍ତା ପଞ୍ଚାୟତ ଅଧୀନରେ ଥିବା ତିରଣପଦା, କଞ୍ଚିଲୋ, ବାଇଣ୍ଡଳ ଗ୍ରାମ ଓ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ନଗରୀ ପଞ୍ଚାୟତ ଅନ୍ତର୍ଗତ ଗ୍ରାମ ଗୁଡିକରେ ପ୍ରାଚୀ ଡିଭିଜନ ଅଧୀନରେ ଥିବା କେନାଲ ନାଳବନ୍ଧରେ ବିନା ଅନୁମତିରେ ଚାଲିଛି ବେଆଇନ ରାସ୍ତା ଓ ପାଦଚଲା ପୋଲ। ସ୍ଥାନୀୟ ଅଞ୍ଚଳର କିଛି ବିଲଡରଙ୍କ ଜମି ଦଲାଲ, ଜମି ବ୍ୟବସାୟୀ, କନିଷ୍ଠ ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ଚାଲିଛି ଏଭଳି ବେଆଇନ କାର୍ଯ୍ୟ।



ବାରମ୍ବାର ପ୍ରତାପନଗରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ ପରେ ବି ଉକ୍ତ ବିଲଡରମାନଙ୍କ ଉପରେ ବିଭାଗ ତରଫରୁ କୌଣସି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବାର ଦେଖାଯାଉନି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଏପରି ଦେଖିବାକୁ ମିଳୁଛି। କିଛି ଅସାଧୁ ବ୍ୟକ୍ତି ବିକାଶର ନାରା ନେଇ ବିଭାଗର ବିନା ଅନୁମତିରେ ସରକାରୀ କେନାଲ ନଳବନ୍ଧକୁ ଜେସିବି ମେସିନ ସାହାଯ୍ୟରେ ତାଡ଼ି କେନାଲ ବନ୍ଧର ଦୁଇ ପଟରେ ନାଲି ଗୋଡ଼ି ପକେଇ ବେଆଇନ ରାସ୍ତା ନିର୍ମାଣ କରୁଛନ୍ତି। ତିରଣପଦା ଗ୍ରାମରେ ଏହି ବେଆଇନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଗତ ୩୦ ତାରିଖ ଦିନ ପ୍ରାଚୀ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟ ସ୍ଥଳରେ ଅଭିଯୋଗ ହେବାର ବହୁ ବିଳମ୍ବରେ କନିଷ୍ଠ ଯନ୍ତ୍ରୀ ବେଆଇନ୍ ରାସ୍ତା କାର୍ଯ୍ୟ ହେଉଥିବା ସମୟରେ ପହଞ୍ଚି ବେଆଇନ ରାସ୍ତା କାର୍ଯ୍ୟରେ କାମ କରୁଥିବା ଜେସିବି ମେସିନ୍ ଓ ସେଠାରେ କାମ କରୁଥିବା ଲୋକଙ୍କର ଫଟ ମଧ୍ୟ ଉଠାଇଥିଲେ କିନ୍ତୁ କନିଷ୍ଠ ଯନ୍ତ୍ରୀ ଏଠାରେ ହୋଇଥିବା ବେଆଇନ କାର୍ଯ୍ୟକୁ ରୋକିବା ବଦଳରେ ସେମାନଙ୍କୁ ସେହି ମୁହୂର୍ତ୍ତରେ କାମକୁ ବନ୍ଦ ନ କରି ଉକ୍ତ ଜେସିବିକୁ ସେଠାରୁ କାମ ବନ୍ଦ କରି ଛାଡି ଯିବାକୁ ନ କହି ଚାଲିଆସିଥିଲେ। କନିଷ୍ଠ ଯନ୍ତ୍ରୀ ସେଠାରୁ ଯିବା ପରେ ପରେ ବିଲଡରଙ୍କ ଜମି ଦଲାଲ୍ ମାନେ ଜେସିବି ମେସିନ ଦ୍ୱାରା କାର୍ଯ୍ୟକୁ ପୁନର୍ବାର ଜାରି ରଖିଥିଲେ। ଏଥିରୁ ସ୍ପଷ୍ଟ ଭାବେ ଜଣା ପଡୁଛି ଯେ ଅଞ୍ଚଳରେ ଥିବା ପ୍ରାଚୀ ଡିଭିଜନର ପ୍ରତାପନଗରୀ ଜଳ ସେଚନ ଉପବିଭାଜନ ଅନ୍ତର୍ଗତ କେନାଲ ଗୁଡିକରେ ହୋଇଥିବା ବେଆଇନ୍ ପାଦଚଲା ପୋଲ ଓ କେନାଲର ଦୁଇ ପାର୍ଶ୍ୱରେ ଥିବା ବନ୍ଧରେ ସମସ୍ତ କାର୍ଯ୍ୟରେ ବିଲଡର ମାନଙ୍କ ସହ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଭିତରେ ଥିବା ମଧୁଚନ୍ଦ୍ରିକା ରହିବା ଦ୍ୱାରା ହୋଇଛି। ଅଞ୍ଚଳରେ ଦିନକୁ ଦିନ ବେଆଇନ କାର୍ଯ୍ୟ କଳାପ ବଢ଼ିବାରେ ଲାଗି ଥିଲେ ମଧ୍ୟ ପ୍ରତାପନଗରୀ ଜଳ ସେଚନ ଉପବିଭାଜନ ଚୁପ୍ ହୋଇ ବସିବା ଫଳରେ ଏହି ଅଞ୍ଚଳରେ ଜମି ଦଲାଲ୍ ଓ ମାଟି ମାଫିଆ ମାନଙ୍କ ଦୌରତ୍ମ ବଢିବାର ଲାଗିଛି।

ଯଦି କେହି ଏପରି ବେଆଇନ କାର୍ଯ୍ୟ କୁ ବିରୋଧ କରୁଛନ୍ତି ତାଙ୍କୁ ମରଣାତ୍ମକ ଧମକ ଦେବାକୁ ପଛାଉ ନାହାନ୍ତି କିଛି ଉକ୍ତ ବେଆଇନ୍ କାର୍ଯ୍ୟ କରୁଥିବା ବିଲଡର ମାନଙ୍କ ଜମି ଦଲାଲ୍ ଓ ମାଟି ମାଫିଆ ଗୋଷ୍ଠୀ। ଚାଷଜମିକୁ ଘରବାରିରେ ପରିଣତ କରି ଜମି ର ମୂଲ୍ୟ କୁ ସରକାରୀ ମୂଲ୍ୟ ଠାରୁ ଅଧିକାରେ କଳା ବଜାରି କରେଇ ଜମିକୁ ସଂଲଗ୍ନ ଥିବା କେନାଲ ଓ ସଫେଇ ବନ୍ଧକୁ ତାଡ଼ି ବେଆଇନ୍ ରାସ୍ତା କରିବା ଏବଂ ସାହି ସାହି ମଧ୍ୟରେ ଝଗଡ଼ା ଲଗେଇବା ହେଉଛି ଏହି ଗୋଷ୍ଠିଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ କୂଟନୀତି। ତେବେ ଏପରି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଜମି ବ୍ୟବସାୟୀ ଓ ମାଟି ମାଫିଆଙ୍କୁ ଗୁରୁତ୍ୱ ଦେଇ ରାଜ୍ୟ ରାଜସ୍ୱକୁ ଦୁର୍ବଳ କରାଉଥିବା ସରକାରୀ ଅଧିକାରୀ ଓ ମାଫିଆ ମାନଙ୍କ ଉପରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି।

# ଭୂତଳ ମାର୍କେଟରେ ନିଆଁ ଲାଗି ଜଳିଗଲା ୬ ଦୋକାନ



**ଭୁବନେଶ୍ୱର,୧।୧୧ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ୧ ନମ୍ବର ହାଟ ଭୂତଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବହୁ ସମୟର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛନ୍ତି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଜଣାଯାଇଛି। ୟୁନିଟ-୧ ଓ ୟୁନିଟ-୨ ମାର୍କେଟକୁ ସଂଯୋଗ କରୁଥିବା ଭୂତଳ ମାର୍କେଟରେ ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ତାହା ଏକ ଭୂତଳ ମାର୍କେଟ ହୋଇଥିବାରୁ ପ୍ରବେଶ ପଥ ଓ ପ୍ରସ୍ଥାନ ପଥ ହିଁ ବାଟ ଥିଲା। ଉଭୟ ପଟେ ପ୍ରଖର ବେଗରେ ନିଆଁ ଓ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀ ପ୍ରାୟ ଘଣ୍ଟାଏ କାଳ ଭିତରେ ପଶି ପାରି ନ ଥିଲେ। ଏହାପରେ ଭେଣ୍ଟିଲେସନ ବାଟକୁ ଭାଙ୍ଗି ଧୂଆଁ ବାହାର କରାଯାଇଥିଲା। ତା' ପରେ ଅଗ୍ନିଶମ କର୍ମଚାରୀ ଭିତରେ ପଶିଥିଲେ। ସେମାନେ ପ୍ରାୟ ୪ ଘଣ୍ଟା କାଳ ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ୬ କପଡ଼ା ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଏହି ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନି। ଗତକାଲି ଦୀପାବଳି ଥିବାରୁ ବାଣ ନିଆଁ ପଡ଼ି ଏପରି ଅଗ୍ନିକାଣ୍ଡ ଘଟିଥାଇପାରେ କିମ୍ବା ସର୍ଟସର୍କିଟରୁ ଏପରି ହୋଇଥାଇପାରେ ବୋଲି ଅନୁମାନ କରାଯାଇଛି।

# ହାତୀ ଭାଙ୍ଗି ଦେଉଛନ୍ତି ମାଟି ଘର



**ଭୁବନେଶ୍ୱର, ୧।୧୧:** ବାତ୍ୟାରେ ଭାଙ୍ଗିଥିବା ଘରକୁ ନେଇ ବିବାଦ ଦେଖାଦେବା ଓ ଏତେ ସଂଖ୍ୟାରେ ମାଟିଘର କିପରି ରହିଲା ତାହାକୁ ନେଇ ଖୋଳତାଡ ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ହାତୀମାନେ ହଜାରେରୁ ଅଧିକ ଘର ଭାଙ୍ଗିଛନ୍ତି। ହାତୀଙ୍କ ଦ୍ୱାରା ଭାଙ୍ଗିଥିବା ଘରଗୁଡ଼ିକ ମଧ୍ୟରୁ ସଂଖ୍ୟାଧିକ ମାଟି ଘର ଥିବା ଜଣାଯାଇଛି।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ହାତୀମାନେ ଉପଦ୍ରବ ଆରମ୍ଭ କରିଛନ୍ତି। ବିଶେଷକରି ଫସଲ ଅମଳ ସମୟରେ ଏମାନେ ଜଙ୍ଗଲରୁ ଜନବସତି ମୁହାଁ ହେଉଥିବାବେଳେ ଏବେ ବର୍ଷର ଅଧିକାଂଶ ସମୟରେ ଏମାନେ ଗାଁ ଗହଳରେ ପଶି ଫସଲ ନଷ୍ଟ କରିବା ସହିତ ଘରେ ଥିବା ଧାନ, ଚାଉଳ ଆଦିକୁ ଖାଇ ଦେଉଛନ୍ତି। ବହୁ ସ୍ଥାନରେ ଘରକାନ୍ଥ ଭାଙ୍ଗି ଧାନ, ଚାଉଳ ସହିତ ରୋଷେଇ ହୋଇଥିବା ସାମଗ୍ରୀକୁ ମଧ୍ୟ ଖାଇ ଦେଉଛନ୍ତି। ହାତୀମାନେ ଗୋଟିଏ ବର୍ଷରେ ୧୦୮୭ଟି ଘରକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାଙ୍ଗିଛନ୍ତି। ଘରର କାନ୍ଥ ମାଟି, ଝାଟିମାଟିରେ ହୋଇଥିବାବେଳେ ଉପରେ ଖପରଲି ନଚେତନ ଆଜବେଷ୍ଟସନ ପଡ଼ିଛି। ଫଳରେ ହାତୀମାନେ ସହଜରେ ଏଭଳି ଘରକୁ ଭାଙ୍ଗିବା ସହିତ ଖାଦ୍ୟଦ୍ରବ୍ୟ ନଷ୍ଟ କରୁଛନ୍ତି। ତେବେ ହାତୀ ଉପଦ୍ରବ ହେଉ କିମ୍ବା ବନ୍ୟା ଓ ବାତ୍ୟାଞ୍ଚଳ ହେଉ ସେଠାରେ ଯେ ପର୍ଯ୍ୟାପ୍ତ ଲୋକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ରାଜ୍ୟ ସରକାରଙ୍କ ଗୃହ ଯୋଜନାରେ ପକ୍କାଘରଟିଏ ପାଇନଥିବା ସ୍ପଷ୍ଟ ହେବାରେ ଲାଗିଛି। କାରଣ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ମିଳୁଥିବା ଘର କାନ୍ଥ ଇଟାରେ ହେବା ସହିତ ଛାତ ଘର ହୋଇଥାଏ। ତେଣୁ ହାତୀମାନେ ଏହାକୁ ଭାଙ୍ଗି ଭିତରେ ଥିବା ସାମଗ୍ରୀକୁ ଖାଇବା କିମ୍ବା ନଷ୍ଟ କରିବା ଏତେ ସହଜ ନୁହେଁ। ବର୍ତ୍ତମାନ ବାତ୍ୟା ଦାନାରେ ନଷ୍ଟ ହୋଇଥିବା ମାଟି ଘରଗୁଡ଼ିକୁ ନେଇ ଆଲୋଚନା ସମାଲୋଚନା ଆରମ୍ଭ ହୋଇଥିବାବେଳେ ହାତୀମାନେ ଭାଙ୍ଗି ଦେଉଥିବା ମାଟି ଘର କଥା କେହି କହୁନାହାନ୍ତି। ବାତ୍ୟା ଓ ବନ୍ୟାପ୍ରବଣ ଅଞ୍ଚଳ ଭଳି ହାତୀ ଉପଦ୍ରବ ହେଉଥିବା ଅଞ୍ଚଳରେ ସମସ୍ତଙ୍କୁ ଆବାସ ଘର ଯୋଗାଇଦେବାକୁ ମତ ପ୍ରକାଶ ପାଉଛି। ତେବେ ଯୋଜନା କାର୍ଯ୍ୟକାରୀ ହେବାର ଏତେଦିନ ପରେ କ'ଣ ପାଇଁ ଜଙ୍ଗଲ ଆଖପାଖରେ ରହୁଥିବା ଲୋକେ ପକ୍କା ଘରଟିଏ ପାଉନାହାନ୍ତି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି କୁହାଯାଉଛି। କାରଣ ପକ୍କାଘରଟିଏ ନଥିବାରୁ ଲୋକେ ବାରମ୍ବାର ହାତୀ ଆକ୍ରମଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାବେଳେ ସରକାର ବି ଏ ବାବଦରେ ଟଙ୍କା ଗଣିବାରେ ଲାଗୁଛନ୍ତି। ହାତୀମାନେ ଆଂଶିକ ଗୃହ ନଷ୍ଟ କଲେ ଗୃହକର୍ତ୍ତାଙ୍କୁ ସରକାର ୧୦ହଜାର ଟଙ୍କା ଦେଉଥିବାବେଳେ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ୨୦ହଜାର ଟଙ୍କା କରି ପ୍ରଦାନ କରୁଛନ୍ତି। ଏଥି ସହିତ ହାତୀମାନେ ନଷ୍ଟ କରୁଥିବା ଫସଲ ପାଇଁ ସରକାର ମୋଟା ଅଙ୍କର ତଣ୍ଡ ଗଣୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ମହାନତାର ଗୁଣ-ଉତ୍ତମ କର୍ମ, ନିଃସ୍ୱାର୍ଥପର ସେବା, ପରୋପକାର ଓ ତ୍ୟାଗ ଜୀବନର କ୍ୱେଁଠଇ ନା କେଉଁଠି ବହୁଗୁଣ ହୋଇ ପ୍ରତିଦାନ ସ୍ୱରୂପ ପ୍ରାପ୍ତ ହୋଇଥାଏ ଆଉ ଜୀବନ ମହାନ କରି ତୋଳେ।

SANCHAR

ସଂଚାର



# ହେଜବୁଲ୍ଲା-ହମାସର ଆତ୍ମରକ୍ଷା ଚିନ୍ତା

ହମାସ, ହୁତି ଓ ହେଜବୁଲ୍ଲା ଭଳି ଆତଙ୍କୀ ସଙ୍ଗଠନ ସହିତ ଇରାନ, ସିରିଆ, ଲେବାନନ, ୟେମେନ ଭଳି ଏକାଧିକ ଇସଲାମିକ ରାଷ୍ଟ୍ର ସହିତ ଇସ୍ରାଏଲ ଏକକାଳୀନ ଲଢ଼େଇ ଜାରି ରଖିଛି। ହମାସ ଓ ହେଜବୁଲ୍ଲାର ଅନେକ ଟପ ନେତା ଇସ୍ରାଏଲର ଆକ୍ରମଣରେ ନିହତ ହୋଇଛନ୍ତି। ଗାଜା ସହର ଏକ ପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଇସ୍ରାଏଲର ଏହି ଷଣ୍ଢଆସୀ ଆକ୍ରମଣରେ ହମାସ ଭଳି ଆତଙ୍କୀ ସଙ୍ଗଠନ ଅସହାୟ ହୋଇପଡ଼ିଛି। ଖାଲି ଉପରକୁ ମୁହଁ ଟାଣ ଦେଖାଉଛି। ହେଜବୁଲ୍ଲାର ନୂଆ ମୁଖ୍ୟ କାସିମ କହିଛନ୍ତି ଯେ, ସେ ଯୁଦ୍ଧବିରତି ଲାଗି ପ୍ରସ୍ତୁତ। ଏଥିରୁ ହେଜବୁଲ୍ଲାର ଭୟ ଏବଂ ଦୁର୍ବଳତା ପଦାରେ ପଡ଼ିଯାଇଛି। ତେବେ କଥାରେ ଅଛି, ନଇଁ ପଡ଼ିଥିବ ଯେବେ ବିଧାଏ ମାରିବୁ ସେବେ। ଏବେ ହମାସ ଓ ହେଜବୁଲ୍ଲା ଦୁର୍ବଳ ହୋଇପଡ଼ିଛନ୍ତି। ଏହି ସୁଯୋଗରେ ସେମାନଙ୍କୁ ସମ୍ପୂର୍ଣ୍ଣ ମୂଳପୋଛ କରାଯିବା ଜରୁରୀ। ନଚେତ ଭବିଷ୍ୟତରେ ସେମାନେ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ଏବଂ ରକ୍ତପାତର କାରଣ ହେବେ। ଇତିମଧ୍ୟରେ ଲେବାନନର ରାଜଧାନୀ ବିରୁଟ ଉପରେ ଇସ୍ରାଏଲ ସେନାର ଆକ୍ରମଣରେ ୫ହଜାରରୁ ଅଧିକ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଅଛନ୍ତି ହେଜବୁଲ୍ଲା ସଙ୍ଗଠନର ମୁଖିଆ ହସନ ନସରଲ୍ଲା। ଅବଶ୍ୟ ୨୦୦୬ରେ ମଧ୍ୟ ନସରଲ୍ଲା ପ୍ରାଣ ହରାଇଥିବାର ଖବର ପ୍ରଚାରିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ମିଛ ବୋଲି ଜଣାପଡ଼ିଲା। ତେଣୁ ବାସ୍ତବରେ ଏବେ ସେ ପ୍ରାଣ ହରାଇଛି କି ନାହିଁ ତାହା ସନ୍ଦେହରେ। ଇସ୍ରାଏଲ ପକ୍ଷରୁ ନସରଲ୍ଲାର ମୃତ୍ୟୁ ନେଇ ଯାହା ଦାବି କରାଯାଉଛି ତାହାକୁ ହେଜବୁଲ୍ଲା ପକ୍ଷରୁ ସ୍ୱୀକାର କରାଯାଇଛି। କିନ୍ତୁ ଏପରି ବି ହୋଇପାରେ ଯେ, ଇସ୍ରାଏଲକୁ ବୋକା ବନାଇବାକୁ ଏବଂ ନସରଲ୍ଲାକୁ ବର୍ତ୍ତମାନ ପାଇଁ ନିରାପଦ ରଖିବାକୁ ହେଜବୁଲ୍ଲା ଏହାକୁ ସ୍ୱୀକାର କରାଯାଇଥାଇପାରେ। ତେବେ ଇସ୍ରାଏଲ ଏହାକୁ ଏକ ବଡ଼ ସଫଳତା ବୋଲି ଦାବି କରୁଛି। ବିଶ୍ୱର ପ୍ରମୁଖ ଆତଙ୍କୀ ନେତାଙ୍କ ମଧ୍ୟରେ ନସରଲ୍ଲାର ନାମ ରହିଥିଲା। ଏବେ ସେ ଆଉ ବିଶ୍ୱବାସୀଙ୍କୁ ଆତଙ୍କିତ କରିପାରିବ ନାହିଁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଅନେକ ଦିନ ହେବ ନସରଲ୍ଲାର ଗିତିବିଧି ଉପରେ ଇସ୍ରାଏଲ ନଜର ରଖିଥିଲା। କହିବା ବାହୁଲ୍ୟ ଯେ, ଇସ୍ରାଏଲର ଗୁପ୍ତଚର ବିଶ୍ୱରେ ସର୍ବଶ୍ରେଷ୍ଠ। ତେଣୁ ନସରଲ୍ଲା ସଠିକ ଭାବେ କେଉଁଠି ଲୁଚି ରହିଛି ତାହା ଇସ୍ରାଏଲ ପାଇଁ ଜାଣିବା କଷ୍ଟକର ନଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜାତିସଂଘ ସାଧରଣ ପରିଷଦ ବୈଠକରେ ଉଦବୋଧନ ଦେଇ ହମାସ ଏବଂ ହେଜବୁଲ୍ଲା ଉପରେ ଆକ୍ରମଣକୁ ଯଥାର୍ଥ ବୋଲି ଦର୍ଶାଇଥିଲେ। ସାଧାରଣ ପରିଷଦ ବୈଠକରେ ନେତାନ୍ୟାହୁଙ୍କ ଉଦବୋଧନ ଶେଷ ହେବା କ୍ଷଣି ବିରୁଟ ଉପରେ ରକେଟ ବର୍ଷା ଆରମ୍ଭ ହୋଇଯାଇଥିଲା। ଏଥିରେ ନସରଲ୍ଲା ଆଶ୍ରୟ ନେଇଥିବା ଏକ କୋଠା ଧ୍ୱଂସ ହୋଇଯାଇଥିଲା। ସେଠାରେ ନସରଲ୍ଲା ଲୁଚିଛି ବୋଲି ଇସ୍ରାଏଲ ଗୁପ୍ତଚର ସୂତ୍ରରୁ ଜାଣିବା ପରେ ଏହାକୁ ଟାର୍ଗେଟ କରିଥିଲା। ଶେଷରେ ଇସ୍ରାଏଲର ଟାର୍ଗେଟ ପୂରଣ ହେଲା ଏବଂ ନସରଲ୍ଲା ନିହତ ହେଲା। ଏହା ପୂର୍ବରୁ ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ଅନେକ ଟପ କମାଣ୍ଡର ନିହତ ହୋଇଥିଲେ। ନିକଟରେ ହମାସର ସର୍ବୋଚ୍ଚ ନେତା ମଧ୍ୟ ଇସ୍ରାଏଲର ଡ୍ରୋନ ଆକ୍ରମଣରେ ପ୍ରାଣ ହରାଇଛି। ଗୋଟିଏ ବାକ୍ୟରେ କହିଲେ ଇସ୍ରାଏଲ ଆକ୍ରମଣରେ ହେଜବୁଲ୍ଲାର ଅନେକ ଆଗଧାଡ଼ିର ନେତା ନିହତ ହୋଇଛନ୍ତି। ଫଳରେ ଏହି ସଙ୍ଗଠନ ଦୁର୍ବଳ ହୋଇଯିବ। କିନ୍ତୁ ଜଣେ ବ୍ୟକ୍ତି ବା ନେତାଙ୍କ ମୃତ୍ୟୁରେ ସଙ୍ଗଠନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଆଶା କରାଯାଇନପାରେ। ଓସାମା ବିନ ଲାଡେନର ବମୃତ୍ୟୁ ପରେ ମଧ୍ୟ ଅଲକାଏଦା ରହିଛି। ତାଲିବାନ ଆଫଗାନିସ୍ତାନରେ ପୁଣି ଶାସନ କ୍ଷମତା ଦଖଲ କରିଛି। ଅତୀତରେ ଏପରି ଅନେକ ଆତଙ୍କୀ ସଙ୍ଗଠନର ଶୀର୍ଷ ନେତା ନିହତ ହୋଇଥିଲେ ମଧ୍ୟ ଏହି ସଙ୍ଗଠନ ବିଲୁପ୍ତ ହୋଇନି। ଆଉ କେହି ଶୂନ୍ୟସ୍ଥାନ ପୂରଣ ନିମନ୍ତେ ଆଗେଇ ଆସିଛନ୍ତି। କିଛି ଦିନ ପାଇଁ ସଙ୍ଗଠନ ଦୁର୍ବଳ ବା ନିଷ୍କ୍ରିୟ ହୋଇଯାଇପାରେ। କିନ୍ତୁ ସମ୍ପୂର୍ଣ୍ଣ ବିଲୁପ୍ତ ହେବା ସମ୍ଭାବନା ନାହିଁ। ହେଜବୁଲ୍ଲାର ଟପ ନେତାମାନେ ନିହତ ହୋଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ବିଲୁପ୍ତ ହେବ ନାହିଁ ଏବଂ ଇସ୍ରାଏଲ ୨ପାଇଁ ଏହା ସବୁଦିନ ବିପଦ ହୋଇରହିବ। ନସରଲ୍ଲା ନିହତ ହେବା ଦ୍ୱାରା ଇସ୍ରାଏଲ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଗଲା, ସେକଥା ଭାବିବା ଭୁଲ। ହମାସ ସପକ୍ଷରେ ହେଜବୁଲ୍ଲା ଲଢ଼େଇ କରୁଥିଲା। ଏହା ପଛରେ ଇରାନର ସମର୍ଥନ ରହିଛି। ଏଭଳି ଅନେକ ସଙ୍ଗଠନ ରହିଛି ଯାହା ପଛରେ ଇରାନ, ସିରିଆ ଏବଂ ଅନ୍ୟ ବହୁ ଇସଲାମିକ ରାଷ୍ଟ୍ରର ସମର୍ଥନ ରହିଛି। ସେମାନଙ୍କ ସହାୟତା ଓ ସହଯୋଗ ବିନା, ସବୁ ସଙ୍ଗଠନ ତିଷ୍ଠିପାରିବ ନାହିଁ। ହେଜବୁଲ୍ଲା, ହମାସ, ତାଲିବାନ, ଅଲକାଏଦା ଏସବୁ ଇସଲାମିକ ମୌଳବାଦୀ ସଙ୍ଗଠନ ଗୋଟିଏ ଚିନ୍ତାଧାରା ନେଇ ଗଠିତ। ତାହା ହେଲା ଆତଙ୍କବାଦର ପ୍ରସାର, ଇସଲାମିକ ବିଚାରଧାରାକୁ ସାରା ବିଶ୍ୱରେ ପ୍ରତିଷ୍ଠିତ କରିବା ଏବଂ ଅର୍ଥ ଓ କ୍ଷମତା ଅକ୍ତିଆର କରିବା। ମଧ୍ୟଯୁଗୀୟ ଚିନ୍ତାଧାରା ନେଇ ଏମାନେ ପ୍ରତିଷ୍ଠିତ। ମାମୁଦ, ଚେଙ୍ଗିଜ ଖାନ, ତୈମୁରଲଙ୍ଗ ଯାହା କରୁଥିଲେ, ବର୍ତ୍ତମାନର ଆତଙ୍କୀ ସଙ୍ଗଠନ ତାହା ହିଁ କରୁଛନ୍ତି। ଯେ ପର୍ଯ୍ୟନ୍ତ ଏହି ଚିନ୍ତାଧାରା ଦୂର ହୋଇନି, ଯେ ପର୍ଯ୍ୟନ୍ତ ଇସଲାମିକ ମୌଳବାଦ ତିଷ୍ଠି ରହିଥିବ ସେ ପର୍ଯ୍ୟନ୍ତ ନସରଲ୍ଲା ଭଳି ଆତଙ୍କବାଦୀ ଜନ୍ମ ନେଉଥିବବେ ଏବଂ ରକ୍ତପାତ କରୁଥିବେ। ଯାହା ବି ହେଉ ହମାସ ଓ ହେଜବୁଲ୍ଲାକୁ ଉଚିତ ଶିକ୍ଷା ଦେଇଥିବାରୁ ଇସ୍ରାଏଲ ବାସ୍ତବରେ ପ୍ରଶଂସାର ପାତ୍ର। ବିଶ୍ୱର ସବୁ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ର ଇସଲାମିକ ମୌଳବାଦର ଶିକାର ହୋଇଛନ୍ତି। ସେମାନେ ଏବେ ମିଳିତ ଭାବେ ଇସ୍ରାଏଲକୁ ସାହାଯ୍ୟ, ସମର୍ଥନ ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ। ଭାରତ ସରକାର ଇସ୍ରାଏଲକୁ ସମର୍ଥନ କରିବା ସହ ଆତଙ୍କବାଦ ବିରୋଧରେ ଲଢ଼େଇ ସମ୍ପର୍କରେ ଶିକ୍ଷା ଗ୍ରହଣ କରିବା ଉଚିତ। ହେଜବୁଲ୍ଲା ଓ ହମାସ ଚାପରେ ପଡ଼ି ଏବେ ଯୁଦ୍ଧବିରତି କଥା କହୁଛନ୍ତି, କିନ୍ତୁ ବାସ୍ତବରେ ସେମାନଙ୍କୁ ବିଶ୍ୱାସ ନାହିଁ। ସେମାନଙ୍କ ଚରିତ୍ର ହେଲା ମଦ୍ୟଯୁଗୀୟ ବର୍ବରତାର ପ୍ରତୀକ। ତେବେ ବର୍ତ୍ତମାନ ପାଇଁ ଯୁଦ୍ଧ ବିରତି ନିହାତି ଆବଶ୍ୟକ। କାରଣ ନିରୀହ ବ୍ୟକ୍ତିଙ୍କ ହତ୍ୟା ଏବଂ ଯୁଦ୍ଧ ଯୋଗୁ ହେଉଥିବା ବ୍ୟାପକ କ୍ଷୟକ୍ଷତିକୁ ରୋକାଯିବା ଜରୁରୀ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ବିଶ୍ୱ ଅର୍ଥନୀତି ଏହା ଦ୍ୱାରା ବିଶେଷ ପ୍ରଭାବିତ ହୋଇଛି। ତୈଳ ଦର ବଢ଼ିବା ଆରମ୍ଭ କରିଛି। ଆଗକୁ ଏହା ଆହୁରି ବଢ଼ିପାରେ। ଏବେ ସୁଦ୍ଧା ଇସ୍ରାଏଲ ଇରାନର ତୈଳକୂପ ଏବଂ ପରମାଣୁ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିନାହିଁ। ଆଗକୁ ଯୁଦ୍ଧ ପରିସ୍ଥିତି ଜଟିଳ ହେଲେ ଏଭଳି ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ତେଣୁ ବର୍ତ୍ତମାନ ପାଇଁ ଯୁଦ୍ଧବିରତି ଲାଗି ହେଜବୁଲ୍ଲା ଏବଂ ହମାସ ରାଜି ହେବା ଏକ ବଡ଼ କଥା। ଏବେ ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ରମାନେ ଇସ୍ରାଏଲକୁ ଆକ୍ରମଣରୁ ବିରତ ରହିବା ଲାଗି ବୁଝାଇବା ଆବଶ୍ୟକ। ହମାସ ତୁରନ୍ତ ପଣବନ୍ଦୀମାନଙ୍କୁ ମୁକ୍ତ କରିବା ଉଚିତ। ଏବେ ଜାତିସଂଘର ଦାୟିତ୍ୱ ହେଲା ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା ଉଚିତ ଏବଂ ମଧ୍ୟପ୍ରାଚ୍ୟରେ ହିଂସାକୁ ।ରୋକାଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଜଙ୍ଗଲ ବିଭାଗର ଦାୟିତ୍ୱ ବେଶୀ

*ମହାଶୟ,*

ପରିବେଶ ସୁରକ୍ଷା, ପ୍ରଦୂଷଣମୁକ୍ତ ଜୀବନ ଏବେ ସାରା ବିଶ୍ୱରେ ଏକ ବଡ଼ ପ୍ରସଙ୍ଗ। ସବୁଠି ଏହାକୁ ନେଇ ଚର୍ଚ୍ଚା। ପାଣି, ପବନ, ମାଟି ସବୁ ବିଷାକ୍ତ। ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରା ବଢ଼ିଚାଲିଛି। ମାଟିରେ ପ୍ଲାଷ୍ଟିକ ଓ ପଲିଥିନର ମାତ୍ରା ବଢ଼ୁଛି। ନଦୀ ଜଳ ବ୍ୟବହାର ଉପଯୋଗୀ ହୋଇ ଆଉ ନାହିଁ। ଏହାର ନିରାକରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବା ଜରୁରୀ। ପ୍ରଥମ କାମ ହେଲା ପର୍ଯ୍ୟାପ୍ତ ସଂଖ୍ୟାରେ ଗଛ ଲଗାଯିବା ଜରୁରୀ। କଂକ୍ରିଟ ଜଙ୍ଗଲ ଭିତରେ ସବୁଜ ବଳୟ ନିହାତି ଜରୁରୀ। ଏଥିରେ ଜଙ୍ଗଲ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମାଜିକ ବନୀକରଣ ମାଧ୍ୟମରେ ପ୍ରଦୂଷଣକୁ ଅନେକାଂଶରେ ରୋକାଯାଇପାରିବ। ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଦୁର୍ନୀତି ଯୋଗୁଁ ଏହାର ସଦୁପଯୋଗ ହୋଇପାରୁନି। ଜଙ୍ଗଲ ବିଭାଗର ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

ରାଜକିଶୋର ସାହୁ, ଆଠଗଡ଼, କଟକ

# ଭଲ ମଣିଷ ଖୋଜା ଚାଲିଛି



ଡକ୍ଟର ମନୋରଞ୍ଜନ ବିଷୋୟୀ



ଭଲ ମଣିଷର ଦେଶ ଭାରତ। ହଜାର ହଜାର ବର୍ଷ ଧରି ଏ ଭାରତବର୍ଷ ବିଶ୍ୱକୁ ଦେଇଆସିଛି ଦିଗ୍‌ଦର୍ଶନ। ଏ ସଂସ୍କୃତିର ଆଦ୍ୟବାଣୀ ଅପୁରୁଷେୟ ବେଦରେ ଶୁଣାଇଥିଲା-'ଅଗ୍ନିମିଳେ ପୁରୋହିତଂ। ସେହି ମହନୀୟ ଆଭିମୁଖ୍ୟର ଅନୁରଣନ ବିଶ୍ୱକୁ ଦେଇଛି ମାନବ ଅଭ୍ୟୁଦୟର ମୂଳମନ୍ତ୍ର। ବେଦ, ଉପନିଷଦ୍, ପୁରାଣ, ମହାକାବ୍ୟର ଧାରା ଦେଇ ଯୁଗ ଓ ଜାତିକୁ ସମୃଦ୍ଧ କରିଛି ଭାରତବର୍ଷ। ଏ ମାଟିରେ ଦେବତା ବି ଧରାବତରଣ କରି ମାନବିକତାର ମନ୍ତ୍ର ଶୁଣାଇଥିବା ବିଶ୍ୱାସ କରାଯାଏ। ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ପରମ ପୁରୁଷ ତଥା ଶ୍ରୀମଦ୍ ଭାଗବତ ଗୀତାର ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ମହାନ୍ ଯୋଗୀ ରାମକୃଷ୍ଣ ପରମହଂସ, ଭାରତୀୟ ଅସ୍ମିତାର ପ୍ରବକ୍ତା ସ୍ୱାମୀ ବିବେକାନନ୍ଦ, ଅତିମାନସତତ୍ତ୍ୱର ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀ ଅରବିନ୍ଦ, ଅହିଂସାର ପରମପୂଜକ ଯୁଗପୁରୁଷ ମହାତ୍ମା ଗାନ୍ଧୀ ଏ ଭାରତବର୍ଷରେ ଜନ୍ମନେଇ ବିଶ୍ୱକୁ ଦେଇଛନ୍ତି ମାନବୀୟ ଉତ୍‌ଥାନର ଚରମବାଣୀ। ସମୟର ଧାରାରେ ଦୀର୍ଘଦିନର ପରାଧୀନତା ଭିତରେ ଅବଶ୍ୟ ଏ ଆର୍ଯ୍ୟାବର୍ତ୍ତ କ୍ରମେ ମୁମୂର୍ଷୁପ୍ରାୟ। ଆତଙ୍କବାଦ, ସାମ୍ପ୍ରଦାୟିକ ବିଦ୍ୱେଷ, ଭ୍ରଷ୍ଟାଚାର ଏ ମାଟି ଓ ଜାତିର ଆତ୍ମାକୁ କଳୁଷିତ କରିଛି। ସବୁଠାରେ ଯେପରି ନୈରାଶ୍ୟବାଦର ଏକଛତ୍ର ଆଧିପତ୍ୟ। କିନ୍ତୁ କରାଳ ରାତ୍ରିର ଯବନିକା ପରେ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଫୁଟି ଉଠିଥାଏ ନିଶ୍ଚୟ। ଭାରତ ପାଇଁ ଏକବିଂଶର ବିଶ୍ୱ ଯେ ନୂତନ ସମ୍ଭାବନା ସୃଷ୍ଟି କରିଛି - ଏ ବିଶ୍ୱାସକୁ ନେଇ ଆଜି ସମଗ୍ର ବିଶ୍ୱବାସୀ ଆତୁରତାର ସହ ଅପେକ୍ଷା କରିଛନ୍ତି। ଆଜି ଜଗତୀକରଣ ପ୍ରେକ୍ଷାପଟ୍ଟରେ 'ବସୁଧୈବ କୁଟୁମ୍ବକମ୍' ଅଧିକ ସତ୍ୟ ମନେହୁଏ। ବ୍ୟକ୍ତିବିଶ୍ୱରୁ ଊର୍ଦ୍ଧ୍ୱରେ ବିଶ୍ୱବ୍ୟକ୍ତିର ପ୍ରକାଶ ପ୍ରତିଶ୍ରୁତିର ପର୍ବ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ପରିପ୍ରେକ୍ଷୀରେ ବାସ୍ତବିକ ଆଜିର ତରୁଣ ଖୁବ୍ ଗମ୍ଭୀରତାର ସହ ନିଜର ଭୂମିକା ନିର୍ବାହ କରିବା ଆବଶ୍ୟକ ମନେହୁଏ। ପରମ୍ପରା କହେ- ଏ ମାଟିର ନଚିକେତା ଦିନେ 'ଯମ'ଙ୍କ ନିକଟରେ ପ୍ରଶ୍ନିଳ ମନ ନେଇ ଜୀବନର ଗୁଢ଼ ରହସ୍ୟ ଉଦ୍‌ଘାଟନ କରିଥଲେ। ଜାଗତିକ ସତ୍ୟଠାରୁ ଊର୍ଦ୍ଧ୍ୱରେ ସନାତନ ସତ୍ୟର ସନ୍ଧାନ କରିଥିଲେ। ଆଜିର ପୃଥିବୀ ପୁନଶ୍ଚ ଏପରି ଏକ ସତ୍ୟ ସନ୍ଧାନୀର ଅପେକ୍ଷା ରଖିଛି।

ଆଜି ଅନେକ ବଡ଼ମଣିଷ ଆମ ଭିତରେ ଠିଆ ହୋଇଛନ୍ତି। କିନ୍ତୁ ଭଲ ମଣିଷ ଖୋଜାଚାଲିଛି ଅନବରତ। 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା/ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାକ୍‌ଭବେତ୍' ମୂଳମନ୍ତ୍ରକୁ ପ୍ରତିଷ୍ଠା କରିବା ଦିଗରେ ଅବିଶ୍ରାନ୍ତ ଚେଷ୍ଟା ଚାଲିଛି। ଏ ଦିଗରେ ତରୁଣ ଭାରତ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛି- ଏଥିରେ ସନ୍ଦେହ ନାହିଁ। ଏହି ଅଭିଯାନର ସୂତ୍ରଧାର ଭାବରେ ଆଗାମୀ ଭାରତର ତରୁଣମାନଙ୍କ ଆଗରେ ମୁଣ୍ଡ ଟେକିଛି ଅନେକ ସମ୍ଭାବନା। ଦେଶର କୋଣ ଅନୁକୋଣରେ ଖେଳିଯାଇଛି ଜାଗରଣର ପ୍ଲାବନ। 'ଭାରତୀୟତା' ଆଧାରରେ ଏକ ସୁପ୍ରାଚୀନ ମାନବଗୋଷ୍ଠୀ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ନିମନ୍ତେ ଜୟଯାତ୍ରା ଆରମ୍ଭ କରିଛନ୍ତି। ଏହି ଧାରାରୁ ଉତ୍କଳୀୟ ତରୁଣ ଭିନ୍ନ ନୁହଁନ୍ତି ନିଶ୍ଚୟ। ଦିନେ କପିଳ ସଂହିତା ଯାହା କହିଥିଲା - 'ବର୍ଷଣାଂ ଭାରତ ଶ୍ରେଷ୍ଠ, ଦେଶନାଂ ଉତ୍କଳୋଶ୍ରୁତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶନାସ୍ତି ମହୀତଳେ'। ଉତ୍କଳ ମାଟିର ଉଜ୍ଜ୍ୱଳ ତାରକା ଭାବରେ ଆମ ଯୁବଗୋଷ୍ଠୀ ଏହି ମହାଯାତ୍ରାରେ ନିଜକୁ ସାମିଲ କରି ଆଗାମୀ ଧରାର ମୁଖୋଜ୍ଜ୍ୱଳ ଯେ କରିବେ- ଏଥିରେ ସନ୍ଦେହ ନାହିଁ।

ଦାମୋଦରପୁର, ଗଞ୍ଜାମ
ମୋବାଇଲ୍: ୮୮୯୫୧୪୧୭୨୭

# ପଟେଲଙ୍କ ରାଜନୈତିକ ଦର୍ଶନ ସିଦ୍ଧାନ୍ତ

କିଶୋର ଚନ୍ଦ୍ର ବେହେରା





ଭାରତର ସାଂସ୍କୃତିକ ଐକ୍ୟ ପଶ୍ଚିମରେ ଆଫଗାନିସ୍ତାନଠାରୁ ଆରମ୍ଭ କରି ପୂର୍ବରେ ଚୀନ ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ବାଲି ଦ୍ୱୀପ, ଇଣ୍ଡୋନେସିଆ ପର୍ଯ୍ୟନ୍ତ ବ୍ୟାପି ରହିଥିଲା। କିନ୍ତୁ ଏହି ଭାରତ ବର୍ଷକୁ ରାଜନୈତିକ ଏକତା ପ୍ରଦାନ କରିବା ଲାଗି ଇତିହାସର ମହାନ ଶାସକ ଅଶୋକ ଏବଂ ପରେ ମୋଗଲ ସମ୍ରାଟ ଆକବର ମଧ୍ୟ ସମର୍ଥ ହୋଇପାରିନଥିଲେ। ଯାହାଫଳରେ ବିଭାଜିତ ଭାରତ ବର୍ଷକୁ ବାଣିଜ୍ୟ କରିବା ଲାଗି ଆସିଥିବା ଇଂରେଜମାନେ ଏହାର ଲାଭ ଉଠାଇ ସମ୍ପୂର୍ଣ୍ଣ ଭାରତ ବର୍ଷରେ ସେମାନଙ୍କର ଉପନିବେଶବାଦକୁ ପ୍ରସାରିତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ଆକାର ଧାରଣ କରିବା ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବାକୁ ବାଧ୍ୟ ହୋଇଥିଲେ। ଏହାପରେ ଶହ ଶହ ଦେଶୀୟ, ଗଡ଼ଜାତ ରାଜ୍ୟରେ ବିଖଣ୍ଡିତ ହୋଇ ରହିଥିବା ଭାରତକୁ ଗୋଟିଏ ଭୂଖଣ୍ଡରେ ପରିଣତ କରିବାର ଗୁରୁଦାୟିତ୍ୱ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ମିଳିଥିଲା, ଯାହାକୁ ସେ ସଠିକ ଭାବେ ନିର୍ବାହ କରିଥିଲେ। ତାଙ୍କର ସଫଳ ଉଦ୍ୟମ କ୍ରମେ ୫୬୨ଟି ଦେଶୀୟ ରାଜ୍ୟ ଅଖଣ୍ଡ ଭାରତରେ ସାମିଲ ହୋଇଥିଲା। ସେହିପରି ଓଡ଼ିଶାରେ ମଧ୍ୟ ୨୬ଟି ଦେଶୀୟ ରାଜ୍ୟ ମୂଳ ଭାରତ ଭୂଖଣ୍ଡ ସହ ମିଶିଥିଲେ। ବିଶେଷ କରି ଜୁନାଗଡ଼, ହାଇଦ୍ରାବାଦ ଭଳି ଦେଶୀୟ ରାଜ୍ୟକୁ ଭାରତରେ ମିଶାଇବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ସର୍ଦ୍ଦାର ପଟେଲ କଶ୍ମୀର ବ୍ୟାପାରରେ ସମ୍ପୃକ୍ତ ହୋଇଥିଲେ ଆଜି ଏହା ଏକ ସମସ୍ୟା ହୋଇ ରହିନଥାନ୍ତା। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସର୍ଦ୍ଦାର ପଟେଲ ପିଲାଦିନୁ ବେଶ ଦୃଢ଼ମନା ଥିଲେ। ତାଙ୍କର ବାଲ୍ୟ ଜୀବନ, ବିଲାତରେ ଓକିଲାତି, ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ, ଅହମ୍ମଦାବାଦ ମହାନଗରର ପ୍ରଶାସକ ଦାୟିତ୍ୱ ନିର୍ବାହ, ଭାରତର ଉପପ୍ରଧାନମନ୍ତ୍ରୀ ଭାବେ ଗୃହ ମନ୍ତ୍ରଣାଳୟର ଗୁରୁଦାୟିତ୍ୱ ତୁଲାଇବା ଆଦି ଦେଶବାସୀ, ବିଶେଷ କରି ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଏ। ସ୍ୱାଧୀନତା ସମୟରେ ବିନା ରକ୍ତପାତରେ ଭାରତର ପ୍ରାୟ ସମସ୍ତ ରାଜ୍ୟଗୁଡ଼ିକୁ ଏକାଠି କରିବାରେ ତାଙ୍କର ଅବଦାନ ନିମିତ୍ତ ତାଙ୍କୁ 'ଲୌହ ମାନବ' ଉପାଧି ମିଳିଥିଲା। ତାଙ୍କର ସ୍ମୃତିରେ ୨୦୧୪ ମସିହାରୁ ପ୍ରତିବର୍ଷ ତାଙ୍କର ଜନ୍ମତିଥି ୩୧ ଅକ୍ଟୋବରକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ ହୋଇ ଆସୁଅଛି। ୩୧ ଅକ୍ଟୋବର ୨୦୧୮ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଦ୍ୱାରା ଦେଶବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କର ଏକ ୧୮୨ ମିଟର ପ୍ରତିମୂର୍ତ୍ତି ଉଦଘାଟନ କରିଥିଲେ। ଏହାକୁ ଏକତାର ପ୍ରତିମୂର୍ତ୍ତି ଭାବରେ ସମ୍ବୋଧନ କରାଯାଉଛି।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହେଉଛନ୍ତି ଏକ ଧାରାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ଓକିଲ, ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ। ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସ୍ୱାଧୀନ ଭାରତର ସେ ହେଉଛନ୍ତି ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ଓ ସୂଚନା ପ୍ରସାରଣ ବିଭାଗ ୧୫ ଅଗଷ୍ଟ ୧୯୪୭ ରୁ ୧୫ ଡିସେମ୍ବର ୧୯୫୦ ତିନି ବର୍ଷ ଚାରି ମାସ ଦୁଇ ଦିନ ଧରି ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଦେଇଥିଲେ। ବିଲାତରୁ ବାରିଷ୍ଟର ପାଠପଢ଼ା ସରିବା ପରେ ଭାରତକୁ ଫେରି ଆସିବା ସହିତ ଭାରତୀୟ ସଂସ୍କୃତିକୁ ଯଥାସମ୍ମାନ ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀ ଓ ମୋତି ଲାଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୧୭ ମସିହାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଇଂରେଜ ମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଅହମଦାବାଦର ମୁନିସିପାଲ କମିସନର ପ୍ରଥମ ଭାରତୀୟ ଭାବେ ୧୯୧୭ ମସିହା ଠାରୁ ୧୯୨୪ ପର୍ଯ୍ୟନ୍ତ ସୂଚାରୁରୂପେ ନିଜର କାର୍ଯ୍ୟ ସଂପାଦନା କରିଥିଲେ। ୧୯୨୪ରେ ପୌର ସଭାପତି ରୂପେ ନିର୍ବାଚିତ ହୋଇ ୧୯୨୮ ପର୍ଯ୍ୟନ୍ତ କାର୍ଯ୍ୟ ଭାଳ ସମ୍ଭାଳି ଥିଲେ। ଜମି ମାଲିକ ମାନଙ୍କ ଠାରୁ ଜମି କର ଇଂରେଜମାନଙ୍କ ଆଦାୟକୁ ନେଇ ୧୯୧୮ରେ ବିରୋଧ କରି ସଫଳତା ହାସଲ କରିଥିଲେ। ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ୧୯୨୮ ରୁ ୧୯୩୧ ତିନି ବର୍ଷ ଧରି ସଫଳତା ସହ କାର୍ଯ୍ୟ କରି ଦଳର ଚିନ୍ତାଧାରାକୁ ସମଗ୍ର ଦେଶରେ ପ୍ରଚାର ପ୍ରସାର କରିଥିଲେ। ସେ ସରକାରୀ ମୁକ୍ତ ନିୟନ୍ତ୍ରଣ ବ୍ୟବସାୟ ଉପରେ ଅଧିକ ଗୁରୁତ୍ୱ ଦେଇ ରକ୍ଷଣଶୀଳ ଚିନ୍ତାଧାରାରୁ ସର୍ବଦା ଦୂରରେ ରହି ଜାତୀୟ କଂଗ୍ରେସର ପରିକଳ୍ପନା ସଂପର୍କରେ ସଚେତନତା ଜାଗ୍ରତ କରୁଥିଲେ। ୧୯୩୦ ମସିହା ଲବଣ ସତ୍ୟାଗ୍ରହ କ୍ଷେତ୍ରରେ ପଟେଲଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଇଂରାଜୀ ମାନଙ୍କ କପଟତାର ପଶାପାଲିରେ ତିନିମାସ କାରାବରଣ କରିବାକୁ ପଡ଼ିଥିଲା। ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ୧୯୩୧ ମସିହା କରାଚି ଠାରେ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଉକ୍ତ ବୈଠକରେ ସ୍ୱାଧୀନତା ସଂଗ୍ରାମର ତରିକାକୁ ପରିବର୍ତ୍ତନ କରିବା ପାଇଁ ନିଷ୍ପତି ଗ୍ରହଣ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଆନ୍ଦୋଳନ କରାଯାଇଥିଲା।

ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ସର୍ଦ୍ଦାର ପଟେଲଙ୍କୁ ଯେତିକି ସମ୍ମାନ ମିଳିବା କଥା ତାହା ମିଳିପାରିନାହିଁ। ଅଖଣ୍ଡ ଭାରତ ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ବର୍ତ୍ତମାନର ପିଢ଼ିଙ୍କୁ ଅବଗତ କରାଇବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ୧୯୨୧ରେ ଅହମଦାବାଦ ପୌରପାଳିକାରେ ପ୍ରଶାସକ ଭାବରେ ସେ ସହରର ସ୍ୱଚ୍ଛତା ତଥା ଡ୍ରେନେଜ ବ୍ୟବସ୍ଥାକୁ ଯେଭଳି ସୁନିଶ୍ଚିତ କରିପାରିଥିଲେ, ତାହା ଥିଲା ତାଙ୍କ ଦୂରଦୃଷ୍ଟି ଓ ସେବା ମନୋଭାବର ନମୁନା। ଆଜି ଯେଉଁ ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ ଅନୁଭବ କରୁଛି ଦେଶ ତା'ର ମୂଳଦୁଆ ପକାଇଥିଲେ ସର୍ଦ୍ଦାର ପଟେଲ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେ ଗଢ଼ିଥିଲେ 'ଅମୁଲ' ଭଳି ଏକ ସମବାୟ ସଂସ୍ଥା। ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ପଣ୍ଡିତ ନେହେରୁଙ୍କ ସହ ତାଙ୍କର ବେଳେ ବେଳେ ମତପାର୍ଥକ୍ୟ ହେଉଥିଲେ ବି ଦେଶ ଗଠନ ଦିଗରେ ଉଭୟ ନେତା ଥିଲେ ପରସ୍ପରର ସହାୟକ ଓ ପରିପୂରକ। ନେହେରୁଙ୍କ ଭାଷାରେ- ସର୍ଦ୍ଦାର ପଟେଲ ଥିଲେ ଆଧୁନିକ ଭାରତ ବର୍ଷର ମାନଚିତ୍ରକୁ ବଦଳେଇ ଦେଇପାରିଥିବା ଜଣେ ଯଥାର୍ଥ ବୀର। ବାସ୍ତବରେ ଲୌହମାନବଙ୍କ ହୃଦୟର ଏହି ବିଶାଳତା ତାଙ୍କୁ ନେଇ ପହଞ୍ଚାଇ ଦେଇଛି ଆଖି ନପାଇଲା ଭଳି ଆଚମ୍ବିତ ଉଚ୍ଚତାରେ। ସର୍ଦ୍ଦାର ପଟେଲ ଭାରତୀୟତାର ଯେଉଁ ଗର୍ବବୋଧ ଜାଗ୍ରତ କରିଥିଲେ ତାହା ବର୍ତ୍ତମାନ ପିଢ଼ିଙ୍କ ମଧ୍ୟରେ ସଦାସର୍ବଦା ଦୀପଶିଖା ଭଳି ପ୍ରଜ୍ୱଳିତ ହୋଇ ରହିବେ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

# ଜୀବନ ଜିଇଁବାର ପ୍ରକ୍ରିୟା ହେଉଛି 'ସନାତନ ଧର୍ମ'

ଗୋପାଳ ମହାପାତ୍ର



'ସନାତନ ଧର୍ମ' ଏପରି ଏକ ଶବ୍ଦ ଯାହାର ପ୍ରୟୋଗ ସାଧାରଣତଃ ହିନ୍ଦୁ ଧର୍ମର ବର୍ଣ୍ଣନା କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଜୀବନ ଏବଂ ବିଶ୍ୱାସ ପ୍ରଣାଳୀର ଏକ ପ୍ରାଚୀନ ଓ ସ୍ଥାୟୀ ପ୍ରକ୍ରିୟାର ପ୍ରତୀକ। ଏହା କୌଣସି ଜଣେ ସଂସ୍ଥାପକ, ଧାର୍ମିକ ସଂସ୍ଥା ବା ପବିତ୍ର ଗ୍ରନ୍ଥ ମଧ୍ୟରେ ସୀମିତ ନୁହେଁ ବରଂ ଅନୁଭବର ଆଧାରରେ ସତ୍ୟକୁ ନିରନ୍ତର ଖୋଜିବାର ବିଶେଷତା। 'ସନାତନ ଧର୍ମ' ହିନ୍ଦୁ ପରମ୍ପରା ଭିତରର ମାନ୍ୟତା, ପ୍ରଥା ଏବଂ ଦର୍ଶନର ଏକ ବିଶାଳ ଶୃଙ୍ଖଳାକୁ ସମାହିତ କରିଥାଏ। ଏବେ 'ସନାତନ ଧର୍ମ' ହିନ୍ଦୁ ଧର୍ମର ପର୍ଯ୍ୟାୟରେ ପରିଣତ ହୋଇଯାଇଛି। ଯେଉଁଥିରେ ଏହାର ଅନୁଷ୍ଠାନ, ଦର୍ଶନ ତଥା ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରା ସବୁ ସାମିଲ। କିନ୍ତୁ ଏହାର ବ୍ୟାପକ ଉପଯୋଗ ଏବେ କିଛି ବର୍ଷ ହେବ କରାଯାଉଛି ଓ ସମାଜର ଏକ ବର୍ଗ ଏହାକୁ ଗୁରୁତ୍ୱ ଦେଉଛନ୍ତି। ଶବ୍ଦର ଅର୍ଥ ସ୍ଥାନ, ସନ୍ଦର୍ଭ ତଥା କାରଣ ଦ୍ୱାରା ପ୍ରଭାବିତ ହୋଇ ସମୟ ସହ ତାଳ ମିଳାଇ ବିକଶିତ ହୋଇଥାଏ। 'ସନାତନ ଧର୍ମ' ଶାଶ୍ୱତ, କାଳାତୀତ ଏବଂ ଅପରିବର୍ତ୍ତନୀୟ ପରମ୍ପରାର ପ୍ରତିନିଧିତ୍ୱ କରିଥାଏ ଯାହା ଭାରତ ଭୂଖଣ୍ଡରେ ବିକଶିତ ହୋଇଛି। ଏହି ପରମ୍ପରା ଭାରତର ସଂସ୍କୃତିରେ ଏମିତି ସମାହିତ ହୋଇଯାଇଛି ଯାହା ଭାରତ ଭୂଖଣ୍ଡରେ ପୁଷ୍ପିତ, ପଲ୍ଲବିତ ଓ ବିକଶିତ ହୋଇ 'ସନାତନ ଧର୍ମ'ରେ ପରିଚିତ ହୋଇଛି। ପ୍ରକୃତ ପକ୍ଷେ ଏହା କୌଣସି ଧର୍ମ ନୁହେଁ ଅଧିକନ୍ତୁ ଜୀବନ ଜୀଇଁବାରଏକ ପ୍ରକ୍ରିୟା। ଏହି ଧର୍ମର ଆଧାର ହେଉଛି ହିନ୍ଦୁ ଧର୍ମ କିନ୍ତୁ ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ଭଳି ଅନ୍ୟ ଧାରା(ଧର୍ମ)ମାନେ ମଧ୍ୟ ଏଥିରେ ସେମାନଙ୍କର ବହୁମୂଲ୍ୟ ଯୋଗଦାନ ଦେଇଛନ୍ତି। ଯଦିଓ କିଛି ଅଧ୍ୟାତ୍ମିକ ନେତା ଜାତିଗତବିଶେଷାଧିକାରକୁସମ୍ବୋଧିତ କରିଥାନ୍ତି ହେଲେ ସେମାନେ କାହାରିକୁ ବିଶେଷାଧିକାର କଠୋରତାର ସାମନା କରିବାକୁ ବାଧ୍ୟ କରିନଥାନ୍ତି। ଜାତିଗତ ଭେଦଭାବର ପ୍ରଚାର କରୁଥିବା ଗ୍ରନ୍ଥ ଏବଂ ପ୍ରଥା ସବୁର ଆଲୋଚନାତ୍ମକ ତଦନ୍ତର ଅଭାବ ରହିଛି। ଜାତିବାଦ କଥା କହୁଥିବା ଲୋକଙ୍କ କାର୍ଯ୍ୟକୁ ଜାତିଗତ ହିଂସାରୁ ନିଜକୁ ଦୂରେଇ ରଖିଥିବା ଲୋକେ ସ୍ୱୀକାର କରନ୍ତି ନାହିଁ। ହିନ୍ଦୁ ଧର୍ମ ଭିତରେ ପ୍ରଗତିଶୀଳ ଲୋକ ଅଛନ୍ତି ଏବଂରୁଢ଼ିବାଦୀମଧ୍ୟ ଅଛନ୍ତି। ପ୍ରଗତିଶୀଳ ଓରୁଢ଼ିବାଦକୁ ନେଇ ସମକାଳୀନ ଚର୍ଚ୍ଚା ମଧ୍ୟ ହେଉଛି। ଏହି ଚର୍ଚ୍ଚାର କେନ୍ଦ୍ରରେ ରହିଛି 'ସନାତନ ଧର୍ମ' ଶବ୍ଦ।



ଆଲୋଚକମାନଙ୍କର ଯୁକ୍ତି ହେଉଛି ଉପସର୍ଗ 'ସନାତନ' ଶବ୍ଦର ଉପଯୋଗ କିଛି ଗୋଷ୍ଠୀଙ୍କ ଦ୍ୱାରା ପ୍ରାଚୀନ ପାଠ୍ୟ ସିଦ୍ଧାନ୍ତରେ ସ୍ଥାନିତ କରାଯାଇଛି। ଏଣୁ ହିନ୍ଦୁ ଧର୍ମ ଭିତରେ ପରିବର୍ତ୍ତନ ଓ ସୁଧାରକୁରୁଢ଼ିବାଦୀମାନେ ବିରୋଧ କରୁଛନ୍ତି। ରୁଢ଼ିବାଦୀମାନେ ପରିବର୍ତ୍ତନକୁ ସମାବେସିତା ଓ ପ୍ରଗତି ପାଇଁ ବାଧକ ବୋଲି ଯୁକ୍ତି କରୁଛନ୍ତି। ଆର୍ଯ୍ୟ ସମାଜ ଏବଂ ରାମକୃଷ୍ଣ ମିସନ ଭଳି କେତେକ ସମାଜ ସୁଧାରକ ସଂସ୍ଥା ଆନ୍ଦୋଳନ କରିଛନ୍ତି ଓ ଅସ୍ପୃଶ୍ୟତା ଏବଂ ମୂର୍ତ୍ତି ପୂଜା ସମେତ ଅନେକ ପାରମ୍ପରିକ ପ୍ରଥାକୁ ବିରୋଧ କରିଥିଲେ ଓ କରୁଛନ୍ତି। ଏମାନେ 'ସନାତନ ଧର୍ମ'କୁ ଅସ୍ୱୀକାର କରି ନାହାନ୍ତି ବରଂ ସେମାନଙ୍କର ଉଦେଶ୍ୟଏଥିରେ ସୁଧାର ଆଣିବା। କିଛି ଲୋକ ଜାତିକୁ ବ୍ୟବସାୟ ସହ ଯୋଡି ହୋଇଥିବା ଏକ ପ୍ରାକୃତିକ ସାମାଜିକ ବ୍ୟବସ୍ଥା ବୋଲି ଭାବିଥାନ୍ତି। କିନ୍ତୁ ଜାତି ହେଉଛି ହିନ୍ଦୁଧର୍ମର ଅଭିନ୍ନ ଅଙ୍ଗ। ସବୁ ଜାତିରେ ଥିବା ପ୍ରଗତିଶୀଳ ବ୍ୟକ୍ତିମାନେ ଜାତିକୁ ନେଇ ହିଂସାକୁ ବିରୋଧ କରନ୍ତି। ଏମିତି ବି ଅନେକ ଅଛନ୍ତି ଯେଉଁମାନେ ଐତିହାସିକ ତଥ୍ୟ ଏପରିକି ବର୍ତମାନରବାସ୍ତବିକତାକୁ ଗ୍ରହଣ ନକରି ବର୍ଣ୍ଣ ଓ ଜାତି ଜାତି ମଧ୍ୟରେ ବିଭେଦ ସୃଷ୍ଟି କରୁଛନ୍ତି। ହିନ୍ଦୁଧର୍ମର ଆଲୋଚନା କଲେ ଏମାନେ ଆକ୍ରାମକ ହୋଇଉଠୁଛନ୍ତି।

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ସମାଜ ସୁଧାରକ ଥିଲେ କିନ୍ତୁ ସେ ଧର୍ମର ଶାଶ୍ୱତ ଏବଂ କାଳାତୀତ ପ୍ରକୃତି ଉପରେ ଜୋର ଦେଇ 'ବୈଦିକ ଧର୍ମ' କୁ 'ସନାତନ ନିତ୍ୟ ଧର୍ମ' ବୋଲି କହିଥିଲେ। ମହାତ୍ମା ଗାନ୍ଧୀ ମଧ୍ୟ ଥିଲେ ଜଣେ ସନାତନୀ ଓ ମହିଳାମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବାରେ ତାଙ୍କର ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ସୁଧାରିବା 'ସନାତନ ଧର୍ମ' ର ଏକ ଅଂଶ ହୋଇପାରେ ବୋଲି ସେ କହୁଥିଲେ। ସ୍ୱାମୀ ବିବେକାନନ୍ଦ ଶ୍ରୀ ନାରାୟଣ ଗୁରୁଙ୍କ ଆନ୍ଦୋଳନ ପୂର୍ବରୁ କେରଳରେ ହିନ୍ଦୁଧର୍ମର ସ୍ଥିତିକୁ ନେଇ ଆଲୋଚନା କରିଥିଲେ କିନ୍ତୁ 'ସନାତନ ଧର୍ମ'କୁ କେବେ ସମାଲୋଚନା କରିନାହାନ୍ତି। ଧର୍ମକୁ ଗତିଶୀଳ କରିବା ଓ କେତେକ ବ୍ୟବସ୍ଥାକୁ ସୁଧାରିବା ପାଇଁ ପରାମର୍ଶ ଦେଇଥିଲେ। 'ସନାତନ ଧର୍ମ'ର ଏକ ମୂଳ ସିଦ୍ଧାନ୍ତ ଆତ୍ମାର ଶାଶ୍ୱତ ପ୍ରକୃତି ଏବଂ ପୁନର୍ଜନ୍ମର ଅବଧାରଣାକୁବିଶ୍ୱାସ କରେ। କୁହାଯାଏ ଯେ ଆତ୍ମାଅମର ଅଟେ ଓ ମୁକ୍ତି (ମୋକ୍ଷ)ପ୍ରାପ୍ତି ପର୍ଯ୍ୟନ୍ତ ସେ ଜନ୍ମ-ମୃତ୍ୟୁ ଚକ୍ର ଦେଇ ଗତି କରିଥାଏ। 'ସନାତନ ଧର୍ମ'ର ମୂଳ ଅବଧାରଣା ହିନ୍ଦୁ ଧର୍ମ ଭିତରେ ସୀମିତ ନୁହେଁ। ଏହା ଜୈନ ଏବଂ ବୌଦ୍ଧ ଧର୍ମ ପର୍ଯ୍ୟନ୍ତ ବିସ୍ତାରିତ। 'ସନାତନ ଧର୍ମ'ର ଅର୍ଥକୁ ଠିକ ଭାବରେ ବୁଝିବା ଉଚିତ। ଏହାର ଅର୍ଥକୁ ଠିକ ଭାବେ ନ ବୁଝି ଶବ୍ଦକୁ ନେଇ ରାଜନୀତି କରିବା ଓ ହିଂସା ଘଟାଇବା ସମାଜ ଓ ଦେଶପାଇଁ କ୍ଷତିକାରକ ନିଶ୍ଚୟ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ସୀମାରେ ଯବାନଙ୍କ ସହ ଦୀପାବଳି ପାଳିଲେ ମୋଦୀ




ନୂଆଦିଲ୍ଲୀ, ୧।୧୧: ଦୀପାବଳି ପର୍ବରେ ସାରା ଦେଶରେ ଉତ୍ସବର ମାହୋଲ। ପିଲାମାନଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ, ଦୀପାବଳି ପାଇଁ ସମସ୍ତେ ଉତ୍ସାହିତ। କିନ୍ତୁ ଏତେ ବଡ଼ ପର୍ବ ଦିନରେ ମଧ୍ୟ ଆମର ଯବାନମାନେ ସୀମାରେ ନିୟୋଜିତ ଅଛନ୍ତି ଏବଂ ଦେଶକୁ ସୁରକ୍ଷା ଦେଇ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଛନ୍ତି। ଏଭଳି ସ୍ଥିତିରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ପହଞ୍ଚି ଯବାନମାନଙ୍କ ସହ ଦୀପାବଳି ପାଳନ କରିଛନ୍ତି।

ଗୁଜରାଟର କଚ୍ଛରେ ପହଞ୍ଚି ବିଏସ୍‌ଏଫ୍ ଯବାନମାନଙ୍କୁ ମିଠା ଖୁଆଇ ଦୀପାବଳି ପାଳିଛନ୍ତି ପ୍ରଧାନମନ୍ତ୍ରୀ। ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ମୋଦି ପ୍ରତିବର୍ଷ ଦେଶର ବିଭିନ୍ନ ସୀମାରେ ନିୟୋଜିତ ଯବାନମାନଙ୍କ ସହ ଦୀପାବଳି ପାଳନ କରିଆସୁଛନ୍ତି। ୨୦୧୪ରେ ଯେତେବେଳେ ବିଜେପି କ୍ଷମତାକୁ ଆସିଲା, ପ୍ରଧାନମନ୍ତ୍ରୀ ମୋଦି ସିଆଚୀନ ପରିଦର୍ଶନ କରି ସେଠାରେ ନିୟୋଜିତ ଯବାନମାନଙ୍କ ସହ ଦୀପାବଳି ପାଳନ କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ୧୨୫ କୋଟି ଭାରତୀୟ ଶାନ୍ତିରେ ଦୀପାବଳି ପାଳନ କରିପାରୁଛନ୍ତି, କାରଣ ଯବାନମାନେ ସୀମାରେ ଦେଶକୁ ସୁରକ୍ଷା ଦେଉଛନ୍ତି। ଏହାପରଠାରୁ ପ୍ରତିବର୍ଷ ଦୀପାବଳିରେ ଦେଶର ବିଭିନ୍ନ ସୀମାରେ ପହଞ୍ଚି ସେଠାରେ ନିୟୋଜିତ ଯବାନମାନଙ୍କ ସହ ଦୀପାବଳି ପାଳନ କରିଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ୨୦୧୫ରେ ପଞ୍ଜାବ ସୀମା, ୨୦୧୬ରେ ହିମାଚଳ ପ୍ରଦେଶର ସୁମଡୋ, ୨୦୧୭ରେ ଜାମ୍ମୁ-କାଶ୍ମୀରର ଗୁରେଜ ସେକ୍ଟର, ୨୦୧୮ରେ ଉତ୍ତରାଖଣ୍ଡର ହର୍ସିଲ, ୨୦୧୯ରେ ଜାମ୍ମୁ-କାଶ୍ମୀରରେ ରାଜୌରୀ ଏବଂ ୨୦୨୦ରେ ଦୀପାବଳି ପାଳନ ପାଇଁ ସେ ରାଜସ୍ଥାନର ଲୋଙ୍ଗେୱାଲା ସୀମାରେ ପହଞ୍ଚିଥିଲେ। ସେହିଭଳି ୨୦୨୧ରେ ପ୍ରଧାନମନ୍ତ୍ରୀ ମୋଦି ଦୀପାବଳି କାଶ୍ମୀରର ନୋଶେରାରେ ପାଳିଥିଲେ। ୨୦୨୨ ଜାମ୍ମୁ-କାଶ୍ମୀରର କାର୍ଗିଲ ଏବଂ ୨୦୨୩ରେ ହିମାଚଳର ଲେପଚାରେ ଦୀପାବଳି ପାଳନ କରିଥିଲେ ମୋଦି।

### ହେମନ୍ତଙ୍କ ସତ୍ୟପାଠରେ ବୟସ ନେଇ ଭୁଲ ତଥ୍ୟ

## ୫ ବର୍ଷରେ ୪୨ରୁ ୪୯



ରାଞ୍ଚି, ୧।୧୧: ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବାରହେତ ଆସନରୁ ନାମାଙ୍କନ ଦାଖଲ କରିଥିବା ବେଳେ ତାଙ୍କ ସତ୍ୟପାଠରୁ ମିଳିଛି ଚାଞ୍ଚଲ୍ୟକର ତଥ୍ୟ। ଗତ ୫ ବର୍ଷରେ ହେମନ୍ତ ସୋରେନଙ୍କ ବୟସ ବଢ଼ିଛି ୭ ବର୍ଷ। ଅର୍ଥାତ ୫ ବର୍ଷ ପୂର୍ବେ ତାଙ୍କୁ ୪୨ ବର୍ଷ ହୋଇଥିବା ଉଲ୍ଲେଖ ହୋଇଥିବା ବେଳେ ଏବେ ବୟସ ୪୯ ବର୍ଷ ବୋଲି ସତ୍ୟପାଠରେ ଉଲ୍ଲେଖ ହୋଇଛି। ଏହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବିବାଦ। ଆସାମ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ବିଜେପି ସହ- ପ୍ରଭାରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଏପରି ଭୁଲ୍ ତଥ୍ୟ ଦେବା ସତ୍ତ୍ୱେ ହେମନ୍ତ ସୋରେନଙ୍କ ନାମାଙ୍କନ ରଦ୍ଦ ହେବା ଉଚିତ ନୁହେଁ। କାରଣ ଭୋଟର ଏହାର ଉଚିତ ଜବାବ ଦେବେ ଓ ତାଙ୍କୁ ହରାଇଦେବେ। ବିଜେପି ପ୍ରଦେଶ ଅଧ୍ୟକ୍ଷ ବାବୁଲାଲ ମରାଣ୍ଡି କହିଛନ୍ତି, ହେମନ୍ତ ସୋରେନ ସବୁବେଳେ ତ୍ରୁଟିପୂର୍ଣ୍ଣ ତଥ୍ୟ ସତ୍ୟପାଠରେ ଦାଖଲ କରିଥାନ୍ତି। ଏନେଇ ଆମେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛୁ। ଏହାର ଜବାବରେ ଜେଏମ୍‌ଏମ୍ ନେତା ମନୋଜ ପାଣ୍ଡେ କହିଛନ୍ତି, ଜେଏମଏମ୍ କିଛି ଲୁଚାଏ ନାହିଁ। ଆମେ ସବୁ ଦସ୍ତାବିଜ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଛୁ। ସେତେବେଳେ ନିର୍ବାଚନ ଅଧିକାରୀ ଚୁପ୍ ବସିଥିବା ବେଳେ ଏବେ ବିଜେପି ନିଜେ ହାରୁଥିବା ଜାଣି ଷଡଯନ୍ତ୍ର କରିଛି। ବିଜେପିର ବହୁ ନେତା ଫର୍ଜି ଡିଗ୍ରୀ ଦାଖଲ କରିଥିବା ଆମେ ଜାଣିଛୁ। କିନ୍ତୁ ଆମେ ଏପରି କୌଣସି ବି ଫର୍ଜି ଦସ୍ତାବିଜ ଦାଖଲ କରୁନା ବୋଲି ସେ କହିଛନ୍ତି।

## କଳ୍ପନାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜେଏମ୍‌ଏମ୍‌ରେ ସାମିଲ

ରାଞ୍ଚି, ୧।୧୧: ଝାଡ଼ଖଣ୍ଡ ନିର୍ବାଚନ ପୂର୍ବରୁ ଚଳଚଞ୍ଚଳ ହେଲାଣି ରାଜନୀତି। ରାଜନୀତିର ପଶାପାଳିରେ ଜେଏଲ୍‌କେଏମ୍ ପାର୍ଟିକୁ ମିଳିଛି ଶକ୍ତ ଝଟକା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଅକିଲ ଅଖତର ଜେଏଲ୍‌କେଏମ୍ ଛାଡ଼ି ଦେଇଛନ୍ତି। ସେ ଏବେ ଜେଏମ୍‌ଏମ୍‌ରେ ମିଶି ଯାଇଛନ୍ତି। ତେବେ ଏହା ପଛର କାରଣ ନେଇ ସେ ମୁହଁ ଖୋଲୁ ନାହାନ୍ତି।

ଝାଡ଼ଖଣ୍ଡର ଗାଣ୍ଡେୟ ଏବେ ହଟ୍ ସିଟ୍ ପାଲଟିଛି। ଏହି ଆସନରୁ ଜେଏମ୍‌ଏମ୍ କଳ୍ପନା ସୋରେନଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କ ବିରୋଧରେ ଜେଏଲ୍‌କେଏମ୍ ପାର୍ଟି ଅକିଲ ଅଖତରଙ୍କୁ ପ୍ରାର୍ଥୀ କରିଥିଲା। ମାତ୍ର ଅକିଲ ଏବେ ଜେଏଲ୍‌କେଏମ୍ ପାର୍ଟି ଛାଡ଼ି ଜେଏମ୍‌ଏମ୍‌ରେ ସାମିଲ ହୋଇଛନ୍ତି। ଫଳରେ ଜେଏଲ୍‌କେଏମ୍ ପାର୍ଟି ମୁଖ୍ୟ ଜୟରାମ ମହତୋଙ୍କୁ ଶକ୍ତ ଧକ୍କା ଲାଗିଛି। ଅକିଲ ଅଖତର ଜେଏଲ୍‌କେଏମ୍ ପାର୍ଟି ମୁଖ୍ୟ ଜୟରାମ ମହତୋଙ୍କ ଖୁବ୍ ନିକଟତର ଥିଲେ। ଝାଡଖଣ୍ଡ ଭାଷା ଆନ୍ଦୋଳନ ସମୟରୁ ସେ ଜୟରାମ ମହତୋଙ୍କ ସହ ଜଡ଼ିତ ଥଲେ। ଅକିଲ ଅଖତର ଜେଏମ୍‌ଏମ୍‌ରେ ସାମିଲ ହେବା ନେଇ ପାର୍ଟି ପକ୍ଷରୁ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି। ଜେଏମ୍‌ଏମ୍ ସରକାର ଦ୍ୱାରା କରାଯାଉଥିବା ଜନହିତ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତଥା ହେମନ୍ତ ସୋରେନଙ୍କ ନେତୃତ୍ୱ ଦ୍ୱାରା ପ୍ରଭାବିତ ହୋଇ ସେ ଏହି ଦଳରେ ସାମିଲ ହୋଇଥିବା ଜେଏମ୍‌ଏମ୍ ପକ୍ଷରୁ କୁହାଯାଇଛି। ଆସନ୍ତା ୧୩ ଓ ୨୦ ତାରିଖରେ ଝାଡ଼ଖଣ୍ଡରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ମତଗଣନା କାର୍ଯ୍ୟ ଆସନ୍ତା ୨୩ ତାରିଖରେ ହେବ। ଏହାପରେ ସ୍ପଷ୍ଟ ହେବ କିଏ ଝାଡ଼ଖଣ୍ଡ ଶାସନର ମଙ୍ଗ ଧରିବ।

### ମନ୍ଦିରରେ ଲାଗିବ ଭେଣ୍ଡିଂ ମେସିନ

## କ୍ୟୁଆର କୋଡ ସ୍କାନ କଲେ ବାହାରିବ ପ୍ରସାଦ

ଭୋପାଳ, ୧।୧୧: ଆଉ ପ୍ରସାଦ ପାଇଁ ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡ଼ିବନି। ଭେଣ୍ଡିଂ ମେସିନରୁ ବାହାରିବ ପ୍ରସାଦ ପ୍ୟାକେଟ୍। କେବଳ କ୍ୟୁଆର କୋଡ ସ୍କାନ କରି ପେମେଣ୍ଟ କଲେ ବାହାରିବ ଲଡୁ ପ୍ୟାକେଟ। ଏପରି ବ୍ୟବସ୍ଥା ମଧ୍ୟପ୍ରଦେଶର ଉଜ୍ଜୟିନିସ୍ଥିତ ମହାକାଳେଶ୍ୱର ମନ୍ଦିରରେ ହେବାକୁ ଯାଉଛି। ମନ୍ଦିରର ପ୍ରବନ୍ଧ ସମିତି ଅଧ୍ୟକ୍ଷ ତଥା ଜିଲ୍ଲା କଲେକ୍ଟର ନୀରଜ କୁମାର ସିଂହଙ୍କ କହିବା ମୁତାବିକ, ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ଏପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରଦ୍ଧାଳୁମାନେ କେବଳ କ୍ୟୁଆର କୋଡ ସ୍କାନ କରି ପେମେଣ୍ଟ କଲେ ବାହାରିବ ଲଡୁ ପ୍ୟାକେଟ। ଉକ୍ତ ମେଶିନରେ ଶହେ ଗ୍ରାମ, ୨୦୦ ଗ୍ରାମ ଓ ୫ଶଠ ଗ୍ରାମର ଲଡୁ ପ୍ୟାକେଟ ଉପଲବ୍ଧ ରହିଛି। ଏଥିନିମନ୍ତେ ମନ୍ଦିର ସମିତି ପକ୍ଷରୁ କୋଏମ୍ବଟୁରର 5G ଟେକନୋଲୋଜି ନାମକ କମ୍ପାନୀକୁ ଅଟୋମେଟିକ ଭେଣ୍ଡି ମେଶିନର ଅର୍ଡର ଦିଆଯାଇଛି। ଖୁବ୍ ଶୀଘ୍ର ମନ୍ଦିରରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ମହାକାଳେଶ୍ୱର ମନ୍ଦିରକୁ ୨୦୨୧ ମସିହାରେ ଲଡୁ ପ୍ରସ୍ତୁତ କ୍ଷେତ୍ରରେ ପରିଷ୍କାର ପରିଚ୍ଛନ୍ନତା ନିମନ୍ତେ ୫ ଷ୍ଟାର ରେଟିଂ ମିଳିଥିଲା। ଏପରି ରେଟିଂ ପାଇବାରେ ଏହା ସମ୍ଭବତଃ ଦେଶର ପ୍ରଥମ ଧାର୍ମିକ ଅନୁଷ୍ଠାନ। ଏଥିନିମନ୍ତେ ଭାରତ ସରକାରଙ୍କ ଏଫ୍‌ଏସଏସଆଇ ଦ୍ୱାର ଏହି ମନ୍ଦିରକୁ ସେଫ୍ 'ଭୋଗ ପ୍ଲେସ୍' ପ୍ରମାଣପତ୍ର ପ୍ରଦାନ କରିଛି।

## ବିମାନରୁ ଓହ୍ଲାଇବାବେଳେ ପାକିସ୍ତାନ ରାଷ୍ଟ୍ରପତି ଆହତ

ଇସ୍‌ଲାମାବାଦ, ୧।୧୧: ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀଙ୍କ ସହ ଘଟିଛି ଅଘଟଣ। ବିମାନରୁ ଓହ୍ଲାଉଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିବାରୁ ଜର୍ଦ୍ଦାରୀଙ୍କ ଗୋଡ଼ ଭାଙ୍ଗି ଯାଇଛି। ଏପରି ଅଘଟଣ ଦୁବାଇ ଏୟାରପୋର୍ଟରେ ଘଟିଛି। ଇସଲାମାବାଦରୁ ଦୁବାଇ ଗସ୍ତ କରି ଜର୍ଦ୍ଦାରୀ ଦୁବାଇ ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରୁ ବିମାନରୁ ଓହ୍ଲାଉଥିବା ବେଳେ ସେ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତୁରନ୍ତ ତାଙ୍କୁ ଦୁବାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ଗୋଡ଼ରେ ପ୍ଲାଷ୍ଟର କରାଯାଇଛି। ଏଥିସହ ୪ ମାସ ବିଶ୍ରାମ ନେବା ନିମନ୍ତେ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ଜର୍ଦ୍ଦାରୀ ଆସନ୍ତା ୪ରୁ ୯ ତାରିଖ ପର୍ଯ୍ୟନ୍ତ ଚୀନ୍ ଯାତ୍ରାରେ ଯିବା ନିମନ୍ତେ ସ୍ଥିର ହୋଇଥିଲା। ଏହା ମଧ୍ୟରେ ଆସନ୍ତା ୫ ତାରିଖରେ ସାଂଘାଇରେ ହେବାକୁ ଥିବା ବିଶ୍ୱସ୍ତରୀୟ ପ୍ରଦର୍ଶନୀରେ ସେ ଭାଗ ନେଇଥାନ୍ତେ। କିନ୍ତୁ ଏବେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ତାଙ୍କ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟପନ୍ଥାରେ ପରିବର୍ତ୍ତନ କରାଯିବ ବୋଲି ଅନୁମାନ କରାଯାଉଛି। ୬୯ ବର୍ଷୀୟ ଜର୍ଦ୍ଦାରୀ ଲମ୍ବା ସମୟ ଧରି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ବାଣ ବଜାରରେ ବିସ୍ଫୋରଣ: ଜଳିଗଲା ୬୬ ଦୋକାନ

ବୋକାରୋ, ୧।୧୧: ଦୀପାବଳି ମହୋତ୍ସବ ମଧ୍ୟରେ ଝାଡ଼ଖଣ୍ଡରୁ ଏକ ଭୟଙ୍କର ଦୃଶ୍ୟ ସାମ୍ନାକୁ ଆସିଛି। ରାଜ୍ୟର ବୋକାରୋସ୍ଥିତ ଗର୍ଗା ଡ୍ୟାମ ନିକଟରେ ଥିବା ଏକ ବାଣ ଦୋକାନରେ ନିଆଁ ଲାଗିଯାଇଥିଲା। ଏହି ଅଘଟଣରେ ଅତି କମରେ ୬୬ଟି ଦୋକାନ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଏତେ ସଂଖ୍ୟାରେ ବାଣ ଦୋକାନ ବିସ୍ଫୋରଣ ହେବାର ଭୟଙ୍କର ଦୃଶ୍ୟ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛି। ଖବର ପାଇବା ପରେ ଅଗ୍ନିଶମ ବିଭାଗର ୪ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏଥିରେ କୌଣସି ଜନଜୀବନ କ୍ଷୟକ୍ଷତିର ଖବର ଏପର୍ଯ୍ୟନ୍ତ ଆସିନାହିଁ। ଏହି ଦୁର୍ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଦୋକାନରେ ନିଆଁ ଲାଗିବା ପରେ ସେଠାରେ ଥିବା ବାଣ ଗୁଡ଼ିକ ଭୟଙ୍କର ଭାବରେ ବିସ୍ଫୋରଣ ହେଲା ଏବଂ ଚାରିଆଡ଼େ ରକେଟ ବାଣ ଉଡ଼ିଲା। ଯେଉଁଥିପାଇଁ ଦୋକାନୀ ଏବଂ ଗ୍ରାହକଙ୍କ ମଧ୍ୟରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଦୁର୍ଘଟଣା ସମ୍ପର୍କରେ



ପ୍ରଶାସନକୁ ସୂଚନା ଦିଆଯାଇଥିଲା। ନିକଟରେ ଜନଗହଳିପୂର୍ଣ୍ଣ ସ୍ଥାନ ଥିବାରୁ ପ୍ରତିବର୍ଷ ଗର୍ଗା ବ୍ରିଜ ନିକଟ ଖାଲି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଜିଲ୍ଲା ପ୍ରଶାସନ ଅନୁମତି ଦେଇଥାଏ। ଏଠାରୁ ଆଖପାଖ ବିଭିନ୍ନ ଅଞ୍ଚଳର ଲୋକମାନେ ଆସି ବାଣ କିଣନ୍ତି। ଏଥର ଜିଲ୍ଲା ପ୍ରଶାସନ ଅନୁମତି ତ ଦେଇଛି, କିନ୍ତୁ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ମୁମତାଜ ଅନସାରୀ କହିଛନ୍ତି, ଦୋକାନଗୁଡ଼ିକ ଅସ୍ଥାୟୀ। ଏକ ଖୋଲା ସ୍ଥାନରେ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଇଥିଲା। ଆହୁରି ମଧ୍ୟ ଜରୁରୀକାଳିନ ନିୟମ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ଏହି ଅଘଟଣ କିପରି ଘଟିଲା, ଏହାର ତଦନ୍ତ କରାଯିବ।

### ଦୀପାବଳିରେ ଡବଲ ମର୍ଡର

## ଗୁଳିକରି ଦାଦା-ପୁତୁରାଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧।୧୧: ସମଗ୍ର ଦେଶ ଦୀପାବଳି ଉତ୍ସବ ପାଳୁଥିବା ବେଳେ ରାଜଧାନୀ ଦିଲ୍ଲୀରେ ଘଟିଛି ଅଘଟଣ। ନିଜ ଘର ବାହାରେ ବାଣ ଫୁଟାଉଥିବା ଜଣେ ବ୍ୟକ୍ତିଙ୍କ ପାଦ ଛୁଇଁ ତାଙ୍କୁ ଗୁଳି କରିଦେଲେ ଅଭିଯୁକ୍ତ। ଏହି ଅଘଟଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ଦାଦା, ପୁତୁରା ବୋଲି ଜଣାଯାଇଛି। ଏହି ଫାୟାରିଂରେ ଜଣେ ୧୦ ବର୍ଷର ନାବାଳକ ଗୁରୁତର ହୋଇଛି। ଦିଲ୍ଲୀର ଶହାଦରା ଅଞ୍ଚଳରେ ଏହି ଭୟଙ୍କର କାଣ୍ଡ ଘଟିଛି। ମୃତକଦ୍ୱୟ ହେଲେ ଆକାଶ ଶର୍ମା, ତାଙ୍କ ୧୬ ବର୍ଷୀୟ ପୁତୁରା ଋଷଭ। ଏଥିରେ ଆକାଶଙ୍କ ୧୦ ବର୍ଷୀୟ ପୁଅ କୃଷ୍ଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛି। ମୃତ ଆକାଶଙ୍କ ମା'ଙ୍କ କହିବାନୁଯାୟୀ, ଅଭିଯୁକ୍ତ କିଛି ଦିନ ହେବ ତାଙ୍କ ଘର ପାଖରେ ବୁଲୁଥିଲା। ଦୀପାବଳି ପୂର୍ବ ଦିନ ସେ ଘରକୁ ମିଠା ଦେବାକୁ ଆସିଥିଲା। କିନ୍ତୁ ପରିବାର ସଦସ୍ୟ ଗେଟ୍ ନ ଖୋଲିବାରୁ ସେ ପଳାଇଥିଲା। ଗତ ରାତିରେ ଆକାଶ ନିଜ ପରିବାର ସଦସ୍ୟଙ୍କ ସହ ଗେଟ୍ ବାହାରେ ବାଣ ଫୁଟାଉଥିଲେ। ଉକ୍ତ ସମୟରେ ଅଭିଯୁକ୍ତଜଣକ ସେଠାରେ ପହଞ୍ଚିଥିଲେ। ସେ ପ୍ରଥମେ ଆକାଶଙ୍କ ପାଦ ଛୁଇଁଥିଲେ। ଏହାପରେ ଆଖି ବୁଜା ଗୁଳି ଚଳାଇଥିଲେ। ଆକାଶ, ଋଷଭ ଓ କୃଷ୍ଣଙ୍କ ଶରୀରରେ ଗୁଳି ବାଜିଥିଲା।

ପରିବାର ଲୋକେ ତୁରନ୍ତ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଆକାଶ ଓ ଋଷଭଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ କୃଷ୍ଣ ଚିକିତ୍ସିତ ହେଉଛନ୍ତି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଅଭିଯୁକ୍ତଜଣକ ଫେରାର ହୋଇ ଯାଇଥିବା ବେଳେ ପୁଲିସ୍ ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ ଆରମ୍ଭ କରିଛି। ତେବେ ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଦୀପରୁ ନିଆଁ ଲାଗି ୩ ଜଳିଗଲେ

କାନପୁର, ୧।୧୧: ଉତ୍ତରପ୍ରଦେଶର କାନପୁରରେ ଦୀପାବଳିରେ ଘଟିଛି ଅଘଟଣ।ଘରେ ଜଳଥିବା ଦୀପରୁ ନିଆଁ ବ୍ୟାପି ଚାଲିଗଲା ୩ ଜୀବନ। ମୃତକଙ୍କ ମଧ୍ୟରେ ପତିପତ୍ନୀ ଓ ତାଙ୍କ ଘରୋଇ ସହାୟିକା ଥିବା ଜଣାଯାଇଛି। ମୃତକ ହେଲେ ଶ୍ୟାମ ଦସାନୀ, ତାଙ୍କ ପତ୍ନୀ କନିକା ଦସାନୀ ଓ ଘରୋଇ ସହାୟିକା ଛବି ଅଛନ୍ତି। ସେମାନେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି।ଶ୍ୟାମ ଦସାନୀ ଜଣେ ପ୍ରତିଷ୍ଠିତ ବିସ୍କୁଟ ବ୍ୟବସାୟୀ ବୋଲି ଜଣାଯାଇଛି। ଗତ ରାତିରେ ଶ୍ୟାମ ଦସାନୀଙ୍କ ପରିବାର ହସଖୁସିରେ ଦୀପାବଳି ପାଳନ କରିଥିବା ବେଳେ ଘରେ ପୂଜାର୍ଚ୍ଚନା ବି କରିଥିଲେ। ଏହାପରେ ଘରେ ଥିବା ମନ୍ଦିର ସମ୍ମୁଖରେ ଦୀପ ଜଳୁଥିବା ବେଳେ ପରିବାର ଲୋକେ ଶୋଇ ଯାଇଥିଲେ। ଘରେ କେବଳ ଶ୍ୟାମ ଦସାନୀ, ତାଙ୍କ ପତ୍ନୀ ଓ ଘରୋଇ ସହାୟିକା ହିଁ ଥିଲେ। ତାଙ୍କ ପୁଅ କୌଣସି କାମରେ ବାହାରକୁ ଯାଇଥିବାରୁ ସେ ଏହି ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛନ୍ତି। କିଛି ସମୟ ପରେ ଦୀପ ନିଆଁ ପରଦାକୁ ବ୍ୟାପି ଘରେ ମାଡ଼ି ଯାଇଥିଲା। ଫଳରେ ଘର ହୁତୁହୁତୁ ହୋଇ ଜଳିବା ସହ ଚାରିଆଡ଼ ଧୂଆଁମୟ ହୋଇ ଯାଇଥିଲା। ଶ୍ୟାମ ଦସାନୀଙ୍କ ପରିବାର ଲୋକଙ୍କ ନିଦ ଭାଙ୍ଗିବା ପରେ ସେମାନେ ଆଉ ବାହାରିବାକୁ ବାଟ ପାଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ପୁଲିସ୍ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତକୁ ଆଣିଥିଲେ। ଏହାପରେ ପୁଲିସ୍ ଖୋଜଖୋଜି କରି ୩ ମୃତଦେହ ଘରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି।

## ହାଇଦ୍ରାବାଦରେ ବାଣ ବିସ୍ଫୋରଣରେ ଜଣେ ମୃତ

ହାଇଦ୍ରାବାଦ, ୧।୧୧: ଦୀପାବଳିକୁ ନେଇ ସାରା ଦେଶରେ ଉତ୍ସବର ମାହୋଲ। ଅନ୍ୟପଟେ ଆନ୍ଧ୍ର ପ୍ରଦେଶର ଏଲୁରୁରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବାଣ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଦୁଇଜଣ ବ୍ୟକ୍ତି ଏକ ସ୍କୁଟିରେ ଓନିୟନ ବମ୍ (ବାଣ) ଭର୍ତ୍ତି ଏକ କାର୍ଟୁନ୍ ନେଇ ଯାଉଥିଲେ। ରାସ୍ତା ସଂକୀର୍ଣ୍ଣ ଥିଲେ ମଧ୍ୟ ଦ୍ରୁତ ଗତିରେ ଉଭୟ ଗାଡ଼ି ଚଳାଇ ଯାଉଥିଲେ। ସଂକୀର୍ଣ୍ଣ ରାସ୍ତାଟି ପ୍ରଶସ୍ତ ହୋଇ ମୁଖ୍ୟ ରାସ୍ତାରେ ମିଶିଛି। ବାଣ ନେଇ ଯାଉଥିବା ସ୍କୁଟି ସେଠାରେ ପହଞ୍ଚିଲା ବେଳକୁ ଏକ ଛୋଟ ଗାତରେ ପଡ଼ି ହଠାତ୍ ବିସ୍ଫୋରଣ ହୋଇଥିଲା। ସେଠାରେ ୫-୬ ଜଣ ଲୋକ ମଧ୍ୟ ଛିଡ଼ା ହୋଇଥିଲେ। ରିପୋର୍ଟ ଅନୁସାରେ କାର୍ଟୁନରେ ଭର୍ତ୍ତି ପେଟିର ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ସମଗ୍ର ଅଞ୍ଚଳ ଧୂଆଁରେ ପରିପୂର୍ଣ୍ଣ ହୋଇଗଲା। ବିସ୍ଫୋରଣ ହେବା ମାତ୍ରେ ଦୁଇଜଣ ଲୋକ କୌଣସି ପ୍ରକାରେ ଏକ ସୁରକ୍ଷିତ ସ୍ଥାନକୁ ଦୌଡ଼ିଗଲେ। ଏ ସମସ୍ତ ଦୃଶ୍ୟ ସ୍ଥାନୀୟ ଏକ ସିସିଟିଭିରେ ମଧ୍ୟ କଏଦ ହୋଇଛି। ଫୁଟେଜରେ ବାଇକ୍ ଏବଂ ବାଇକ ଆରୋହୀଙ୍କର ଶରୀର ଖଣ୍ଡ ଖଣ୍ଡ ହୋଇ ଛିନ୍ନଭିନ୍ନ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳୁଛି।

ମୃତ ବାଇକ୍ ଆରୋହୀ ଜଣକ ସୁଧାକର ବୋଲି ଜଣାପଡିଛି। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ୬ ଜଣଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଜ ଠାକେରଙ୍କ ପୁଅ ଅମିତଙ୍କୁ ବିଜେପିର ସମର୍ଥନ

ମୁମ୍ବାଇ, ୧।୧୧: ମହାରାଷ୍ଟ୍ରରେ ବିଜେପି ଓ ସହଯୋଗୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ଉଭୟ ଦଳ ଅଜିତ ପାୱାରଙ୍କ ଏନସିପି ସହ ମିଶି ବିଧାନସଭା ନିର୍ବାଚନ ଲଢ଼ୁଥିଲେ ହେଁ ମହିମ ଆସନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ନିର୍ବାଚନକୁ ଆଉ ମାତ୍ର ୨୦ ଦିନ ବାକି ଥିବା ବେଳେ ଏପରି ତିକ୍ତତା ସମସ୍ତଙ୍କୁ ଚକିତ କରିଛି।



ମହିମ ଆସନରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି। ମହାରାଷ୍ଟ୍ର ନବନିର୍ମାଣ ସେନା ପକ୍ଷରୁ ଏଠାରେ ରାଜ ଠାକରେଙ୍କ ପୁଅ ଅମିତ ପ୍ରାର୍ଥୀ ହୋଇଛନ୍ତି। ବର୍ତ୍ତମାନର ଶିବସେନା ବିଧାୟକ ସଦା ସର୍ବନକର ଓ ଶିବସେନା(ୟୁବିଟି) ମହେଶ ସାୱନ୍ତ ମଧ୍ୟ ଏଠାରେ ଲଢ଼େଇ କରୁଛନ୍ତି। ବିଜେପି ଅମିତଙ୍କୁ ସମର୍ଥନ କରୁଥିବା ବେଳେ ସିନ୍ଦେଙ୍କ ଶିବସେନା ଏଥିରେ ଏକମତ ହୋଇ ନାହିଁ। ଏଥିପାଇଁ ଦଳ ପକ୍ଷରୁ ମହିମର ବିଧାୟକ ସଦାଙ୍କୁ ପୁଣି ପ୍ରାର୍ଥୀ କରାଯାଇଛି। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ଅମିତ ଠାକରେଙ୍କ ପାଇଁ ବିଜେପି ଚାହୁଁଛି ଯେ ଶିବସେନା ପ୍ରାର୍ଥୀ ସଦା ନାମାଙ୍କନ ପ୍ରତ୍ୟାହାର କରି ନିଅନ୍ତୁ। ଏହାକୁ ନେଇ ସିନ୍ଦେ ସେନା ସହ ଗୋଟିଏ ବୁଝାମଣା ହୋଇଥିବା ବିଜେପି ଦାବି କରୁଥିବା ବେଳେ ସଦା ଓଲଟା କଥା କହିଛନ୍ତି। ଯଦି ଶିବସେନା ଏଠାରେ ପ୍ରାର୍ଥୀ ନ ଦେବ, ତା'ହେଲେ ଭୋଟ ଗୁଡ଼ିକ ଉଦ୍ଧବ ଠାକରେଙ୍କ ଗୋଷ୍ଠୀଙ୍କ ପାଖକୁ ଚାଲିଯିବ। ତେଣୁ ସଦା ଏଠାରୁ ଲଢ଼ିବାକୁ ଏକପ୍ରକାରର ବଦ୍ଧପରିକର ହୋଇଛନ୍ତି। ବିଧାୟକ ସଦା ରାଜ ଠାକରେଙ୍କୁ ଅମିତଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏଥିସହ ସେ ସିନ୍ଦେ ସେନାଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ ରାଜ ଠାକରେଙ୍କୁ କହିଛନ୍ତି।

ସେ ଗୋଟିଏ ଟ୍ୱିଟ କରି କେମିତି ୪୦ ବର୍ଷ ଧରି ଶିବସେନା ପ୍ରତି ବିଶ୍ୱସ୍ତ ରହିଛନ୍ତି ଓ କଠିନ ପରିଶ୍ରମ କରି ୩ ଥର ବିଧାୟକ ହୋଇଛନ୍ତି, ସେକଥା ଜଣାଇଛନ୍ତି। ଯଦି ଆଜି ଦିବଂଗତ ବାଲ ଠାକରେ ବଞ୍ଚିଥାଆନ୍ତେ, ତା'ହେଲେ କେବେ ହେଲେ ଏହି ସିଟକୁ ତାଙ୍କ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ କହି ନଥାଆନ୍ତେ ବୋଲି ମଧ୍ୟ ସଦା କହିଛନ୍ତି। ସେ କହିଛନ୍ତି, "ବାଲ ଠାକରେଙ୍କ ସମ୍ପର୍କୀୟଙ୍କ ମଧ୍ୟରୁ ୫୦ ଜଣ ଦାଦ୍ରା-ମହିମରେ ରୁହନ୍ତି। କିନ୍ତୁ ସେ ମୋ ଭଳି ଜଣେ ସାଧାରଣ କର୍ମୀଙ୍କୁ ମନୋନୀତ କରିଥିଲେ। ସେ ଏମିତି ଜଣେ ନେତା ଥିଲେ ଯିଏ କର୍ମୀଙ୍କ ମନୋବଳକୁ ବଢ଼ାଉଥିଲେ। ଆପଣ ଏକନାଥ ସିନ୍ଦେ ସାହେବଙ୍କୁ ଦେଖନ୍ତୁ, ତାଙ୍କ ପୁଅ ୩ଥରର ସାଂସଦ। କିନ୍ତୁ ସେ ତାଙ୍କ ପୁଅଙ୍କୁ କେନ୍ଦ୍ରରେ ମନ୍ତ୍ରୀ ନ କରି ଜଣେ ବିଶ୍ୱସ୍ତ ଶିବ ସୈନିକଙ୍କୁ ସୁଯୋଗ ଦେଇଛନ୍ତି। ମୁଁ ରାଜ ସାହେବଙ୍କୁ ଅନୁରୋଧ କରୁଛି ଯେ ସେ ମୋ ଭଳି ଜଣେ କର୍ମୀଙ୍କ ସହ ଅନ୍ୟାୟ କରନ୍ତୁ ନାହିଁ। ଆପଣଙ୍କ ସମର୍ଥନ ମୋତେ ଦିଅନ୍ତୁ।" ଏହାପୂର୍ବରୁ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଘୋଷଣା କରିଥିଲେ ଯେ ମହିମରେ ବିଜେପି ରାଜ ଠାକରେଙ୍କ ପୁଅ ଅମିତଙ୍କୁ ସମର୍ଥନ କରିବା ନେଇ ଯେଉଁ ନିଷ୍ପତ୍ତି ନେଇଥିଲା, ସେଥିରେ କାଏମ ରହିଛି।

## ଚାଇନା ପାଇଁ ଚେନାବ ବ୍ରିଜର ତଥ୍ୟ ସଂଗ୍ରହ କରୁଛି ପାକିସ୍ତାନ

ନୂଆଦିଲ୍ଲୀ, ୧।୧୧: ଚାଇନାର ବୋଲକରା ସାଜିଥିବା ପାକିସ୍ତାନର ଭାରତ ବିରୋଧୀ ଷଡ଼ଯନ୍ତ୍ର ପୁଣି ସାମ୍ନାକୁ ଆସିଛି। ଚାଇନା ଗୁଇନ୍ଦା ବିଭାଗ କଥାରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଜମ୍ମୁ-କଶ୍ମୀରରେ ଥିବା ଚେନାବ ବ୍ରିଜର ତଥ୍ୟ ସଂଗ୍ରହ କରୁଛି। ଚେନାବ ଠାରେ ଭାରତ ସରକାର ରେଳ ବ୍ରିଜ ନିର୍ମାଣ କରୁଛନ୍ତି। ଏହା ରେସି ଓ ରାମବନ ଜିଲ୍ଲା ସହ ଲିଙ୍କ ହୋଇଛି। ଚାଇନା ଏହି ବ୍ରିଜ ସମ୍ପର୍କରେ ସବିଶେଷ ତଥ୍ୟ ଚାହୁଁଥିବାରୁ ପାକିସ୍ତାନ ଗୁଇନ୍ଦା ସଂସ୍ଥାକୁ ଏହାର ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ଚେନାବ ବ୍ରିଜ ହେଉଛି ବିଶ୍ୱର ସୁଉଚ୍ଚ ରେଳ ବ୍ରିଜ। ନିକଟରେ ଏହି ଲାଇନରେ ଟ୍ରାଏଲ ରନ ହୋଇଛି। ଜମ୍ମୁ-କଶ୍ମୀର ସହ ପୂରା ଭାରତକୁ ଯୋଡ଼ିବା ପାଇଁ ଏପରି ବ୍ରିଜ୍‌କୁ ତିଆରି କରାଯାଉଛି। ସୂତ୍ର ଅନୁସାରେ, ବ୍ରିଜ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଉଭୟ ପାକିସ୍ତାନ ଓ ଚାଇନା ଗୁଇନ୍ଦା ସଂସ୍ଥା ସଂଗ୍ରହ କରିବାରେ ଲାଗିଛନ୍ତି। ଜମ୍ମୁର ରେସି ଜିଲ୍ଲାରେ ଏହି ବ୍ରିଜ୍‌କୁ ଶେଷ କରିବା ପାଇଁ ସରକାରଙ୍କୁ ୨୦ ବର୍ଷ ଲାଗିଥିଲା। ସବୁ ପାଣିପାଗ ସହ ଖାପ ଖୁଆଇ ପାରୁଥିବା ୨୭୨ କିମି ରେଳ ସେକସନର ଏହା



ଅଂଶବିଶେଷ। ଏହି ରେଳ ଲାଇନ କଶ୍ମୀର ଉପତ୍ୟକା ଯାଏ ଲମ୍ବିଛି। ତେବେ ଏହି ପ୍ରକଳ୍ପ କେବେ ଶେଷ ହେବ, ତା'ର ତାରିଖ ଧାର୍ଯ୍ୟ କରାଯାଇନାହିଁ। ବର୍ତ୍ତମାନ କଶ୍ମୀରକୁ ଅବଶିଷ୍ଟ ଭାରତ ସହ ସଂଯୋଗ କରୁଥିବା ସଡ଼କ ପଥ ସାଧାରଣତଃ ଶୀତ ଋତୁରେ ବନ୍ଦ ହୋଇଯାଉଛି। ତେଣୁ ସରକାର ଚେନାବ ବ୍ରିଜ ଦ୍ୱାରା ଉକ୍ତ ପଥକୁ ଚଳଚଞ୍ଚଳ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ସମ୍ପର୍କରେ ସମସ୍ତଙ୍କୁ ଜଣା। କଶ୍ମୀର ରେଳ ଲାଇନ ଜରିଆରେ ଗୋଟିଏ ବଡ଼ ଭିତ୍ତିଭୂମି ପାଇବାକୁ ଯାଉଛି। ଭାରତ ସରକାର କଶ୍ମୀରର ବିକାଶ କରିବା ଲକ୍ଷ୍ୟରେ ଏପରି ବ୍ୟବସ୍ଥା କରିଥିବା ବେଳେ ପାକିସ୍ତାନ ଓ ଚାଇନା ଏଥିରେ ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟରେ ତଥ୍ୟ ସଂଗ୍ରହରେ ଲାଗି ପଡ଼ିଥିବା କୁହାଯାଉଛି।

# ନ୍ୟୁଜିଲ୍ୟାଣ୍ଡ ୨୩୫ରେ ଅଲଆଉଟ

## ଜାଡେଜା ୫, ସୁନ୍ଦରଙ୍କୁ ୪ ୱିକେଟ




**ମୁମ୍ବାଇ, ୧।୧୧:** ନ୍ୟୁଜିଲ୍ୟାଣ୍ଡଠାରୁ ଟେଷ୍ଟ ସିରିଜ ହାରି ସାରିଥିବା ଘରୋଇ ଟିମ ଭାରତ ଆଜି ଶେଷ ମ୍ୟାଚ୍‌ରେ ବୋଲିଂରେ ଯାଦୁ ଦେଖାଇଛି। ମୁମ୍ବାଇର ୱାଙ୍ଖେଡେରେ ଆରମ୍ଭ ହୋଇଥିବା ଶେଷରେ ପ୍ରଥମେ ବ୍ୟାଟିଂ କରୁଥିବା ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୨୩୫ ରନ କରିଛି। ଦଳ ପାଇଁ ୱିଲ ୟଙ୍ଗ ଓ ଡାରେଲ ମିଚେଲ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ କ୍ୱିୱି ଟିମ ବଡ଼ ସ୍କୋର କରିବାରେ ବିଫଳ ହୋଇଛି। ଭ୍ରମଣକାରୀ ଦଳକୁ ଟିମ ଇଣ୍ଡିଆର ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଘାଇଲା କରିଛନ୍ତି।

ଜାଡେଜା ଏକାକୀ ୫ ୱିକେଟ ନେଇଥିବା ବେଳେ ସୁନ୍ଦର ୪ଟି ସଫଳତା ପାଇଛନ୍ତି। ସେହିପରି ଗୋଟିଏ ୱିକେଟ ଆକାଶ ଦୀପଙ୍କ ଖାତାକୁ ଯାଇଛି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏହା ଜାଜେଡାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେ ୬୫ ରନ ଦେଇ ୫ ୱିକେଟ ଦଖଲ କରିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ନ୍ୟୁଜିଲ୍ୟାଣ୍ଡକୁ ଆକାଶ ଦୀପ ୧୫ ରନରେ ପ୍ରଥମ ଝଟକା ଦେଇଥିଲେ। ସେ ଡେଭନ କନୱେ(୪)ଙ୍କୁ ଆଉଟ କରିଥିଲେ। ଅଧିନାୟକ ଟମ ଲାଥମ ଭଲ ଲୟରେ ଥିଲେ ହେଁ ୨୮ ରନ କରି ୱାଶିଂଟନଙ୍କ ପ୍ରଥମ ଶିକାର ବନିଥିଲେ। ରଚିନ ରବୀନ୍ଦ୍ର ମାତ୍ର ୫ ରନ କରି ୱାଶିଂଟନଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଲଞ୍ଚ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୩ ୱିକେଟ ହରାଇ ୯୨ ରନ କରିଥିଲା। ଲଞ୍ଚ ପରେ ୟଙ୍ଗ ଓ ମିଚେଲ ସ୍ଥିତି ସମ୍ଭାଳିଥିଲେ। ଉଭୟ ଦଳ ସ୍କୋରୁ ୭୨ରୁ ନେଇ ୧୫୯ରେ ପହଞ୍ଚାଇ ଦେଇଥିଲେ। ୟଙ୍ଗଙ୍କ ବ୍ୟାଟରୁ ମଧ୍ୟ ଜବରଦସ୍ତ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ଦଳୀୟ ସ୍କୋର ୧୫୯ ଥିବା ବେଳେ ଜାଡେଜା ଏହି ଭାଗିଦାରୀକୁ ଭାଙ୍ଗି ଥିଲେ। ସେ ୭୧ ରନ କରିଥିବା ୟଙ୍ଗଙ୍କୁ ଆଉଟ କରି ଭାରତକୁ ୪ର୍ଥ ସଫଳତା ଦେଇଥିଲେ।

ସମାନ ଓଭରରେ ଟମ ବ୍ଲଣ୍ଡେଲ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଶିକାର ବନିଥିଲେ। ଟି ଟାଇମ ପୂର୍ବରୁ ମିଚେଲ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ଅନ୍ୟପଟେ ଥିବା ଗ୍ଲେନ ଫିଲିପ୍ସ(୧୭)ଙ୍କୁ ଜାଡେଜା ବୋଲ୍ଡ କରି ଦେଇଥିଲେ। ଟି ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୬ ୱିକେଟ ହରାଇ ୧୯୨ ରନ କରିଥିଲା।

ଟି ବ୍ରେକରୁ ଫେରିବା ପରେ ମିଚେଲ ବଡ଼ବଡ଼ ଶଟ ଖେଳିବା ଆରମ୍ଭ କରିଥିଲେ। କିନ୍ତୁ ତାଙ୍କୁ ଅନ୍ୟ କୌଣସି ବ୍ୟାଟର ସାଥ ଦେଇ ନଥିଲେ। ଈଶ ଶୋଢ଼ି ମାତ୍ର ୭ ରନ କରି ଜାଡେଜାଙ୍କ ବଲରେ ଆଉଟ ହୋଇଥିଲେ। ସମାନ ଓଭରରେ ସେ ମ୍ୟାଟ ହେନରୀ(୦)ଙ୍କୁ ମଧ୍ୟ ବୋଲ୍ଡ କରିଥିଲା। ଏହି ସଫଳତା ସହ ସେ ଟେଷ୍ଟ କ୍ୟାରିୟରରେ ଆଉ ଏକ ୫ ୱିକେଟ ସଫଳତା ହାସଲ କରିଥିଲେ। ନ୍ୟୁଜିଲ୍ୟାଣ୍ଡ ୨୧୦ରେ ୮ଟି ୱିକେଟ ହରାଇ ସାରିଥିଲେ ହେଁ ମିଚେଲ କାଉଣ୍ଟର ଆଟାକ ଜାରି ରଖିଥିଲେ। କିନ୍ତୁ ଏହାକୁ ବେଶୀ ଲମ୍ବା କରିବାକୁ ଦେଇ ନଥିଲେ ୱାଶିଂଟନ। ସେ ୮୨ ରନ କରିଥିବା ମିଚେଲଙ୍କୁ ଆଉଟ କରି ନ୍ୟୁଜିଲ୍ୟାଣ୍ଡକୁ ୯ମ ଝଟକା ଦେଇଥିଲେ। ଏଜାଜ ପଟେଲ ଗୋଟିଏ ଛକା ମାରିଥିଲେ ହେଁ ତାଙ୍କୁ ଆଉଟ କରି ୱାଶିଂଟନ ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।



# ଭାରତକୁ ଶୋଚନୀୟ ଭାବେ ପରାସ୍ତ କଲା ପାକିସ୍ତାନ

**ନୂଆଦିଲ୍ଲୀ,୧।୧୧:** ହଂକଂ କ୍ରିକେଟ ସିକ୍ସ ଟୁର୍ନାମେଣ୍ଟରେ ପାକିସ୍ତାନ ଭାରତକୁ ୬ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନୀ ଦଳ ବର୍ତ୍ତମାନ ଗ୍ରୁପ ପର୍ଯ୍ୟାୟର ଉଭୟ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ଖେଳୁଥିବା ଟିମ ଇଣ୍ଡିଆ ନିର୍ଦ୍ଧାରିତ ୫ ଓଭରରେ ୧୧୯ ରନ ସଂଗ୍ରହ କରିଥିଲା। ପାକିସ୍ତାନ ଦଳ କୌଣସି ଉଇକେଟ ନ ହରାଇ ୬ ଉଇକେଟ ଜିତିଛି। ହଂକଂ ସିକ୍ସ ଟୁର୍ନାମେଣ୍ଟରେ ଗୋଟିଏ ଦଳ ୬ ଖେଳାଳିଙ୍କ ସହ ଫିଲ୍ଡକୁ ଓହ୍ଲାଇଥାଏ। ରବିନ ଉଥାପ୍ପା ଏବଂ ଭରତ ଚିପଲି ଭାରତ ପାଇଁ ଇନିଂସ ଆରମ୍ଭ କରିଥିଲେ। ଉଥାପ୍ପା ୮ ଟି ବଲରେ ୩୧ ରନ ସଂଗ୍ରହ କରିଥିବାବେଳେ ଭାରତ ୧୬ଟି ବଲରେ ୫୩ ରନ୍‌ର ଚମତ୍କାର ଇନିଂସ ଖେଳିଥିଲେ। କେଦାର ଯାଦବ ମାତ୍ର ୮ ରନ ସ୍କୋର କରଥିଲେ। ତାଙ୍କ ପରେ ମନୋଜ ତିୱାରୀ ୭ଟି ବଲରେ ୧୭ ରନ ଇନିଂସ ଖେଳି ଦଳକୁ ୧୧୯ ସ୍କୋରକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫାହିମ ଆଶ୍ରାଫ ପାକିସ୍ତାନ ପାଇଁ ଉଭୟ ଉଇକେଟ ନେଇଥିଲେ।

# ଆଇପିଏଲ ଖେଳାଳିଙ୍କ ରିଟେନସନ୍ ତାଲିକା ଜାରି




**ନୂଆଦିଲ୍ଲୀ, ୧।୧୧:** ଆଇପିଏଲ-୨୦୨୫ ଲାଗି ମେଗା ଅକ୍ସନ ପୂର୍ବରୁ ସବୁ ଦଳ ରିଟେନସନ୍ ତାଲିକା ଜାରି କରିଛନ୍ତି। ନିଲାମୀ ନଭେମ୍ବର ଶେଷ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ହୋଇପାରେ। ବିସିସିଆଇ ରିଟେନ୍ ଖେଳାଳିଙ୍କୁ ନେଇ ନୂଆ ନିୟମ କରିଥିଲା। ଏହି ନିୟମ ଅନୁସାରେ ଗୋଟିଏ ଫ୍ରାଞ୍ଚାଇଜ୍ ଅତି ବେଶୀରେ ୬ ଜଣ ଖେଳାଳିଙ୍କୁ ରିଟେନ୍ କରିପାରିବ। ଆଉ ଏବେ ଆସନ୍ତୁ ଜାଣିବା ୧୦ ଟିମ୍‌ର ରିଟେନ ତାଲିକାରେ କେଉଁ ସବୁ ଖେଳାଳି ସାମିଲ ଅଛନ୍ତି ଏବଂ ସେମାନଙ୍କୁ କେତେ ଟଙ୍କା ମିଳିଛି।

**ଗୁଜରାଟ ଟାଇଟନ୍ସ (ଜିଟି)**
ଶୁଭମନ ଗିଲ୍ (୧୬.୫ କୋଟି)
ରାସିଦ ଖାନ (୧୮ କୋଟି)
ସାଇ ସୂଦର୍ଶନ (୮.୫ କୋଟି)
ଶାହରୁଖ ଖାନ (୪ କୋଟି)
ରାହୁଲ ତେଓଟିଆ (୪ କୋଟି)

**ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ)**
ହାର୍ଦ୍ଦିକ ପାଣ୍ଡ୍ୟା (୧୬.୩୫ କୋଟି)
ସୂର୍ଯ୍ୟକୁମାର ଯାଦବ (୧୬.୩୫ କୋଟି)
ରୋହିତ ଶର୍ମା (୧୬.୩୦ କୋଟି)
ଜଶପ୍ରୀତ ବୁମରା (୧୮ କୋଟି)
ତୀଲକ ବର୍ମା (୮ କୋଟି)

**ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)**
ଋତୁରାଜ ଗାଏକ୍ୱାଡ (୧୮ କୋଟି)
ମଥିଶା ପାଥିରାନା (୧୩ କୋଟି)
ଶିବମ ଦୁବେ (୧୨ କୋଟି )
ରବୀନ୍ଦ୍ର ଜାଡେଜା (୧୮ କୋଟି)
ମହେନ୍ଦ୍ର ସିଂ ଧୋନି (୪ କୋଟି)

**ଲକ୍ଷ୍ମୌ ସୁପର ଜାଏଣ୍ଟସ୍ (ଏଲଏସ୍‌ଜି)**
ନିକୋଲାସ ପୁରନ (୨୧ କୋଟି)
ମୟଙ୍କ ଯାଦବ (୧୧ କୋଟି)
ରବି ବିଷ୍ଣୋଇ (୧୧ କୋଟି)
ଆୟୁଶ ବାଦୋନୀ (୪ କୋଟି)
ମୋହସିନ ଖାନ (୪ କୋଟି)

**ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ୍)**
ପ୍ୟାଟ କମିନ୍ସ (୧୮ କୋଟି)
ହେନରିକ୍ କ୍ଲାସେନ (୨୩ କୋଟି)
ଅଭିଶେଖ ବର୍ମା (୧୪ କୋଟି)
ଟ୍ରେଭିସ ହେଡ୍ (୧୪ କୋଟି)
ନୀତୀଶ ରେଡ୍ଡୀ (୬ କୋଟି)

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)**
ବିରାଟ କୋହଲି (୨୧ କୋଟି)
ରଜତ ପଟିଦାର (୧୧ କୋଟି)
ୟଶ ଦୟାଲ (୫ କୋଟି)

**ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)**
ଅକ୍ଷର ପଟେଲ (୧୬.୫୦ କୋଟି)
କୁଲଦୀପ ଯାଦବ (୧୩.୨୫ କୋଟି)
ଟ୍ରିଷ୍ଟନ ଷ୍ଟବ୍ସ (୧୦ କୋଟି)
ଅଭିଷେଖ ପୋରେଲ୍ (୪ କୋଟି)

**କୋଲକାତା ନାଇଟ ରାଇଡର୍ସ (କେକେଆର)**
ସୁନୀଲ ନାରିନ (୧୨ କୋଟି)
ରିଙ୍କୁ ସିଂ (୧୩ କୋଟି)
ଆଂଡ୍ରେ ରସେଲ୍ (୧୨ କୋଟି)
ବରୁଣ ଚକ୍ରବର୍ତ୍ତୀ (୧୨ କୋଟି)
ହର୍ଷିତ ରାଣା (୪ କୋଟି)
ରମଣଦୀପ ସିଂ (୪ କୋଟି)

**ପଂଜାବ କିଙ୍ଗ୍ସ (ପିବିକେଏସ୍)**
ଶଶାଙ୍କ ସିଂହ (୫.୫ କୋଟି)
ପ୍ରଭସିମରନ୍ ସିଂହ (୪ କୋଟି)

**ରାଜସ୍ଥାନ ରୟାଲ୍ସ (ଆରଆର)**
ସୁଞ୍ଜୁ ସାମସନ ( ୧୮ କୋଟି)
ଯଶସ୍ୱୀ ଜୟସ୍ୱାଲ (୧୮ କୋଟି)
ରିୟାନ ପରାଗ (୧୪ କୋଟି)
ଧ୍ରୁବ ଜୁରେଲ୍ (୧୪ କୋଟି)
ଶିମରନ ହେଟମାୟର (୧୧ କୋଟି)
ସଂଦୀପ ଶର୍ମା (୪ କୋଟି)

ରିଟେନସନ ତାଲିକାରୁ ଜଣାପଡୁଛି ଯେ, ଋଷଭ ପନ୍ତ, ଶ୍ରେୟସ ଆୟର, କେଏଲ ରାହୁଲ ଏବଂ ଫାଫ ଡୁ ପ୍ଲେସିସ୍‌ଙ୍କୁ ତାଙ୍କ ଦଳ ରିଟେନ ତାଲିକାରେ ସାମିଲ କରିନାହିଁ। ସେହିଭଳି ଧୋନି ଆଗାମୀ ସିଜନନରେ ପୁଣି ଥରେ ଖେଳିବାକୁ ଯାଉଛନ୍ତି। ଅନ-କ୍ୟାପଡ୍ ଖେଳାଳି ଭାବରେ ଧୋନିଙ୍କୁ ରିଟେନ୍ କରିଛି ସିଏସ୍‌କେ।

## ସୂର୍ଯ୍ୟ-ହାର୍ଦ୍ଦିକଙ୍କଠାରୁ କମ୍ ଦରମାରେ ଖେଳିବେ ରୋହିତ



**ନୂଆଦିଲ୍ଲୀ,୧।୧୧:** ଆଇପିଏଲ ୨୦୨୫ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚ ଖେଳାଳିଙ୍କୁ ରିଟେନ କରିଛି। ସେମାନଙ୍କ ନାମ ଜସପ୍ରୀତ ବୁମ୍‌ରା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରୋହିତ ଶର୍ମା ଏବଂ ତିଳକ ବର୍ମା। କହୁରଖୁଛୁ ଯେ ଦରମା ଦୃଷ୍ଟିରୁ ରୋହିତଙ୍କୁ ବୁମ୍‌ରା, ପାଣ୍ଡ୍ୟା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ତଳେ ରଖାଯାଇଛି। ବର୍ତ୍ତମାନ ମୁମ୍ବାଇର ପୂର୍ବତନ ଅଧିନାୟକ କହିଛନ୍ତି ଯେ ଦଳକୁ ମଜଭୁତ କରିବାକୁ ଏମଆଇ ୫ ଖେଳାଳିଙ୍କୁ ରିଟେନ କରିଛି। ରୋହିତ ଶର୍ମା କହିଛନ୍ତି ଯେ ଯେଉଁ ନମ୍ବରରେ ତାଙ୍କୁ ରଖାଯାଇଛି ତାହା ତାଙ୍କ ପାଇଁ ଉପଯୁକ୍ତ ସ୍ଥାନ। ସେ କହିଛନ୍ତି, ଯେହେତୁ ମୁଁ ଅବସର ନେଇଛି, ତେଣୁ ଏହା ମୋ ପାଇଁ ଏକ ଉପଯୁକ୍ତ। ଆନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କୁ ପ୍ରାଥମିକତା ଦିଆଯିବା ଉଚିତ୍। ଆଇପିଏଲ ୨୦୨୪ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲରେ ଶେଷ ସ୍ଥାନରେ ରହିଥିଲା। ସେହି ପ୍ରଦର୍ଶନକୁ ମନେ ପକାଇ ରୋହିତ କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଦଳ ଭଲ କରିବା ପାଇଁ ଦଳ ତାର ସମସ୍ତ ଚେଷ୍ଟା କରିବ। ସେ କହିଛନ୍ତି, ଆମେ ମୁମ୍ବାଇକୁ ମଜବୁତ କରିବାକୁ ଚେଷ୍ଟା କରିଛୁ। ବର୍ତ୍ତମାନ ଆମର ଲକ୍ଷ୍ୟ ହେଉଛି ନିଲାମରେ ଏପରି ଖେଳାଳି ଚୟନ କରିବା ଯିଏ ଆମ ପାଇଁ ମ୍ୟାଚ ବିଜେତା ବୋଲି ପ୍ରମାଣ କରିପାରିବ। ଆମେ ସଠିକ ପଦକ୍ଷେପ ଗ୍ରହଣ କରିବୁ ଏବଂ ଦଳ ପାଇଁ ଯାହା ଯୋଗ୍ୟ ତାହା ଗ୍ରହଣ କରିବୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଗଲ ଉପରେ...

ଗୋଟିଏ ମାମଲା ହୋଇଥିଲା। ଏହାର ଶୁଣାଣି କରି କୋର୍ଟ ଗୁଗଲ ଉପରେ ୨୦ ଡିଲିୟନ ଡଲାର ଆର୍ଥିକ ଦଣ୍ଡ ଲାଗୁ କରିଛନ୍ତି।

କୋର୍ଟ କହିଛନ୍ତି ଯେ, ୟୁଟ୍ୟୁବରେ ଋଷିଆ ସରକାରଙ୍କ ଚ୍ୟାନେଲଗୁଡ଼ିକୁ ବ୍ୟାନ କରି ଗୁଗୁଲ ଜାତୀୟ ପ୍ରସାରଣ ନିୟମକୁ ଉଲ୍ଲଂଘନ କରିଛି। ତେଣୁ ସଂସ୍ଥାକୁ ଦଣ୍ଡିତ କରାଯାଉଛି। ଏହା ବ୍ୟତୀତ ଗୁଗୁଲକୁ ଏହି ଚ୍ୟାନେଲଗୁ ପୁନଃ ପ୍ରସାରଣ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପ୍ଲାଟଫର୍ମ ନଅ ମାସ ମଧ୍ୟରେ ଏହି ଆଦେଶ ପାଳନ ନକରେ, ଜରିମାନା ରାଶିକୁ ପ୍ରତିଦିନ ବଢ଼ାଯିବ। ପ୍ରତିଦିନ ଗୁଗଲ ଉପରେ ୧୨୦୦ ଡଲାର ଲେଖାଏ ଜରିମାନା ଲାଗି ଚାଲିଥିବ।

ଗୁଗଲ ବିରୋଧରେ ଏହି ମାମଲା ୨୦୨୨ ମାର୍ଚ୍ଚ ମାସରେ ହୋଇଥିଲା। ୟୁଟ୍ୟୁବ ପକ୍ଷରୁ ଆରଟି ଓ ସ୍ପୁଟ୍ନିକ ସମେତ ଋଷିଆର ଅନେକ ରାଷ୍ଟ୍ରାୟତ୍ତ ଚ୍ୟାନେଲ ଉପରେ ବିଶ୍ୱବ୍ୟାପୀ ନିଷେଧାଦେଶ ଘୋଷଣା କରାଯିବା ପରେ ଋଷିଆ ମାମଲା ରୁଜୁ କରିଥିଲା। ଏବେ ଏହାର ରାୟ ସାମ୍ନାକୁ ଆସିଛି।

### ଗ୍ୟାଙ୍ଗ୍ ୱାର...

ଆହତ ହୋଇଥିଲେ। ସହିଦ ନଗର ଥାନାରେ ମାଧ୍ୟ ମାମଲା ଦାୟର ହୋଇଛି। ଆଜି ପୁଣି ଥରେ ସେହି ଗୋଷ୍ଠୀ ବାଇକରେ ରାଲି କରି ଆସି ୱିନର କ୍ଲବ୍ ବାହାରେ ବମ ପକାଇବା ସହ ଗାଡ଼ି ଭଙ୍ଗା ରୁଜା କରିଥିଲେ। ସହିଦ ନଗର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛି।

### ପୁଣି...

କିଛି ଅଞ୍ଚଳରେ ଘଡଘଡି ବିଜୁଳି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳିଛି । ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ।

ଗୋଟିଏପଟେ ଦାନାର ଦୁଃଖ ଯାଇନି, ଅନ୍ୟପଟେ ଚର୍ଚ୍ଚା ହେଉଛି ଆଉ ଏକ ବାତ୍ୟା ନଭେମ୍ବରରେ ଓଡ଼ିଶା ଆସିବ । ଏକଥା ଶୁଣି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । କିନ୍ତୁ ଆଇଏମଡିର ଆକଳନ ଅନୁସାରେ ଏହି ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ । ଦ୍ୱିତୀୟ ସପ୍ତାହରେ ଏହା ଅବପାତର ରୂପନେଇ ତାମିଲନାଡୁ ଉପକୂଳରେ ପହଞ୍ଚିବ । ଏହାର ପ୍ରଭାବରେ ୭ରୁ ୧୧ ନଭେମ୍ବର ଭିତରେ ପ୍ରବଳରୁ ଅତିପ୍ରବଳ ବର୍ଷା ତାମିଲନାଡୁ, ରାୟଲସୀମା ଓ କେରଳରେ ହେବ ।

ପାଣିପାଗ ବିଜ୍ଞାନୀଙ୍କ ମତରେ ନଭେମ୍ବରରେ ବଙ୍ଗୋପସାଗରରେ ବାତ୍ୟା ଆସିଲେ ଓଡ଼ିଶା ଉପରେ ବିପଦ କମ୍ ରହିଥାଏ। କାରଣ ଏହାର ଗତି ଆନ୍ଧ୍ରପ୍ରଦେଶ କିମ୍ବା ତାମିଲାନାଡୁ ପଟକୁ ରହିଥାଏ । ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ସୂଚନା ଦେଇଛି ପାଣିପାଗ ବିଭାଗ । ଆଗାମୀ ୭ ଦିନ ପର୍ଯ୍ୟନ୍ତ କୌଣସି ୱାର୍ଣ୍ଣିଙ୍ଗ ନଥିବା ସ୍ପଷ୍ଟ କରିଛି ।

### ବିଜେଡିରେ...

ପାରୁନଥିଲେ । ହେଲେ ଧିରେ ଧିରେ ବିଭିନ୍ନ ବୈଠକରେ ଯୋଗ ଦେଉଛନ୍ତି। କୌଣସି କମିଟିରେ ସଦସ୍ୟ ନଥିଲେ ମଧ୍ୟ ତାଙ୍କୁ ବସିବାର ଓ କହିବାର ସୁଯୋଗ ମିଳୁଛି । ତେବେ ବୈଠକରେ ଉପସ୍ଥିତ ଥିବା ନିର୍ବାଚିତ ବିଧାୟକ ଓ ବରିଷ୍ଠ ନେତାମାନେ କୋଣଠେସା ହେବାରେ ଲାଗିଛନ୍ତି ।

ଉଲ୍ଲେଖନୀୟ ଯେ ବାତ୍ୟା ପାଇଁ ଅଟକିଥିବା ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ସଭ୍ୟ ସଂଗ୍ରହ ଆରମ୍ଭ ହୋଇଛି । ଏହାର ଦାୟିତ୍ୱ ଦଳର ବରିଷ୍ଠ ନେତାମାନଙ୍କ କାନ୍ଧରେ ଥିବାବେଳେ ବବିଙ୍କୁ ଏଥିରୁ ଏକ ପ୍ରକାର ଦୂରେଇ ରଖାଯାଇଥିଲା। ହେଲେ କୌଣସି ଅକୁହା କାରଣରୁ ହେଉ କିମ୍ବା ମାମଲତକାରୀ ଗୁଣ ଯୋଗୁଁ ହେଉ ବବି ଏଥିରେ ମୁଣ୍ଡ ପୂରାଇଛନ୍ତି। ତେବେ ବାତ୍ୟାପରେ ଉପକୂଳରେ ବିଜେପିର ଲୋକପ୍ରିୟତା ବୃଦ୍ଧି ଏବଂ ସୁଭଦ୍ରା ଯୋଜନା ଦଳକୁ ବଳ ଯୋଗାଉଥିବାବେଳେ ବିଜେଡି କେତେ ସଂଖ୍ୟାରେ ସଭ୍ୟ ସଂଗ୍ରହ କରିବ ତାହା ଉପରେ ସମସ୍ତଙ୍କ ନଜର । ଅନ୍ୟ ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ବବି ମାମଲତକାରୀ ଆରମ୍ଭ କରିଥିବାବେଳେ ନବୀନ ପଦଯାତ୍ରାରେ ବାହାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

### ରତ୍ନଭଣ୍ଡାରରେ...

ଗଣତିମଣତି କରାଯିବ। ୧୯୭୮ ମସିହାରେ ରତ୍ନ ଭଣ୍ଡାରରେ ଥିବା ରତ୍ନାଳଙ୍କାରର ଗଣତି ମଣତି ହୋଇଥିଲା। ସେହି ଡାଟାବେସ୍ ଅନୁଯାୟୀ ଅଳଙ୍କାର ଗୁଡ଼ିକ ମେଳକ କରାଯିବ। ଯାହା ପୂର୍ବରୁ ଥିଲା ଏବେ ତାହା ଅଛି କି ନାହିଁ ମେଳ କରାଯିବ। ପ୍ରାୟ ଗୋଟିଏ ସପ୍ତାହ ଭିତରେ ଗଣତି ମଣତି ପ୍ରକ୍ରିୟା ସରିଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବାହାର ଓ ଭିତର ରତ୍ନ ଭଣ୍ଡାର ଖୋଲାଯିବା ପରେ ମାଟି ତଳେ କିମ୍ବା କାନ୍ଥ ଭିତରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ଥିବା ଚର୍ଚ୍ଚା ହେଉଥିଲା।

### ଚାପରେ...

ନିଜକୁ ଦୋଷମୁକ୍ତ କରି ଗଜପତିଙ୍କ ମୁଣ୍ଡରେ ଦାୟିତ୍ୱ ଲଦିଛି ଶାଖା। କଳିଙ୍ଗ ସେନା ସମେତ ବିଭିନ୍ନ ସଂଗଠନ ଏହି ନିଷ୍ପତିକୁ ଜୋରଦାର ବିରୋଧ କରିଛନ୍ତି। ତୁରନ୍ତ ନିଷ୍ପତି ନନେଲେ ମନ୍ଦିରକୁ ତାଲା ପକାଇଦେବା ପାଇଁ ଚେତାବନୀ ଦେଇଛନ୍ତି ଉଭୟ କଳିଙ୍ଗ ସେନା ଓ ଜଗନ୍ନାଥଙ୍କ ବାଡ଼ଗ୍ରାହୀ । ସେପଟେ ଏହି ପ୍ରସଙ୍ଗରେ ପ୍ରଥମ ଥର ପାଇଁ ଗଣମାଧ୍ୟମରେ ମୁହଁ ଖୋଲିଛି ଇସସ୍କନର ଆଞ୍ଚଳିକ ଶାଖା । ନିଜକୁ ଦୋଷମୁକ୍ତ କରି ଗଜପତିଙ୍କ କାନ୍ଧରେ ଦାୟିତ୍ୱ ଲଦିଛି ଶାଖା ।

### କୁଆଡ଼େ ଗଲେ...

ଅଭିନେତାଙ୍କ ଠାରୁ ସିରିଏଲ ଓ ଚଳଚିତ୍ର ଅଭିନେତା, ଯାହାକୁ ପାଇଲେ ତାକୁ ନିଜ ଶିବିରକୁ ନେଇଗଲେ। ଅବଶ୍ୟ ଏହା ପୂର୍ବରୁ ଉଭୟ ଦଳରେ କିଛି କିଛି ଅଭିନେତା/ ଅଭିନେତ୍ରୀ ଥିଲେ।

ତେବେ ଯାହା ସୂଚନା ମିଳିଥିଲା ସେତେବେଳେ ଶାସକଦଳପାଇଁ ପ୍ରଚାର କରିବାକୁ ଅଭିନେତା ଅଭିନେତ୍ରୀମାନେ କୋଟି କୋଟି ଟଙ୍କା ନେଇଥିଲେ। ଗୋଟିଏ ଅଭିନେତା ଦମ୍ପତ୍ତିତ ୨କୋଟି ଟଙ୍କାରୁ ଅଧିକ ହାତେଇ ନେଇଥିଲେ। ଏପରିକି ଶାସକଳଦରେ ପୂର୍ବରୁ ଥିବା ଅଭିନେତାମାନେ ମଧ୍ୟ ପ୍ରଚାର ପାଇଁ ଭଲ ରକମର ପଇସା ଓ ଗାଡି ନେଇ ମଇଦାନକୁ ଓହ୍ଲାଇଥିଲେ। ଯେଉଁଠାକୁ ପ୍ରଚାରକୁ ଗଲେ ସେଠାକାର ପ୍ରାର୍ଥୀଙ୍କ ଠାରୁ ବି ସବୁ ପ୍ରକାର ସୁବିଧା ସୁଯୋଗ ହାତେଇ ନେଇଥିଲେ। ହେଲେ ଏବେ ଆଉ ଜଣେ ହେଲେ ଅଭିନେତା ଅଭିନେତ୍ରୀଙ୍କୁ ଦଳୀୟ କାର୍ଯ୍ୟାଳୟ କିମ୍ବା ଏହାର ଆଖପାଖରେ ବି ଦେଖିବାକୁ ମିଳୁନାହିଁ। ମୋଟା ଅଙ୍କର ଟଙ୍କା ନେଇଥିବା ଜଣେ ହେଲେ ଅଭିନେତା ବିପଦରେ ବି ସାନ୍ତ୍ୱନା ଦେବାକୁ ଆଗେଇ ଆସୁନାହାନ୍ତି। ଏହାକୁ ଦେଖିଲା ପରେ ଏବେ ଶାସକଦଳର କିଛି ନେତା ଏବେ ଅଭିନେତା ଆମଦାନୀକାରୀଙ୍କୁ ଦୋଷ ଦେବା ସହିତ କାହାକୁ କେତେ ଟଙ୍କା ଦିଆଯାଇଛି ତାହାର କୁଆଡେ ହିସାବ ମାଗିଲେଣି। କିଛି ବିଜେଡି ନେତା ତ ଅଭିନେତାମାନଙ୍କୁ ଅନ୍ୟ ଦଳର ଏଜେଣ୍ଟ ଥିବା ଦର୍ଶାଇଲେଣି। ତେବେ ସମ୍ପଦ ବେଳେ ସର୍ବେ ସଖା, ବିପଦେ ନଦିଅନ୍ତି ଦେଖା ନ୍ୟାୟରେ ଏବେ ଅଭିନେତା ଅଭିନେତ୍ରୀମାନେ ବିଜେଡି ଠାରୁ ଦୂରେଇ ଦୂରେଇ ଯିବା ସହିତ କେମିତି ରାମମନ୍ଦିର ଦପ୍ତରର ନିକଟତର ହେବେ ସେଥିପାଇଁ ପରସ୍ପର ସହିତ ଯୋଗାଯୋଗ କରୁଥିବା ଜଣାଯାଇଛି।

## ପୁଣି ପୁରୁଣା ସଂସଦରେ ବସିବେ ସାଂସଦ



**ନୂଆଦିଲ୍ଲୀ,୧।୧୧:** ସଂସଦର ଶୀତ ଅଧିବେଶନ ଚଳିତ ମାସରେ ଆରମ୍ଭ ହୋଇପାରେ । ଏହି ଅଧିବେଶନ ନଭେମ୍ବର ୨୫ରୁ ଡିସେମ୍ବର ୨୦ ଯାଏ ଚାଲିପାରେ । ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ନଭେମ୍ବର ୨୫ରେ ଶୀତ ଅଧିବେଶନ ଆରମ୍ଭ ହୋଇପାରେ। ତେବେ ବିଶେଷ କଥା ଏହା ଯେ ଏହି ଅଧିବେଶନରେ ଗୋଟିଏ ଦିନ ଗୃହର ଏମପିମାନେ ସଂସଦର ପୁରୁଣା ବିଲ୍ଡିଂରେ ବସି ପାରନ୍ତି। ନଭେମ୍ବର ୨୬ରେ ଲୋକ ସଭା ଏବଂ ରାଜ୍ୟ ସଭାର ମିଳିତ ଅଧିବେଶନ ଡକାଯାଇପାରେ । ଭାରତର ସମ୍ବିଧାନ ସଭା ଦ୍ୱାରା ସମ୍ବିଧାନ ଗୃହୀତ ହେବାର ୭୫ ବର୍ଷ ପୂର୍ତ୍ତି ଅବସରରେ ସଂସଦର ମିଳିତ ଅଧିବେଶନ ହୋଇପାରେ । ଦିନିକିଆ ସଂଯୁକ୍ତ ଅଧିବେଶନ ପୁରୁଣା ସଂସଦ ଭବନରେ ହୋଇପାରେ । ଏହି ସ୍ପେଶାଲ ଜଏଣ୍ଟ ସିଟିଂ ପାଇଁ ପୁରୁଣା ସଂସଦ ଭବନର ସେଣ୍ଟ୍ରାଲ ହଲ ସ୍ଥିତି ସମ୍ବିଧାନ ଭବନରେ ବ୍ୟବସ୍ଥା କରାଯାଇପାରେ । ଏହି ସ୍ଥାନରେ ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ଏଥିପାଇଁ ନଭେମ୍ୱର ୨୬କୁ ସାରା ଦେଶରେ ସମୱିଧାନ ଦିବସ ରୂପେ ପାଳନ କରାଯାଉଛି । ନଭେମ୍ୱର ୨୬କୁ ପୂର୍ବେ ରାଷ୍ଟ୍ରୀୟ ଆଇନ ଦିବସ ରୂପେ ପାଳନ କରାଯାଉଥିଲା, କିନ୍ତୁ ୨୦୧୫ରେ ମୋଦି ସରକାର ଏହି ଦିନକୁ ସମ୍ବିଧାନ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ । ୧୯୫୦ ଜାନୁଆରୀ ୨୬ରେ ଭାରତୀୟ ସମ୍ବିଧାନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇଥିଲା ।

ତେବେ ଏଠି କୌତୁହଳର ବିଷୟ ଏହା ଯେ ଉଭୟ ଶାସକ ଏବଂ ବିରୋଧୀ ନିଜକୁ ସମ୍ବିଧାନର ରକ୍ଷକ ବୋଲି କହୁଛନ୍ତି । ଏହାସହ ଜଣେ ଅନ୍ୟ ଜଣଙ୍କୁ ସମ୍ବିଧାନର ଶତ୍ରୁ ଦର୍ଶାଇବା ପାଇଁ ଅନେକ ଟିପ୍ପଣୀ ମଧ୍ୟ କରୁଛନ୍ତି । ଚଳିତ ଲୋକ ସଭା ନିର୍ବାଚନରେ କଂଗ୍ରେସ ସହ ଅନ୍ୟ ବିରୋଧୀ ଦଳ ମୋଦି ସରକାର କ୍ଷମତାକୁ ଆସିଲେ ସମ୍ବିଧାନର ବିପଦରେ ପଡ଼ିବ ବୋଲି ପ୍ରଚାର କରୁଥିଲେ । ତେବେ ମୋଦି ସରକାର ତୃତୀୟ ଥର କ୍ଷମତାକୁ ଫେରିବା ପରେ ଜୁନ ୨୫କୁ ସମ୍ବିଧାନ ହତ୍ୟା ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲା ।



## କାଳୀପୂଜା ପାଇଁ ମଙ୍ଗଳପୁର ବଜାର ଉତ୍ସବ ମୁଖର

**ଦଶରଥପୁର, ୧।୧୧ (ସଂଚାର ବ୍ୟୁରୋ) :** ଦଶରଥପୁର ବ୍ଲକର ପ୍ରମୁଖ ବଜାର କହିଲେ ମଙ୍ଗଳପୁର ବଜାରକୁ ବୁଝାଇ ଥାଏ । ଏହି ବଜାର ଉପରେ ଯାଜପୁର ଜିଲ୍ଲା ସମେତ ପଡ଼ୋଶୀ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାର କିଛି ଅଞ୍ଚଳ ନିର୍ଭର କରିଥାନ୍ତି । ଏହି ବଜାରରେ ୧୫ ଦିନ ପୂର୍ବେ ଦୁର୍ଗାପୂଜା ବେଶ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ଗୁରୁବାର ଠାରୁ ମା କାଳିଙ୍କ ପୂଜା ଆରମ୍ଭ ହୋଇଯାଇଥିବା ଦେଖିବା ପାଇଁ ମିଳିଛି । ପୂଜା ପ୍ରାରମ୍ଭରେ ନେତ୍ର ପ୍ରଦାନ, ପ୍ରାଣ ପ୍ରତିଷ୍ଠା, ଆହୁତି ପ୍ରଦାନ ସହ ଷୋଡଶ ଉପଚାର ପୂଜା କାର୍ଯ୍ୟ ସହ ରୀତିନୀତି ଅନୁଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜାମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଛି । ସେହିପରି ପୂଜା ମଣ୍ଡପ ନିକଟରେ ପ୍ରତେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଥିବା ବେଳେ ଭକ୍ତ ମାନଙ୍କ ଲାଗି ପ୍ରତେହ ଦୁଇ ବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଦେଖିବା ପାଇଁ ମିଳିଛି । ପୂଜାରେ ଭାବଗ୍ରାହୀ ପଣ୍ଡା ଓ କୃପାସିନ୍ଧୁ ପଣ୍ଡା ମାଙ୍କ ପୂଜାର୍ଚ୍ଚନା କାର୍ଯ୍ୟ କରିଥିବା ବେଳେ ମଙ୍ଗଳପୁର ବଜାରର ବିଶିଷ୍ଟ ବ୍ୟବସାୟୀ ବିଜୟ ସାହୁ ଓ ତାଙ୍କ ଧର୍ମପତ୍ନୀ ବିଶ୍ୱଜିତା ସାହୁ ସଂକଳ୍ପ କରିଥିବା ଦେଖିବା ପାଇଁ ମିଳିଛି। ମଙ୍ଗଳପୁର ବଜାରର ଏହି ପୂଜା ବଜାରର ସମସ୍ତ ବ୍ୟବସାୟୀ ମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥାଏ । କାଳୀପୂଜା ପାଇଁ ମଙ୍ଗଳପୁର ବଜାର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ମା କାଳୀଙ୍କ ପୂଜା ସୋମବାର ଶେଷ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି ।

## ତହସିଲଦାରଙ୍କ ଯୋଗଦାନ

**ନାଉଗାଁ, ୧।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲରେ ଶୁକ୍ରବାର ନୂତନ ତହସିଲଦାର ଭାବେ ଅକ୍ଷୟ କୁମାର ବଡୁ ଯୋଗଦାନ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ତହସିଲଦାର ଶୁବାଶୀଷ ପରିଡ଼ାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଅତିରିକ୍ତ ତହସିଲଦାର ଶରତ ପରିଡ଼ା, ମୁଖ୍ୟ କିରାଣୀ ଅଶୋକ ସାହୁ, ବରିଷ୍ଠ ସହାୟକ ଅଭିରାମ ରାଉତରାୟ, ସରୋଜ ସାହୁ, ପ୍ରଭାସ ଦଳାଇ, ଡିଇଓ ନରେନ୍ଦ୍ର ଚଇନିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଉକ୍ତ ତହସିଲ ଅଧିନରେ ଥିବା ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବେ ବୋଲି ନୂତନ ତହସିଲଦାର ବଡୁ ମତବ୍ୟକ୍ତ କରିଛନ୍ତି। ବଡୁ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମରେ ସହକାରୀ କମିଶନର ଭାବେ କାର୍ଯ୍ୟ ତୁଲାଉଥିଲେ।

## ଅଲିଭ୍ ରିଡଲେ କଇଁଛ ସୁରକ୍ଷା ପାଇଁ

# ମାଛଧରା ଉପରେ ଲାଗିଲା କଟକଣା

**କାକଟପୁର/ଅସ୍ତରଙ୍ଗ, ୧।୧୧ (ସଂଚାର ବ୍ୟୁରୋ) :** ସମୁଦ୍ରରେ ମାଛ ଧରିବା ଉପରେ ଲାଗିଲା କଟକଣା। ନଭେମ୍ବର ୧ରୁ ଆସନ୍ତା ମେ ୩୧ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ବିରଳ ଜାତିର ଅଲିଭି ରିଡ଼େଲ କଇଁଛଙ୍କ ସଙ୍ଗମ ଅଣ୍ଡାଦାନ ଋତୁ ଆସୁଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କଟକଣାକୁ ଉଲ୍ଲଘନ କଲେ ଡ଼ଙ୍ଗା ଓ ଟ୍ରଲର ଜବତ ସହିତ ଜୋରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି।



ପୁରୀ ଜିଲ୍ଲାର ଅସ୍ତରଙ୍ଗ ଦେବୀ ନାସି ଠାରୁ କେଳୁଣୀ ମୁହାଣ ସମୁଦ୍ରରେ ମାଛ ଧରିବା ଉପରେ ଲାଗିଲା ରୋକ। ନଭେମ୍ବର ୧ରୁ ମେ ୩୧ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଧରା ମନା। ବିରଳ ପ୍ରଜାତିର ଅଲିଭି ରିଡ଼େଲ କଇଁଛଙ୍କ ଆଗମନ, ସଙ୍ଗମ ଓ ଅଣ୍ଡାଦାନ ଋତୁ ଆରମ୍ଭ ହୋଇଛି। ତେଣୁ କଇଁଛକୁ ସୁରକ୍ଷା ଦେବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ପକ୍ଷରୁ ଏହି କଟକଣା ଲାଗିଛି। ଦେବୀ ନଦୀ ମୁହାଣ ଠାରୁ ୨୦କିଲୋମିଟର ପରିଧି ଏବଂ ଅନ୍ୟ ନଦୀ ମୁହାଣ ସମୁଦ୍ରଠାରୁ ୫କିଲୋମିଟର ପରିଧି ମଧ୍ୟରେ ମାଛ ଧରାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହି ସମୟରେ ମାଛ ଧରା ଉପରେ ତଟରକ୍ଷୀ ବାହିନୀ, ସାମୁଦ୍ରିକ ମତ୍ସ୍ୟ ଏବଂ ଜଙ୍ଗଲ ବିଭାଗ, ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବ। ମାଛଧରା କଟକଣାକୁ ଉଲ୍ଲଙ୍ଘନ କଲେ ଟ୍ରଲର, ଡ଼ଙ୍ଗା ଜବତ କରାଯିବା ସହ ମାଛ ପରିମାଣ ଯେତିକି ଥିବ ୫ଗୁଣା ଜୋରିମାନା ଅଧିକ ଲାଗିବ ବୋଲି ଜିଲ୍ଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି।

ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ତାରିଖ ମଧ୍ୟରେ ବିରଳ ପ୍ରଜାତିର ଅଲିଭି ରିଡେଲ କଇଁଛ ଆଗମନ,ସଙ୍ଗମ ଓ ଅଣ୍ଡାଦାନ ପାଇଁ ଦେବୀ ନଦୀ ମୁହାଣ ନିକଟକୁ ଆସିଥାନ୍ତି। ତେବେ ସମୁଦ୍ର ମଧ୍ୟରେ ମୋଟର ଚାଳିତ ଡ଼ଙ୍ଗା, ବେଆଇନ ଟ୍ରଲର ଚଳାଚଳ ଯୋଗୁଁ ବହୁ ସଂଖ୍ୟାରେ କଇଁଛ ମୃତ୍ୟୁବରଣ କରିଥାନ୍ତି। ଏଣୁ ଏମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ମାଛ ଧରା ଉପରେ କଟକଣା ଲାଗିଛି। ଏହା ସହ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ତରଫରୁ ବିରଳ ଅଲିଭି ରିଡ଼େଲ କଇଁଛଙ୍କ ସୁରକ୍ଷା ପାଇଁ ୧୫ଟି କ୍ୟାମ୍ପ, ୧୪ଟି ହାଚେରୀ, ୩୦ଟି ଟର୍ଟଲ ପ୍ରୋଟେକ୍ସନ କ୍ୟାମ୍ପ, ୪ଟି ରେଞ୍ଜ ଅଂଚଳରେ ରହିବେ ବୋଲି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ସୂଚନା ଦେଇଛନ୍ତି।

ଅନ୍ୟ ପଟେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଓ ଲଘୁଚାପ ସମୟରେ ମାଛ ମାରିବା ବନ୍ଦ ରହୁଛି। ଯାହା ଫଳରେ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଆଉ ଏବେ କଇଁଛଙ୍କ ଅଣ୍ଡାଦାନ ସମୟ ଆସିଥିବାରୁ ସମୁଦ୍ରରେ ମାଛ ମାରିବା ନେଇ କଟକଣା ଲାଗିଛି। ଏହାକୁ ମତ୍ସ୍ୟଜୀବୀମାନେ ସ୍ୱାଗତ କରିଥିବା ବେଳେ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

ପ୍ରାକୃତିକ ଜୈବବିବିଧତା ରକ୍ଷା ଓ ସମୁଦ୍ରରେ ସନ୍ତୁଳନ ରକ୍ଷା ଦିଗରେ ଅଲିଭି ରିଡ଼େଲ କଇଁଛଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନଙ୍କ ସୁରକ୍ଷା ସହ ଅଣ୍ଡାଦାନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ।

## ନାଉଗାଁରେ ମା'ଶ୍ୟାମାକାଳୀ ପୂଜା

**ନାଉଗାଁ, ୧।୧୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଯଥାରୀତି ପୂର୍ବକ ଗୁରୁବାର ଠାରୁ ମା'ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେରିକି ପଞ୍ଚାୟତର ଡେରିକି, ଘୋଡାଂଶ ପଞ୍ଚାୟତର



ଘୋଡାଂଶ ଓ ପାଇକସାହି, ଶିଖର ପଞ୍ଚାୟତର ସାରେଇକୂଳ ଆଦି ସ୍ଥାନରେ ମା'ଙ୍କର ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ଅବସରରେ କଳସ ଶୋଭାଯାତ୍ରା କରାଯିବା ସହ ରୀତିନିତି ଅନୁସାରେ ପୂଜା କରାଯାଉଛି। ଏହି ମଣ୍ଡପ ଗୁଡିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ମଣ୍ଡପ ଗୁଡିକ ନିକଟରେ ସନ୍ଧ୍ୟାରେ ବିଭିନ୍ନ ଅଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହେଉଥିବାର ଦେଖାଯାଇଛି। ଏହି ଉପଲକ୍ଷେ ସାରେଇକୂଳସ୍ଥିତ ମା'ଶ୍ୟାମାକାଳୀ ନାଟ୍ୟ ପରିଷଦ ପକ୍ଷରୁ ଦୁଇ ଦିନ ଧରି ଡ୍ରାମା କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ଡେରିକି ପୂଜା କମିଟି ପକ୍ଷରୁ ଡ୍ୟାନସ ଓ ମେଲୋଡି କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ଦିଆଯାଇଛି।

## କାକଟପୁରରେ ମା' ଶ୍ୟାମାକାଳୀ ପୂଜା

**କାକଟପୁର/ଅସ୍ତରଙ୍ଗ, ୧।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ସ୍ଥାନରେ ମା ଶ୍ୟାମାକାଳୀ ପୂଜା ଧୂମଧାମରେ ଅନୁଷ୍ଠିତ ହୋଇଛି। କାକଟପୁର ବ୍ଲକ ଛକ ନିକଟରେ ମା 'ଙ୍କ ପୂଜା ଧୂମଧାମରେ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଂଚାୟତ ଦକ୍ଷିଣପନ୍ତାଳ ପଶ୍ଚିମେଶ୍ୱର ମନ୍ଦିର ନିକଟରେ ଚଳିତ ବର୍ଷ ୧୯ତମ ମା ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ



ଅସ୍ତରଙ୍ଗ ଭଗବତୀ ପ୍ରାଙ୍ଗଣରେ ୧୬ତମ ମା ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି। ଉତ୍ସବ ରେ ଅଙ୍କୁରାରୋପଣ, ଅଧିବାସ, କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା, ଗୋ ପୂଜନ, ଚଣ୍ଡୀପାଠ, ଚଣ୍ଡୀ ଆହୁତି, ମହାପୂଜା ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିସନ୍ଧ୍ୟାରେ ଭଜନ ସମାରୋହ, ନାମ ସଂକୀର୍ତ୍ତନ ଆଦି ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅତାମଲାରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ



**ଜଗତସିଂହପୁର, ୧।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁରର ଅତାମଲା ଠାରେ ବହୁ ଧୁମଧାମରେ ମା ଶ୍ୟାମାକାଳି ପୂଜା ଅନୁଷ୍ଠିତ ହୋଇଛି। ଏହି ପୂଜାରେ ମା ଶ୍ୟାମା କାଳି ପୂଜାର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ମାଝି, ପ୍ରମୋଦ କୁମାର ମହାପାତ୍ର,ଭଗବାନ ଭୋଇ, ବିନୋଦ ବେହେରା, ଶୁଭ୍ରଜିତ ମହାନ୍ତି, ମାନସ କୁମାର ମଲ୍ଲିକ, ତାପସ ମଲ୍ଲିକ, ସନ୍ତୋଷ ନାୟକ, ରାକେଶ ପ୍ରଧାନ, ରଞ୍ଜିତ ଦାସ, ରୋହନ ପ୍ରଧାନ, ସୋହନ ପ୍ରଧାନ ଉପସ୍ଥିତ ରହି ମା' ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ।

# ଖୋଲିଲା କୁଳଡିହା ଅଭୟାରଣ୍ୟ

**ନୀଳଗିରି, ୧।୧୧ (ସଂଚାର ବ୍ୟୁରୋ) :** ପ୍ରକୃତିରାଣୀର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ଭାବେ କୁଳଡିହା ଅଭୟାରଣ୍ୟ, ପର୍ଯ୍ୟଟକଙ୍କ ମନ ଓ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥିବା କୁହାଯାଉଛି। ପ୍ରତିବର୍ଷ ଭଳି ଆଜି ପ୍ରବେଶ ପଥ ଭାବେ ପରିଚିତ ବାଲିଆନାଳ ସ୍ଥିତ ଫରେଷ୍ଟ ଗେଟକୁ ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତି ଶୁଭଶ୍ରୀ ରଥ ପୂର୍ବାହ୍ନ ୯ଘ୧୦ଟିକା ୧୫ ମିନିଟ୍ ସମୟରେ ଆନୁଷ୍ଠାନିକ ଭାବେ ଫିତା କାଟିବା ପରେ ପର୍ଯ୍ୟଟକଙ୍କ ପାଇଁ



ବନବିଭାଗ ଗେଟ ଖୋଲି ଥିଲେ। ଚଳିତବର୍ଷ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ପଶ୍ଚିମବଙ୍ଗରୁ ଆସି ପୂର୍ବ ରାତିରେ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟ ହୋଟେଲରେ ରାତ୍ରି ଯାପନ କରି ଆଜି ପ୍ରଥମ ଦିନରେ ଟୋରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସଙ୍କ ସହିତ ଅଭୟାରଣ୍ୟର ବାଲିଆନାଳ ଫାଟକ ନିକଟରେ ପହଞ୍ଚିଥିଲେ।

ବୁଲିବାକୁ ଆସିଥିବା ପ୍ରଥମ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ରିତ୍ୱିକ୍ ଗଙ୍ଗୋପାଧ୍ୟାୟ, ଦିତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ରତ୍ନାକର କବି ଓ ତୃତୀୟ ପର୍ଯ୍ୟଟକ ଭାବେ ପଶ୍ଚିମବଙ୍ଗର ସୁଦିପ୍ତ ମିତ୍ର ସହ ୧୨ଟି ଚାରି ଚକିଆ ଗାଡ଼ିରେ ମୋଟ ୫୮ଜଣ ପର୍ଯ୍ୟଟକ ଆସିଥିବା ବେଳେ ସମସ୍ତଙ୍କୁ ବନବିଭାଗ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଚନ୍ଦନ ଲଗାଇ ଓ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନର ଏ.ସି.ଏଫ୍ ରାମ ଚନ୍ଦ୍ର ମୁର୍ମୁ, କୁଳଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର ସ୍ୱପ୍ନରଞ୍ଜନ ମାଝୀ, ଭାଗ୍ୟଶ୍ରୀ ଦୀବେଦୀ ସହ ଫରେଷ୍ଟ ଗାର୍ଡ୍ ଦୁସମନ୍ତ କୁମାର ଜେନା, ମୋନଜ କୁମାର ମାହାଳିକ, ଲାଲମୋହନ ସିଂ, ଦେବେନ୍ଦ୍ର ସିଂ ଓ ସବୁଜବାହିନୀ ପ୍ରମୁଖ ଉପସ୍ଥିତ ଥିଲେ।

ବଣ ପାହାଡ଼ ଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଳଡିହା ଅଭୟାରଣ୍ୟର ଗୋହିରାଭୋଳଠାରେ ଥିବା ନେଚର୍ସ ପାର୍କକୁ ଆକର୍ଷଣୀୟ କରାଯାଇଛି। ଏହି ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଇ, ବଳିଆ କୁକୁର, ବଜ୍ରକାପ୍ତା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଦେଖାଯାଆନ୍ତି। କୁଳଡିହାକୁ ଲାଗିରହିଥିବା ଡ୍ୟାମ୍ ସାତଘାଟି, ରିସିଆ, ଜୋଡ଼ାଚୁଆ ଅଞ୍ଚଳରେ ୨୫୦ରୁ ଅଧିକ ସଂଖ୍ୟାରେ ଦେଶୀ, ବିଦେଶୀର ପକ୍ଷୀ ଦେଖିବାକୁ ମିଳେ। ରାତ୍ରିରେ ରହଣୀ ନିମନ୍ତେ ଅନ୍‌ଲାଇନରେ ବୁକିଂ ଓ ୱେବ୍ ସାଇଟ୍ (ecotourodisha.com) ସହ ରାତ୍ର ରହଣି ନିମନ୍ତେ ''ରିସିଆ ପ୍ରକୃତି ନିବାସ''ରେ ୯ଟି ତମ୍ବୁଘରେ ଶୌଚାଳୟ, ଆଲୋକର ବ୍ୟବସ୍ଥା ରୁଚିକର ଖାଦ୍ୟ ସକାଳେ ଚା', ଜଳଖିଆ, ଦ୍ୱିପହରେ ଭାତ ଡାଲି, ପରିବା ତରକାରୀ, ମାଛ, ଅଣ୍ଡା ଏବଂ ରାତିରେ ରୁଟି, ଡାଲି, ଆଦି ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ତେବେ ଏଠାରେ ମାଦକଦ୍ରବ୍ୟ, ମାଂସ ଉପରେ କଟକଣା ରହିଛି। ବନ୍ୟପ୍ରାଣୀ ପଶି ନ ଆସିବା ପାଇଁ ଏହା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଛି। ପର୍ଯ୍ୟଟକମାନେ ବୁଲିବା ସମୟରେ ୫ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାରରେ ଅତି ନିକଟରୁ କୁଳଡିହା ଅଭୟାରଣ୍ୟ ପଶୁପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା କରାଯାଇଛି।

ସୂଚନା ଥାଉକି ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଛି। ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଛି। ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩ହଜାର ୮୭୪ ଟଙ୍କା ଧାର୍ଯ୍ୟ କରାଯାଇଛି।

**ଜାତୀୟସ୍ତରରେ କାଭିନ୍ କିଶୋରଙ୍କ କୃତିତ୍ୱ**

## ୧ ମିନଟ୍ ୧୫ ସେକେଣ୍ଡରେ ଗାଇଲେ ୧୦ ଶ୍ଳୋକ

**ବ୍ରହ୍ମପୁର, ୧।୧୧ (ସଂଚାର ବ୍ୟୁରୋ) :** ବ୍ରହ୍ମପୁର ଡ଼ି ପଲ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର କାଭିନ କିଶୋର ବୈଦିକ ଗୀତା ଶ୍ଳୋକକୁ ଆବୃତ୍ତି କରି ଜାତୀୟ ସ୍ତରରେ ରେକର୍ଡ କରିଛନ୍ତି । ବ୍ରହ୍ମପୁର ଗୋବିନ୍ଦ ବିହାର ଅଧିବାସୀ କିଶୋର ଚନ୍ଦ୍ର ବାରିକ ଓ ଜୟପ୍ରଦା ବାରିକଙ୍କ ଏକମାତ୍ର ପୁଅ କାଭିନ ବିଗତ ଏକବର୍ଷ ହେଲା ଚିନ୍ମୟ ମିଶନର ପୂଜ୍ୟ ଗୁରୁଜୀ ସ୍ୱାମୀ ସଦା ଶିବାନନ୍ଦ ଜୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଏବଂ ଯୁବା ବୀର ଆଦିତ୍ୟପ୍ରସାଦ ପଣ୍ଡାଙ୍କ ପରାମର୍ଶ କ୍ରମେ ଅଭ୍ୟାସ ଜାରି ରଖିଥିଲେ। ଇଣ୍ଡିଆ ୱୁକ୍ ଅଫ ରେକର୍ଡ, ନୁଆଁ ଦିଲ୍ଲୀ ଦ୍ୱାରା ଆୟୋଜିତ ସର୍ବଭାରତୀୟ ସ୍ତର କାର୍ଯ୍ୟକ୍ରମ ରେ କାଭିନ ଅନୋଭଦ୍ରା ସୂକ୍ତମ ର କଠିନ ଦଶ ଟି ଶ୍ଳୋକ କୁ ୧ ମିନିଟ




୧୫ ଦଶମିକ ୮୧ ମାଇକ୍ରୋ ସେକେଣ୍ଡରେ ଆବୃତ୍ତି କରି ଉତ୍କର୍ଷତା ହାସଲ କରିଛନ୍ତି । ବୁଧବାର ବ୍ରହ୍ମପୁର ଖଲିକୋଟ ଖେଳ ପଡିଆ ଠାରେ ଚିନ୍ମୟ ମିଶନ ଦ୍ୱାରା ପଚିଶି ହଜାର ଛାତ୍ର ଛାତ୍ରୀଙ୍କୁ ନେଇ ଆୟୋଜିତ ସାମୁହିକ ଗୀତା ଶ୍ଳୋକ ଆବୃତ୍ତି କାର୍ଯ୍ୟକ୍ରମରେ ରାଜ୍ୟ ଇସ୍ପାତ, ଖଣି, ବାଣିଜ୍ୟ ଓ ଗମନାଗମନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଚିନ୍ମୟ ମିଶନର ବରିଷ୍ଠ ଗୁରୁ ନିର୍ଲିପ୍ତାନନ୍ଦ ଜି ଏବଂ ଇଣ୍ଡିଆ ବୁକ ଅଫ ରେକର୍ଡର ଅଧିକାରୀ କ୍ରିଷ୍ଣା କୁମାର ଗୁପ୍ତା ପ୍ରମୁଖଙ୍କ ଉପସ୍ଥିତିରେ କାଭିନଙ୍କୁ ରେକର୍ଡ ଫଳକ ପ୍ରଦାନ ଓ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି କ୍ୟାଭିନ ଜଣେ ମେଧାବୀ ଛାତ୍ର ସହିତ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ଅନେକ ସଫଳତା ସାଉଁଟିଛନ୍ତି। କାଭିନଙ୍କ ଜାତୀୟ ସ୍ତରରେ ଏହି ସଫଳତା ପାଇଁ ବହୁ ଶୁଭେଚ୍ଛାର ସୁଅ ଛୁଟିଛି। ସଂଗୀତ ଗୁରୁ ଗଣେଶ ପଟ୍ଟନାୟକ,ବାପା, ମା, ଗୁରୁ, ଗୁରୁଜନ ଓ ସର୍ବୋପରି ମାଉସୀ ସୁନୀତାଙ୍କ ପ୍ରେରଣା ସଫଳତାର କାରଣ ବୋଲି କାଭିନ ପ୍ରକାଶ କରିଛନ୍ତି ।

## ରାଷ୍ଟ୍ରୀୟ ଏକତା ଦିବସରେ ଜେଡ ୱାନରେ ଗଣଦୌଡ

**ଭୁବନେଶ୍ୱର, ୧।୧୧ (ସଂଚାର ବ୍ୟୁରୋ) :** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସମସ୍ତଙ୍କୁ ଏକସୁତ୍ରରେ ବାନ୍ଧି ରଖିବା ପାଇଁ ଜେଡ ୱାନ୍ ଆପାର୍ଟମେଣ୍ଟ ପରିସରରେ ଆବାସିକ ବାସିନ୍ଦା ମାନଙ୍କୁ ନେଇ ଏକ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ଜେଡ ୱାନ୍ ଆପାର୍ଟମେଣ୍ଟର ବାସିନ୍ଦା ଅମରେଶ ଦାସଙ୍କ ନେତୃତ୍ୱରେ ସକାଳ ୭ ଘଟିକା ସମୟରେ ଆପାର୍ଟମେଣ୍ଟର ସମସ୍ତ ବାସିନ୍ଦା ଏକତ୍ରିତ ହୋଇଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହା ପରେ ଗଣଦୌଡ ଆରମ୍ଭ ହୋଇ ଆପାର୍ଟମେଣ୍ଟ ପରିସରରେ ପରିକ୍ରମା କରି ଏକତାର ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ପୁରୁଷ, ମହିଳା ଓ ଯୁବକ ଅଂଶଗ୍ରହଣ କରିଥିଲେ।




## ରଘୁନାଥପୁରରେ ଦୁର୍ନୀତି ନିବାରଣ ସଚେତନତା ସଭା

**ଜଗତସିଂହପୁର, ୧।୧୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲାରେ ୨୮ତାରିଖ ଠାରୁ ୦୩.୧୧.୨୦୨୪ରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସତର୍କତା ସଭା ଡି.ଏସ.ପି ଭିଜିଲାନ୍ସ ଅନୁପମା ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ନିଜ ଆଚରଣ ରେ ସାଧୁତା, ସଚ୍ଚୋଟତା ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଲାଞ୍ଚ ନେବାପରି ଲାଞ୍ଚ ଦେବା ମଧ୍ୟ ଦଣ୍ଡନୀୟ ଅପରାଧ ବୋଲି ସେ କହିଥିଲେ।

ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଡି ଏସ ପି ଶ୍ରୀମତୀ ଅନୁପମା ସାହୁ ଉପସ୍ଥିତ ସମସ୍ତଙ୍କୁ କୌଣସି କାର୍ଯ୍ୟାଳୟ ରେ ଦୁର୍ନୀତି ହେଉଥିବାର ଜାଣିବାକୁ ପାଇଲେ ସଙ୍ଗେ ସଙ୍ଗେ ଟୋଲ୍ ଫ୍ରୀ ନମ୍ବର ୧୦୬୪ ରେ ଜଣାଇବାକୁ ଅନୁରୋଧ କରିଥିଲେ। ସମସ୍ତଙ୍କର ସହଯୋଗ ରହିଲେ ଜିଲ୍ଲାରୁ ଦୁର୍ନୀତି ରୂପକ ବ୍ୟାଧିକୁ ଦୂର କରାଯାଇପାରିବ ବୋଲି




ସେ କହିଥିଲେ। ଏହି ସଚେତନତା ସଭା ରେ ରଘୁନାଥପୁର ବ୍ଲକ୍‌ର ଉପ ସଭାପତି ଶ୍ରୀ ଦେବାଶିଷ ତ୍ରିପାଠୀ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଜ୍ଞାନଦା ନାୟକ,ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଦୁର୍ନୀତି ନିବାରଣ ବିଷୟ ରେ ସତର୍କତା ବାର୍ତ୍ତା ଦେଇଥିଲେ। ଆୟୋଜିତ ଏହି ସଭାରେ ବ୍ଲକ୍ କାର୍ଯ୍ୟାଳୟ ର କର୍ମକର୍ତ୍ତା,ଗ୍ରାମର ବୁଦ୍ଧଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ, ଜନସାଧାରଣ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ପୁରୀରେ ଅଭାବନୀୟ ଘଟଣା**

## ବାଣ ବିସ୍ଫୋରଣରେ ୨ ଆହତ ଓ ଜଣେ ମୃତ

**ପୁରୀ, ୧।୧୧ (ସଂଚାର ବ୍ୟୁରୋ) :** ପୁରୀରେ ଅଭାବନୀୟ ଘଟଣା ଘଟିଛି। ବାଣ ଭିଡୁଥିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ହୋଇ ୨ ଆହତ ହେବା ସହ ଜଣେ ମୃତ୍ୟୁବରଣ କରିଛନ୍ତି। ତେବେ ଆହତ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୁଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ପୁରୀ ସଦର ଥାନା ବାଟଗାଁ ରାଉତ ସାହିରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ଦୁଇ ଜଣ ପୁରୁଷ ଓ ଜଣେ ମହିଳା ଗୁରୁତର ଆହତ ହେଇଥିଲେ । ବାଟଗାଁ ରାଉତ ସାହିରେ ଏହି ଅଘଟଣ ଘଟିଥିଲା । ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ ଲିପା ରାଉତ୍, ଗୁଲା ରାଉତ୍ ଓ ସଞ୍ଜୟ ଜେନା ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ପୁରୀ ସଦର ଥାନା ପୁଲିସ ଘଟଣାର ଅନୁସନ୍ଧାନ କରିଛନ୍ତି । ତେବେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଆହତଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୁରୀ ସିଟି ଡି ଏସ ପି ପ୍ରଶାନ୍ତ ସାହୁ କହିଛନ୍ତି, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାଣ ବିସ୍ଫୋରଣରେ ଆହତ ହୋଇ ୩ ଜଣ ଆସିଥିବା ଆମକୁ ସୁଚନା ମିଳିଥିଲା। ତେବେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ କଟକ ମେଡ଼ିକାଲ ପଠାଯାଇଛି। ତେବେ ପ୍ରଥମେ ଆମେ ତାଙ୍କ ଚିକିତ୍ସା ବ୍ୟବସ୍ଥା କରୁଚୁ। ଏହା ପରେ ଘଟଣାକୁ ନେଇ ପୋଲିସ୍ ତଦନ୍ତ କରିବ। ଯାହା ଆଇନ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ

## ବିଶିଷ୍ଟ ଶିକ୍ଷାବିତ୍ ପାବକ କାନୁନ୍‌ଗୋଙ୍କ ପରଲୋକ

**କଟକ, ୧।୧୧ (ସଂଚାର ବ୍ୟୁରୋ) :** ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଜ୍ୟେଷ୍ଠପୁତ୍ର ବିଶିଷ୍ଟ ଶିକ୍ଷାବିତ୍ ଓ ସ୍ତମ୍ଭକାର ଡକ୍ଟର ପାବକ କାନୁନ୍‌ଗୋ (୭୮)ଙ୍କର ବୁଧବାର ରାତିରେ ମର୍କତନଗର (ସିଡିଏ)ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟ ପଦରୁ ଅବସର ନେଇଥିଲେ।

ଡକ୍ଟର କାନୁନ୍‌ଗୋ 'ଆମ ଜାତିସଂଘ', 'ଓଡ଼ିଶା ଓ ଗାନ୍ଧି' ଇତ୍ୟାଦି ପୁସ୍ତକ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ପୁଷ୍ଟ କରିଛନ୍ତି। ଶେଷୋକ୍ତ ଗ୍ରନ୍ଥ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ୨୦୦୧ ମସିହାରେ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ପ୍ରବନ୍ଧମାନ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ରୂପେ ପ୍ରକାଶ ପାଉଥିଲା। ସେ କେନ୍ଦୁପତ୍ର ଓ ଓଡ଼ିଶା ରାଜନୀତି ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ 'ଡକ୍ଟରେଟ' ପାଇଥିଲେ।

ଡକ୍ଟର କାନୁନ୍‌ଗୋ ୧୯୪୭ ଜାନୁୟାରି ୧୬ରେ କଟକ ଜିଲ୍ଲାର କିଶୋରନଗର ଥାନା ଅନ୍ତର୍ଗତ ମଲ୍ଲୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଓ ମାତା ଶଶିବାଳା କାନୁନ୍‌ଗୋ ଉଭୟ ସ୍ୱାଧୀନତା ସଂଗ୍ରାମରେ ଝାସଦେଇଥିଲେ। ସେ ଗାନ୍ଧି ଦର୍ଶନର ଜଣେ ପ୍ରମୁଖ ବ୍ୟାଖ୍ୟାକାର ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ।

ଡକ୍ଟର କାନୁନ୍‌ଗୋଙ୍କର ଅଗଣିତ ଛାତ୍ର ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ତାଙ୍କ ବିୟୋଗରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦେବକାନ୍ତ ମିଶ୍ର, ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫେସର ଯୁଗଳ କିଶୋର ମିଶ୍ର, ଦାଶ ବେନହୁର, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ସନାତନ ପ୍ରଧାନ, ଡକ୍ଟର ରଶ୍ମୀ ମିଶ୍ର, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡକ୍ଟର ପ୍ରଭାସ ଆଚାର୍ଯ୍ୟ, 'ନିର୍ଭୟ'ର ସମ୍ପାଦକ ନବୀନ ଦାସ, ଡକ୍ଟର ସତ୍ୟ ରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସୁନ୍ଦରଗଡ ଗଣହତ୍ୟା ଅଭିଯୁକ୍ତ ଅନୁଗୁଳରୁ ଗିରଫ

**ଅଭିଯୁକ୍ତଙ୍କ ଚିତ୍ର ଗଣମାଧ୍ୟମକୁ ଦେବାକୁ ଏସପିଙ୍କ ପଛଘୁଞ୍ଚା**

**ଅନୁଗୁଳ, ୧।୧୧ (ସଂଚାର ବ୍ୟୁରୋ) :** ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ସୁନ୍ଦରଗଡ଼ କରମଡ଼ିହିର ଯାଯାବର ବସ୍ତିର ଘଟଣା । କେଇ ମିନିଟ୍ ମଧ୍ୟରେ ଗଡି ଯାଇଥିଲା ୫ ମୁଣ୍ଡ । ମୃତକଙ୍କ ମଧ୍ୟରେ ୩ ମହିଳା ଓ ଦୁଇ ଜଣ ପୁରୁଷ ଥିଲେ । ଏହା ସହ ମାରଣାସ୍ତ୍ର ଚୋଟରେ ତିନି ଛୋଟ ପିଲାଙ୍କ ସମେତ ୪ ଜଣ ଗୁରୁତର ହୋଇଥିଲେ। ପରକୀୟାପ୍ରୀତି ଓ ଦୀର୍ଘ ବର୍ଷର ଶତ୍ରୁତାକୁ ନେଇ ଦୁଇ ଯାଯାବର ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦରୁ ସୁନ୍ଦରଗଡ଼ କରମଡ଼ିହିର ଯାଯାବର ବସ୍ତିରେ ମଙ୍ଗଳବାର ରାତିରେ ଏହି ଲୋମହର୍ଷଣ ହତ୍ୟାକାଣ୍ଡ ହୋଇଥିଲା । ଏଭଳି ଗଣହତ୍ୟା ହତ୍ୟାକାଣ୍ଡ ପରେ ହତ୍ୟାକାରୀଙ୍କୁ ଧରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ପାଲଟି ଥିବାବେଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଗଠନ କରାଯାଇଥିଲା । ଓଡ଼ିଶା- ଛତିଶଗଡ, ଓଡ଼ିଶା- ଝାଡ଼ଖଣ୍ଡ ସୀମାକୁ ସିଲକୁ କରାଯାଇ ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଥିବା ବେଳେ ଫୋନ କଲ ଟ୍ରାକିଂ କରାଯାଇଥିଲା । ତେବେ ଏହି ତଦନ୍ତ ବେଳେ ଅଭିଯୁକ୍ତମାନେ ଅନୁଗୁଳ ଜିଲ୍ଲା ବଁଅରପାଳ ଥାନା ନିକଟ ଅଞ୍ଚଳରେ ଥିବା ଜଣା ପଡିଥିଲା । ଏହା ଜଣା ପଡିବା ପରେ ସୁନ୍ଦରଗଡ଼ ସଦର ପୁଲିସ ଅନୁଗୁଳ ଜିଲ୍ଲା ପୁଲିସ ପ୍ରଶାସନକୁ ଅବଗତ କରାଇ ଥିଲେ । ଆଉ ସୂଚନା ଅନୁଯାୟୀ ଅନୁଗୁଳ ଜିଲ୍ଲା ବଁଅରପାଳ ପୁଲିସ ତ୍ୱରିତ ପଦକ୍ଷେପ ନେଇ ସଦଳବଳ ଆସି ଉକ୍ତ ୧୬ ଯାଯାବର ସଦସ୍ୟଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିବା ୬ ମହିଳା, ୪ ପୁରୁଷ, ୨ ନାବାଳକ ଓ ୪ ଶିଶୁଙ୍କୁ ଆଣି ଅଟକ ରଖିଥିଲେ । ପରେ ସେମାନଙ୍କୁ ସୁନ୍ଦରଗଡ ପୁଲିସ ସହାୟତାରେ ସୁନ୍ଦରଗଡ ନିଆ ଯାଇଥିବା ଜଣା ପଡିଛି । କିନ୍ତୁ ବଁଅରପାଳ ପୋଲିସ ସହ କୌଣସି କାରଣରୁ ଯୋଗାଯୋଗ ନ ହେଇ ପାରିବାରୁ ଅନୁଗୁଳ ର ଯୁବା ଏସପି ରାହୁଲ ଜେନଙ୍କୁ ଆମ ପ୍ରତିନିଧି ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଚିତ୍ର ମାଗିଥିଲେ। କିନ୍ତୁ ଅତି ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଅନୁଗୁଳ ଜିଲ୍ଲା ଏସପି ଚିତ୍ର ଦେବା ତ ଦୂରର କଥା କୌଣସି ଜବାବ ମଧ୍ୟ ଦେଇ ନ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



**ବାଲିଅନ୍ତା, ୧।୧୧ (ସଂଚାର ବ୍ୟୁରୋ) :** ବାଲିଅନ୍ତା-ଧଉଳି-ପାହାଳ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲିଅନ୍ତା ସ୍ଥିତ ନିକୁଞ୍ଜବିହାରୀ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏମଏସଏମଇର ଉପାଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତିଭୂଷଣ କର, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ମାର୍କଫେଡ଼ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡା, ୧୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ବାଲିପାଟଣା କିଶୋର ଜେନା, ସାଂସଦଙ୍କୁ ବାଲିଅନ୍ତା ବ୍ଲକ ପ୍ରତିନିଧି ପ୍ରଦୀପ୍ତ କୁମାର ମହାନ୍ତି, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ, ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଥାନା ଅଧିକାରୀ ରବିନ୍ଦ୍ରନାଥ ମେହେର, ସମାଜସେବୀ ବେଣୁଧର ଭୋଇ, ବଂଶୀଧର ଭୋଳ, ଯୁବସମାଜ ସେୱୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ମୋଟ ୩୫ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଥିବା ବେଳେ ଏହାକୁ ରାଜଧାନୀ ଚିକିତ୍ସାଳୟର ବ୍ଲଡ଼ବ୍ୟାଙ୍କ ସଂଗ୍ରହ କରିଥିଲେ । ଏଥିରେ ବାଲିଅନ୍ତା-ଧଉଳି-ପାହାଳ ଅଞ୍ଚଳର କାର୍ଯ୍ୟରତ ସମସ୍ତ ସାମ୍ବାଦିକ ପରିଚାଳନା କରିଥିବା ବେଳେ ଅତିଥିମାନଙ୍କ ଦ୍ୱାରା ପ୍ରତି ରକ୍ତଦାତାଙ୍କୁ ପ୍ରମାଣପତ୍ର ସହ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା ।

# ପୁଣି ବଢ଼ିଲା କମର୍ସିଆଲ୍ ଗ୍ୟାସ୍ ଦର



**ନୂଆଦିଲ୍ଲୀ,୧।୧୧:** ଦୀପାବଳି ପରେ ପରେ ପଡ଼ିଲା ମହଙ୍ଗା ମାଡ଼। ବଢ଼ିଲା ଗ୍ୟାସ୍ ସିଲିଣ୍ଡର ଦର। ଗତ ମାସ ପରି ଚଳିତ ମାସ ବି ବଢ଼ିଛି କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦାମ। ୧୯ କିଲୋଗ୍ରାମ ଗ୍ୟାସ୍ ଯୁକ୍ତ କମର୍ସିଆଲ ଏଲପିଜି ସିଲିଣ୍ଡରର ଦାମ୍ ୬୨ ଟଙ୍କା ଲେଖା ବଢ଼ିଛି। ଆଜିଠୁ ଏହି ନୂଆ ଦର ଲାଗୁ ହେବ। ଗତ ୪ ମାସ ହେବ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦାମ ବଢ଼ିବାରେ ଲାଗିଛି। ଆଇଓସିଏଲ୍‌ର ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ, ଦିଲ୍ଲୀରେ କମର୍ସିଆଲ ସିଲିଣ୍ଡର ଦାମ ୧୭୪୦ ଟଙ୍କାରୁ ବଢ଼ି ୧୮୦୨ ଟଙ୍କାରେ ପହଞ୍ଚି। କୋଲକତାରେ ଏହା ପୂର୍ବରୁ ୧୮୫୦.୫୦ ଟଙ୍କାରେ ମିଳୁଥିବା ବେଳେ ଏବେ ତାହା ୧୯୧୧.୫୦ ଟଙ୍କାରେ ପହଞ୍ଚିଛି। ମୁମ୍ବାଇରେ ପୂର୍ବରୁ ୧୬୯୨.୫୦ ଟଙ୍କାରେ ମିଳୁଥିବା ସିଲିଣ୍ଡର ଏବେ ୧୭୫୪ ଟଙ୍କାରେ ଉପଲବ୍ଧ ହେବ। ଚେନ୍ନାଇରେ ସିଲିଣ୍ଡର ଦାମ ୧୯୦୩ ଟଙ୍କାରୁ ବୃଦ୍ଧି ପାଇ ୧୯୬୪ ଟଙ୍କାରେ ପହଞ୍ଚିଛି।

ଗତ ୪ ମାସ ହେବ ନିୟମିତ ଭାବେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଦାମ ବୃଦ୍ଧି ପାଉଛି। ଅଗଷ୍ଟ ମାସରେ ଏହାର ଦାମ ୮ରୁ ୯ ଟଙ୍କା ବୃଦ୍ଧି ପାଇଥିବା ବେଳେ ସେପ୍ଟେମ୍ବର ମାସରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡରର ଦର ପ୍ରାୟ ୩୯ ଟଙ୍କା ବୃଦ୍ଧି ପାଇଥିଲା। ଗତ ମାସ ଏହା ୪୮.୫୦ରୁ ୫୦ ଟଙ୍କା ଯାଏଁ ବଢ଼ିଥିବା ବେଳେ ଚଳିତ ମାସ ୬୨ ଟଙ୍କା ବଢ଼ିଛି। କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ମୁଖ୍ୟତଃ ରେଷ୍ଟୁରାଣ୍ଟ, ହୋଟେଲ, ଢ଼ାବାରେ ବ୍ୟବହୃତ ହୁଏ। ତେଣୁ ଏହି ସବୁ ସ୍ଥାନରେ ଖାଇବା ମହଙ୍ଗା ହେବ ବୋଲି କୁହାଯାଉଛି। ତେବେ ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟରେ କମ୍ପାନୀଗୁଡ଼ିକ କୌଣସି ପରିବର୍ତ୍ତନ କରିନାହାଁନ୍ତି। ପୂର୍ବ ପରି ଏହା ୮୩୦ ଟଙ୍କାରେ ଉପଲବ୍ଧ ହେବ।

## ଆର୍‌ବିଆଇର ସିକ୍ରେଟ୍ ମିଶନ୍

# ବ୍ରିଟେନ୍‌ରୁ ଫେରିଲା ଆଉ ଲକ୍ଷେ କିଲୋ ସୁନା

**ମେ'ରେ ଫେରିଥିଲା ଲକ୍ଷେ କିଲୋ**

ମୁମ୍ବାଇ ୧।୧୧: ଧନ୍‌ତେରାସ୍‌ରେ ବ୍ରିଟେନ୍‌ରୁ ଆଉ ୧୦୨ ଟନ୍ ବା ୧୦୨୦୦୦ କିଲୋ ସୁନା ଦେଶକୁ ଫେରାଇ ଆଣିଛି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)। ବ୍ୟାଙ୍କ ଅଫ୍ ଇଂଲଣ୍ଡର ଭୋଲ୍‌ଟରୁ ଆସିଥିବା ଏହି ସୁନାକୁ ଦେଶ ମଧ୍ୟରେ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଥିବା ଆର୍‌ବିଆଇ ସୂଚନା ଦେଇଛି।

ବିଦେଶୀ ମୁଦ୍ରା ଭଣ୍ଡାର ପରିଚାଳନା ଉପରେ ଜାରି ନୂଆ ରିପୋର୍ଟରୁ ଜଣାପଡ଼ିଛି ଯେ, ସେପ୍ଟେମ୍ବର ଶେଷଭାଗରେ ଆର୍‌ବିଆଇ ପାଖରେ ଥିବା ୮୫୫ ଟନ୍ ସୁନା ମଧ୍ୟରୁ ୫୧୦.୫ ଟନ୍‌କୁ ଦେଶର ସୁରକ୍ଷିତ ସ୍ଥାନରେ ରଖାଯାଇଛି। ୨୦୨୨ ସେପ୍ଟେମ୍ବର ପରଠାରୁ ୨୧୪ ଟନ୍ ସୁନା ବ୍ରିଟେନ୍‌ରୁ ଭାରତକୁ ଅଣାଯାଇଛି। ବିଶ୍ୱବ୍ୟାପୀ ବଢୁଥିବା ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ସରକାର ସୁନାକୁ ସୁରକ୍ଷିତ ରଖିବାକୁ ଚାହାନ୍ତି। ପ୍ରକାଶଯୋଗ୍ୟ, ୧୯୯୧ରେ ବୈଦେଶିକ ମୁଦ୍ରା ସଂକଟ ବେଳେ ବ୍ରିଟେନ୍‌ରେ ବନ୍ଧା ପଡ଼ିଥିବା ଲକ୍ଷେ କିଲୋ ବା ୧୦୦ ଟନ୍ ସୁନାକୁ ଗତ ମେ' ମାସରେ ଭାରତକୁ ଫେରାଇ ଆଣିଥିଲା ଆର୍‌ବିଆଇ। ପ୍ରଥମ ଥର ଏତେ ମାତ୍ରାରେ ସୁନା ଦେଶକୁ ଫେରିଥିଲା। ୧୯୯୧ରେ ଦେଶରେ ଦେଖାଦେଇଥିବା ବୈଦେଶିକ ମୁଦ୍ରା ସଂକଟ ବେଳେ ଚନ୍ଦ୍ରଶେଖର ସରକାର ସ୍ଥିତିକୁ ସମ୍ଭାଳିବା ପାଇଁ ଏହି ସୁନାକୁ ବିଦେଶରେ ବନ୍ଧକ ରଖିବାକୁ ବାଧ୍ୟ ହୋଇଥିଲେ।

ଉକ୍ତବର୍ଷ ଜୁଲାଇ ୪ରୁ ୧୮ ମଧ୍ୟରେ ୪୦ କୋଟି ଡଲାର ଯୋଗାଡ଼ କରିବା ଲାଗି ଆର୍‌ବିଆଇ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ବ୍ୟାଙ୍କ ଅଫ୍ ଜାପାନ ନିକଟରେ ବୃହତ୍ ମାତ୍ରାରେ ସୁନା ବନ୍ଧକ ରଖିଥିଲା। ବର୍ତ୍ତମାନ ଏସବୁ ସୁନା ଭାରତ ଫେରିବା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥା ମଜଭୁତ ହେବ। ବ୍ରିଟେନ୍‌ରୁ ଭାରତ ସୁନା ଫେରାଇ ଆଣିବା ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କର ଭଣ୍ଡାରଣ ଖର୍ଚ୍ଚ କମିବ, ଯାହାକୁ ବ୍ୟାଙ୍କ ଅଫ୍ ଇଂଲଣ୍ଡକୁ ପ୍ରଦାନ କରାଯାଇଥାଏ।

ପୂର୍ବଥର ଭଳି ଏଥର ମଧ୍ୟ ଆର୍‌ବିଆଇ ଏବଂ ସରକାର ସୁନାକୁ ଦେଶକୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ବିମାନ ଏବଂ ସୁରକ୍ଷା ବ୍ୟବସ୍ଥା ସହ ଏକ ସିକ୍ରେଟ୍ ମିଶନ୍ ଚଳାଇଥିଲେ। କୌଣସି ପ୍ରକାର ସୂଚନା ଯେପରି ଲିକ୍ ନ ହୁଏ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା। ଆର୍‌ବିଆଇ କେବଳ ଭାରତ ନୁହେଁ ବରଂ ବିଦେଶରେ ବି ସୁନା ରଖିଥାଏ। ସମସ୍ତ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ସୁନାକୁ ଭିନ୍ନ ଭିନ୍ନ ଜାଗାରେ ରଖିବାକୁ ଚାହାନ୍ତି, ଯଦ୍ୱାରା ରିସ୍କ କମ୍ ହୋଇପାରିବ।

ଯଦି ଭାରତରେ ଆପଦ କିମ୍ବା ରାଜନୈତିକ ଅସ୍ଥିରତାରୁ ଆର୍ଥିକ ସ୍ଥିତି ଖରାପ ହୁଏ ତେବେ ଏହାର ସାମ୍ନା କରିବା ପାଇଁ ବିଦେଶରେ ରଖାଯାଇଥିବା ସୁନା କାର୍ଯ୍ୟରେ ଆସିଥାଏ। ପ୍ରାକୃତିକ ଦୁର୍ବିପାକରୁ ମଧ୍ୟ ସୁନା ଭଣ୍ଡାର ଉପରେ କ୍ଷତି ପହଞ୍ଚିପାରେ। ଭିନ୍ନ ଭିନ୍ନ ସ୍ଥାନରେ ସୁନା ରଖିବା ଦ୍ୱାରା ରିସ୍କ କମିଥାଏ। ପାରମ୍ପରିକ ଭାବେ ବ୍ରିଟେନ୍‌ର ବ୍ୟାଙ୍କ ଅଫ୍ ଇଂଲଣ୍ଡ ଅନେକ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଭଣ୍ଡାରଗୃହ ରହିଆସିଛି। ଏବେ ୩୨୪ ଟନ୍ ସୁନା ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ବ୍ୟାଙ୍କ୍ ଫର୍ ଇଣ୍ଟର୍‌ନ୍ୟାସନାଲ ସେଟେଲ୍‌ମେଣ୍ଟ୍‌ସର ସେଫ୍ କଷ୍ଟଡିରେ ରହିଛି। ବ୍ୟାଙ୍କ୍ ଅଫ୍ ଇଂଲଣ୍ଡରେ ଅନେକ ଦେଶ ନିଜର ସୁନା ରଖିଥାନ୍ତି। ନ୍ୟୁୟର୍କ ଫେଡେରାଲ ରିଜର୍ଭ ପରେ ଏହା ଦ୍ୱିତୀୟ ବୃହତ୍ ଗୋଲ୍ଡ କଷ୍ଟଡିଆନ୍।

# ଲଞ୍ଚ ହେବାକୁ ଯାଉଛି ମହିନ୍ଦ୍ରା ଏସୟୁଭି ୱାଇ-୪୦୦

ନୂଆଦିଲ୍ଲୀ, ୧।୧୧: ଭାରତର ମହିନ୍ଦ୍ରା ଗାଡ଼ିର ଚାହିଦା ବେଶ ଅଧିକ। ପ୍ରାୟତଃ ଲୋକେ ଏହାର ଗାଡିକୁ ପସନ୍ଦ କରିଥାନ୍ତି କାରଣ ଏହି କମ୍ପାନୀ ସବୁବେଳେ ଲୋକଙ୍କ ଚାହିଦାକୁ ନଜରରେ ବଜାରରେ ରଖି ଭଲ ଭଲ ମଡେଲ୍ ଆଣିଥାଏ। ସେହିପରି ଏହି ମଡେଲ ଗୁଡ଼ିକରେ ଭଲ ଭଲ ଫିଚର୍ସ ଦିଆଯାଇଥାଏ। ମହିନ୍ଦ୍ରା ଏମିତି ଏକ କମ୍ପାନୀ ଯାହା ନିଜ ୟୁଜରଙ୍କ ପାଇଁ ସବୁବେଳେ ଖୁବ୍ କମ ଦାମରେ ଭଲ ମଡ଼େଲର ଗାଡି ଆଣିଥାଏ, ଯେଉଁଥିପାଇଁ କାର ଲଭରମାନେ ମହିନ୍ଦ୍ରା କାର କିଣିବାକୁ ଅଧିକ ପସନ୍ଦ କରନ୍ତି। ତେବେ ନିକଟରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ଏହାର ଲଗଜୁରୀ ସ୍ପୋର୍ଟ୍ସ ୟୁଟିଲିଟି ଭେଇକିଲ୍ (ଏସୟୁଭି)ୱାଇ ୪୦୦କୁ ଏକ୍ସୟୁଭି ୭୦୦ ନାମକ ଏକ ଗାଡି ମାର୍କେଟରେ ଆସନ୍ତା ମାସରେ ଲଞ୍ଚ କରିବ ବୋଲି ଘୋଷଣା କରିଛି। କମ୍ପାନୀ କହିଛି ଯେ ମହାରାଷ୍ଟ୍ରର ଚାକନରେ ଥିବା ପ୍ଲାଣ୍ଟରେ ତିଆରି ଏହି ଏସୟୁଭି ୧୯ ନଭେମ୍ବର ୨୦୧୮ରେ ମାର୍କେଟରେ ଲଞ୍ଚ ହେବ। ଏହି ନୂଆ ଏସୟୁଭି ଉପରେ ଆଧାରିତ ଏବଂ ଏହା ଏକ ୭-ସିଟର୍ ଗାଡି ହେବ। କମ୍ପାନୀର ଅଧ୍ୟକ୍ଷ ରାଜନ ୱାଡେରା କହିଛନ୍ତି ଯେ ଏହି ଗାଡି ଏହାର ଏସୟୁଭି ପୋର୍ଟଫୋଲିଓକୁ ଷ୍ଟ୍ରଙ୍ଗ କରିବ। ତେବେ ଆସନ୍ତୁ ଏହାର ଫିଚର୍ସ ଏବଂ ଦାମ୍ ବିଷୟରେ ଜାଣିବା। ଏହି ନୂଆ ଏସୟୁଭିରେ ୨.୨ ଲିଟର ଡିଜେଲ ଇଞ୍ଜିନ୍ ରହିବ, ଯାହା ୧୮୭ଏଚ୍‌ପି ସହିତ ୪୫୦ଏନଏମ୍ ଟର୍କ ଜେନେରେଟ୍ କରିବ। ଏହା ସହ କମ୍ପାନୀ କହିଛି ଯେ, ଚାକନାରେ ଥିବା ଅତ୍ୟାଧୁନିକ ପ୍ଲାଣ୍ଟରେ ୱାଇ ୪୦୦ ତିଆରି ହେବ। ମାର୍କେଟ ଏକ୍ସପର୍ଟମାନେ କହିଛନ୍ତି ଯେ ମହିନ୍ଦ୍ରାର ଏହି ନୂଆ ପ୍ରିମିୟମ ଟୋୟୋଟା ଫର୍ଚୁନର, ଫୋର୍ଡ ଏନଡିଏଭର ଏବଂ ଆଇସୁଜୁ ଏମୟୁ-ଏକ୍ସକୁ କଡ଼ା ଟକ୍କର ଦେବ। ଏହି ଗାଡିର ପ୍ରାଇସ୍ ବିଷୟରେ କମ୍ପାନୀ କୌଣସି ଡିଟେଲ୍ସ ଦେଇନାହିଁ। କିନ୍ତୁ ଏହାର ଆରମ୍ଭ ମୂଲ୍ୟ ୨୦ ଲକ୍ଷରୁ କମ୍ ହେବ ବୋଲି ଏକ୍ସପର୍ଟମାନେ ବିଶ୍ୱାସ ରଖିଛନ୍ତି। ନିକଟରେ ମହିନ୍ଦ୍ରା ମଧ୍ୟ ୯.୯୯ ଲକ୍ଷ ଟଙ୍କାରେ ମାରାଜୋକୁ ଲଞ୍ଚ କରିଛି। ତେବେ ଯଦି ଆପଣ ନିଜ ଫ୍ୟାମିଲି ପାଇଁ ଏକ ୭-ସିଟର୍ ଗାଡି କିଣିବାକୁ ପ୍ଲାନ କରୁଛନ୍ତି ତେବେ ଆଉ କିଛି ଦିନ ଅପେକ୍ଷା କରନ୍ତୁ। କାରଣ ମହିନ୍ଦ୍ରାର ଏହି ଗାଡ଼ି ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ହେବାକୁ ଯାଉଛି।

# କାୱାସାକି ବାଇକରେ ଲାଟେଷ୍ଟ ଫିଚର୍ସ

ନୂଆଦିଲ୍ଲୀ, ୧।୧୧: କାୱାସାକି ଏହାର ପପୁଲାର ବାଇକ୍ ଜେଡ୍ ୯୦୦ ରେ ଏକ ବଡ ଅପଡେଟ୍ ଦେବାକୁ ଯାଉଛି। ଏହି ବାଇକ୍ର ନୂଆ ଷ୍ଟାଇଲ୍ ଏବଂ ଦମଦାର ଫିଚର୍ସ ସହିତ ଭାରତୀୟ



ବଜାରକୁ ଅଣାଯିବ। ଏହା ସହିତ, ଟପ୍-ଏଣ୍ଡ ଭ୍ୟାରିଆଣ୍ଟ ଜେଡ୍୯୦୦ ଏସଇରେ ମଧ୍ୟ ଅନେକ ବଡ ପରିବର୍ତ୍ତନ କରାଯାଇପାରେ। ବାଇକର ସ୍କ୍ରିନରୁ ଏହାର ପାଓ୍ୱାର ପର୍ଯ୍ୟନ୍ତ ମଧ୍ୟ ଦେଖିବାକୁ ଯୋଗ୍ୟ ହେବ। ଏହି ବାଇକ୍ ଆସନ୍ତା ବର୍ଷ ୨୦୨୫ରେ ଅନେକ ଅପଡେଟ୍ ସହିତ ଟକ୍କର ଦେବ।

କାୱାସାକି ବାଇକ୍ ପାଓ୍ୱାରଫୁଲ ଇଞ୍ଜିନ୍ ଏବଂ ଏକ୍ସପେନସିଭ୍ ପ୍ରାଇସ ପାଇଁ ଜଣାଶୁଣା। ଆସନ୍ତୁ ଜାଣିବା ଜେଡ୍୯୦୦ ରେ ଅପଡେଟ ସହିତ ଏହି ବାଇକର ପ୍ରାଇସ୍ କେତେ ରହିବ। କାୱାସାକି ଜେଡ୍୯୦୦ ଏକ ନୂଆ ଷ୍ଟାଇଲ ସହିତ ମାର୍କେଟରେ ଲଞ୍ଚ ହେବ। ଏହି ବାଇକରେ ଜେଡ୍୫୦୦ ଏବଂ ଜେଡ୍୭ ହାଇବ୍ରିଡ୍ ବାଇକ୍ ପରି ହେଡଲ୍ୟାମ୍ପ ଲଗାଯିବ। ଏହି ବାଇକରେ ନୂଆ ଟାଇଲାଇଟ୍ ଲଗାଯାଉଛି। ଏହି ବାଇକକୁ ଲାଇଟ୍ ଏବଂ ଜେଡ୍ ଲୋଗୋ ସହିତ ଫ୍ରେସ୍ ଲୁକ୍ ଦିଆଯାଉଛି। ୨୦୨୫ କାୱାସାକି ଜେଡ୍୯୦୦ ଅନେକ ଇଲେକ୍ଟ୍ରୋନିକ୍ ଫିଚର୍ସ ମଧ୍ୟ ଯୋଡାଯିବ, କାରଣ ବର୍ତ୍ତମାନ ଏହି ବାଇକ୍ ରାଇଡ୍-ବାଇ-ୱାୟର ଏବଂ ଆଇଏମ୍ୟୁ ମଧ୍ୟ ଯୋଡା ଯାଉଛି। ଏହି ବାଇକ୍ ଇଲେକ୍ଟ୍ରୋନିକ୍ ରାଇଡରେ ଦୁଇଟି ପାଓ୍ୱାର ମୋଡ୍ ରହିଛି ସେଗୁଡିକ ହେଲା- ଫୁଲ୍ ଏବଂ ଲୋ। କାୱାସାକି ଏହି ଷ୍ଟ୍ରଙ୍ଗ ବାଇକ୍ରେ ତିନୋଟି ଲେବୁଲ୍ର ଟ୍ରାକ୍ସନ କଣ୍ଟ୍ରୋଲ ସିଷ୍ଟମ ମଧ୍ୟ ଦିଆଯାଉଛି, ଯେଉଁଥିରେ ଟର୍ନ୍ଟ ଅଫ ଫିଚର ସାମିଲ୍ ଅଛି। ଏହା ସହିତ ନୂଆ କାୱାସାକି ଜେଡ୍୯୦୦ ରେ ବାଇ-ଡିରେକ୍ସନାଲ୍ କ୍ୱିକ୍ ସିଫ୍ଟର, କ୍ରୁଜ୍ କଣ୍ଟ୍ରୋଲ, ଡୁଆଲ ଚ୍ୟାନେଲ୍ ଏବଂ ଏବିଏସ୍ ର ଫିଚର ମଧ୍ୟ ଦିଆଯିବ। କାୱାସାକି ଜେଡ୍୯୦୦ ବାଇକରେ ମିଳୁଥିବା ସବୁଠାରୁ ବଡ ଫିଚର ହେଉଛି, ଏହାକୁ ଭଏସ୍ କମାଣ୍ଡ ମାଧ୍ୟମରେ କଣ୍ଟ୍ରୋଲ କରାଯାଇପାରିବ। ରାଇଡରଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ଇନଫରମେସନ୍ ବାଇରେ ଥିବା ୫-ଇଞ୍ଚର ଟିଏଫ୍‌ଟି ଡିସପ୍ଲେରେ ଉପଲବ୍ଧ ହେବ। ଏହି ଡିସପ୍ଲେକୁ ସ୍ମାର୍ଟଫୋନ କିମ୍ବା ହେଡସେଟ୍ ସହିତ କନେକ୍ଟ କରାଯାଇପାରିବ। ୨୦୨୫ କାୱାସାକି ଜେଡ୍୯୦୦ ରେ ୯୪୮cc ଇନଲାଇନ୍-୪ ମୋଟର ଲଗାଯିବ। ଭାରତରେ ଥିବା ଗାଡି ତୁଳନାରେ ଏହି ବାଇକର ପାଓ୍ୱାର କମ୍ ହୋଇପାରେ। ଏହା ପଛର କାରଣ ହେଉଛି ୟୁରୋ ୫+ଏମିସନ୍ ନର୍ମସ୍ , ଯାହା ସମସ୍ତ ଅଟୋମେକର୍ସ ମାନଙ୍କୁ ଫଲୋ କରିବା ପାଇଁ ଜରୁରୀ ହୋଇଥାଏ। ଜେଡ୍୯୦୦ ରେ ଲାଗିଥିବା ମୋଟର ୯,୫୦୦ଆରଏମପି ରେ ୧୨୩ବିଏଚପି ର ପାଓ୍ୱାର ଯୋଗାଇଥାଏ ଏବଂ ୭,୭୦୦ଆରଏମପି ରେ ୯୭.୪ଏନଏମର ଟର୍କ ଜେନେରେଟ୍ କରେ। ଏହି ସମସ୍ତ ଅପଡେଟ୍ ସହିତ ବାଇକର ୱେଟ୍ ୧ କିଲୋଗ୍ରାମରୁ ୨୧୩ କିଲୋଗ୍ରାମକୁ ବୃଦ୍ଧି ପାଇଛି। ଭାରତରେ କାୱାସାକି ଜେଡ୍୯୦୦ ର ଏକ୍ସ- ଶୋରୁମ୍ ପ୍ରାଇସ୍ ୯.୩୮ ଲକ୍ଷ ଟଙ୍କା ଅଛି। ଅନେକ ଅପଡେଟ ସହିତ, ଏହି ବାଇ ପ୍ରାଇସରେ ପରିବର୍ତ୍ତନ ମଧ୍ୟ ଦେଖାଯାଇପାରେ। ୨୦୨୫ ରେ ଲଞ୍ଚ ହେବାକୁ ଯାଉଥିବା ଏହି ବାଇକ୍ ବର୍ତ୍ତମାନର ମଡେଲ ତୁଳନାରେ ମହଙ୍ଗା ହୋଇପାରେ। ଏହି କାୱାସାକି ବାଇକ୍ ଟ୍ରାଇମ୍ଫ୍ ଷ୍ଟ୍ରିଟ୍ ଟ୍ରିପଲ୍ ଆର୍ ଏବଂ ଡୁକାଟି ମନଷ୍ଟରକୁ କଠିନ ଟକ୍କର ଦେଇପାରେ।

# ଦାମୀ କାରକୁ ଟକ୍କର ଦେଉଛି ବାଇକ୍

ନୂଆଦିଲ୍ଲୀ, ୧।୧୧: ହୋଣ୍ଡା କେବଳ ଯେ ସୁଲଭ ବାଇକ୍ ତିଆରି କରେ ତା ନୁହେଁ ଏହି କମ୍ପାନୀ ଏଭଳି ବାଇକ୍ ମଧ୍ୟ ବିକ୍ରି କରେ ଯାହାର ମୂଲ୍ୟ ବହୁତ ଅଧିକ। ତେବେ ଏଠାରେ ଆମେ ଐକ୍ଟଭୟବ ଏକ୍ସକ୍ଷୟ ଉଟଭଶ ଝକ୍ଟଙ୍କକ୍ସ ବିଷୟରେ କହୁଛୁ, ଯାହାର ମୂଲ୍ୟ ଟୟୋଟା ଫର୍ଚୁନରର ବେସ୍ ମଡେଲ୍ ଠାରୁ ମଧ୍ୟ ଅଧିକ। ତେବେ ଆସନ୍ତୁ ଜାଣିବା ହୋଣ୍ଡାର ଏହି ବାଇକରେ ଏଭଳି କ'ଣ ଫିଚର୍ସ ଅଛି ଯେ ଏହାର ମୂଲ୍ୟ ଫର୍ଚ୍ୟୁନର୍ ସହିତ ସମାନ ରହିଛି। ଗତ ବର୍ଷ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଏହି ବାଇକକୁ ଭାରତରେ ଲଞ୍ଚ କରିଥିଲା। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ବିଷୟରେ କହିବାକୁ ଗଲେ ଏହାର ମୂଲ୍ୟ ୩୯ ଲକ୍ଷ ୭୦ ହଜାର ଟଙ୍କା। ହୋଣ୍ଡା ଏହି ବାଇକ୍‌କୁ ସିବିୟୁ ରୁଟ୍ ମାଧ୍ୟମରେ ଭାରତରେ ଆମଦାନୀ ଏବଂ ବିକ୍ରି କରେ। ଏହି ବାଇକ୍ ବୁକ୍ କରିବା ପାଇଁ ଆପଣଙ୍କୁ ହୋଣ୍ଡାର ପ୍ରିମିୟମ୍ ବିଗୱିଙ୍ଗ୍ ଡିଲରସିପ୍ ସହିତ ଯୋଗାଯୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏହାର ଫିଚର୍ସ ବିଷୟରେ ଜାଣିବାଙ



ଗୋଲ୍ଡ ୱିଙ୍ଗ୍ ଟୁର୍ ବାଇକରେ ଫୁଲ୍ ଏଲଇଡି ଲାଇଟିଂ ସିଷ୍ଟମ୍ ଏବଂ ୭-ଇଞ୍ଚ ଫୁଲ୍ କଲର ଟଗ୍ରଞ୍ଚ ଡିସପ୍ଲେ ଭଳି ଫିଚର୍ ଅଛି। ଏହା ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେକୁ ସପୋର୍ଟ କରେ ଏବଂ ରାଇଡିଙ୍ଗ, ନାଭିଗେସନ୍ ଏବଂ ଅଡିଓ ସୂଚନା ପ୍ରଦାନ କରେ। ଏକ୍ସିଲେଣ୍ଟ ଏୟାର ପ୍ରୋଟେକ୍ସନ ପାଇଁ ଏକ ବଡ଼ ଇଲେକ୍ଟ୍ରିକ୍ ସ୍କ୍ରିନ୍, ୨ ଟି ଟଝଇ ଟାଇପ୍-ସି ସକେଟ୍ ସହିତ ବ୍ଲୁଟୁଥ୍ କନେକ୍ଟିଭିଟି, ଟାୟାର୍ ପ୍ରେସର ମନିଟରିଂ ସିଷ୍ଟମ୍, ଏୟାରବ୍ୟାଗ ଏବଂ ଅନ୍ୟାନ୍ୟ ଫିଚର୍ସ ପ୍ରଦାନ କରାଯାଇଛି। ଏହି ହୋଣ୍ଡା ବାଇକ୍ ର ଓଜନ ୩୯୦ କିଲୋଗ୍ରାମ, ତଥାପି ଏହି ବାଇକ୍ ଚଳାଇବା ବହୁତ ସହଜ। ଏଥିରେ ଆପଣ ୨୧. ୧ ଲିଟରର ଏକ ବଡ଼ ଫୁଏଲ ଟ୍ୟାଙ୍କ ପାଇପାରିବେ ଏବଂ ବାଇକର ସିଟ୍ ଉଚ୍ଚତା ୭୪୫ଙ୍କଙ୍କ ରହିଛି।

ଗୋଲ୍ଡ ୱିଙ୍ଗ୍ ଟୁର୍ ଏକ ୧୮୩୩ମମ, ଲିକ୍ୱିଡ୍-କୁଲ୍ଡ, ୪ ଷ୍ଟ୍ରୋକ, ୨୪ ଭଲଭ୍, ଫ୍ଲାଟ ୬-ସିଲିଣ୍ଡର ଇଞ୍ଜିନ ବ୍ୟବହାର କରେ ଯାହା ୧୨୪.୭ଭଷକ୍ତ ପାଓ୍ୱାର ଏବଂ ୧୭୦ଘଙ୍କ ଟର୍କ ଜେନେରେଟ କରେ। ଏହି ଇଞ୍ଜିନ୍ ୭-ସ୍ପିଡ୍ ଡୁଆଲ୍-କ୍ଲଚ୍ ଟ୍ରାନ୍ସମିସନ୍ (ଉଉଙ୍ଗ) ସହିତ ପେୟାର ହୋଇଛି। ଏଥିରେ ଆରାମଦାୟକ କ୍ରିପ୍ ଫରୱାର୍ଡ ଏବଂ ବ୍ୟାକ୍ ଫଙ୍କସନ୍ ମଧ୍ୟ ସାମିଲ ରହିଛି। ଏହି ବାଇକରେ ଟୁର୍ ଥ୍ରୋଟଲ୍-ବାଇ-ୱାୟାର୍ (ଝଇଡ) ସିଷ୍ଟମ୍ ସହ ଚାରୋଟି ରାଇଡିଂ ମୋଡ୍ ସହିତ ଆସିଥାଏ - ଟୁର୍, ସ୍ପୋର୍ଟ୍ସ, ଇକୋନୋମି ଏବଂ ରେନ୍।

# ନଭେମ୍ବରରେ ୧୩ ଦିନ ବ୍ୟାଙ୍କ ଛୁଟି

**ନୂଆଦିଲ୍ଲୀ, ୧।୧୧:** ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ନଭେମ୍ବର ମାସ ପାଇଁ ବ୍ୟାଙ୍କ ଛୁଟି ତାଲିକା ଜାରି କରିଛି। ଏହି ମାସରେ ଦ୍ୱିତୀୟ ଓ ଚତୁର୍ଥ ଶନିବାର ଓ ଚାରିଟି ରବିବାରକୁ ମିଶାଇ ମୋଟ ୧୩ ଦିନ ଛୁଟି ରହିବ ବ୍ୟାଙ୍କ। ତେଣୁ ଜରୁରୀ କାମ ପାଇଁ ବ୍ୟାଙ୍କ ଯିବା ପୂର୍ବରୁ ଛୁଟିଦିନ ତାଲିକା ଉପରେ ଭଲ କରି ନଜର ପକାଇ ନିଅନ୍ତୁ।

ଏଠାରେ ପ୍ରକାଶଯୋଗ୍ୟ, ବ୍ୟାଙ୍କଗୁଡିକ ସମଗ୍ର ଦେଶରେ ୧୩ ଦିନ ବନ୍ଦ ରହିବ ନାହିଁ। ରିଜର୍ଭ ବ୍ୟାଙ୍କ ଅଫିସିଆଲ୍ ୱେବସାଇଟରେ ଦିଆଯାଇଥିବା ଛୁଟି ତାଲିକା ଅନୁଯାୟୀ ବିଭିନ୍ନ ରାଜ୍ୟର ଛୁଟି ମିଶାଇ ୧୩ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି ସମସ୍ତ ଛୁଟି ସବୁ ରାଜ୍ୟରେ ପ୍ରଯୁଜ୍ୟ ହେବ ନାହିଁ। ତେଣୁ ଗ୍ରାହକମାନେ ଛୁଟିଦିନର ବିବରଣୀ ପାଇଁ ନିୟମିତ ଆରବିଆଇ ୱେବସାଇଟ୍ ଯାଞ୍ଚ କରିବା ଉଚିତ୍।

ଆରବିଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ ମାସର ୪ଟି ରବିବାର ବ୍ୟତୀତ ବ୍ୟାଙ୍କଗୁଡିକ ମାସର ଦ୍ୱିତୀୟ ଏବଂ ଚତୁର୍ଥ ଶନିବାରରେ ପୂର୍ବ ପରି ବନ୍ଦ ରହିବ। ଏଠାରେ ଦେଶର ବିଭିନ୍ନ ରାଜ୍ୟର ପର୍ବ ପର୍ବାଣୀ ସହ ସମସ୍ତ ୧୩ ଛୁଟିଦିନର ତାଲିକା ଉପରେ ନଜର ପକାନ୍ତୁ, ୧ ନଭେମ୍ବର- ଦୀପାବଳି (ଅମାବାସ୍ୟା), କୁଟ ମହୋତ୍ସବ ଏବଂ କର୍ଣ୍ଣାଟକ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ତ୍ରିପୁରା, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ଜାମ୍ମୁ କାଶ୍ମୀର, ମହାରାଷ୍ଟ୍ର, ମେଘାଳୟ, ସିକ୍କିମ ଏବଂ ମଣିପୁରରେ ବ୍ୟାଙ୍କ ବନ୍ଦ ରହିବ।

୨ ନଭେମ୍ବର- ଦୀପାବଳି (ବାଲି ପ୍ରତିପଦା), ଲକ୍ଷ୍ମୀ ପୂଜା, ଗୋବର୍ଦ୍ଧନ ପୂଜା, ବିକ୍ରମ ସମ୍ବତ ନୂଆବର୍ଷ ଆଦି ପର୍ବ ପାଇଁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ସିକ୍କିମ, ରାଜସ୍ଥାନ ଓ ଉତ୍ତରପ୍ରଦେଶରେ ବ୍ୟାଙ୍କ ବନ୍ଦ ରହିବ। ୩ ନଭେମ୍ବର- ରବିବାର, ୭ ନଭେମ୍ବର- ପଶ୍ଚିମବଙ୍ଗ, ବିହାର ଓ ଝାଡଖଣ୍ଡ ଭଳି ରାଜ୍ୟରେ ଛଟ ପୂଜା (ସନ୍ଧ୍ୟା ଅର୍ଘ୍ୟ) ଅବସରରେ ବ୍ୟାଙ୍କଗୁଡିକ ବନ୍ଦ ରହିବ। ୮ ନଭେମ୍ବର- ବିହାର, ଝାଡ଼ଖଣ୍ଡ ଏବଂ ମେଘାଳୟ ଭଳି ରାଜ୍ୟରେ ଛଟ ପୂଜା (ପ୍ରଭାତ ଅର୍ଘ୍ୟ) ଅବସରରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ୯ ନଭେମ୍ବର- ମାସର ଦ୍ୱିତୀୟ ଶନିବାର, ୧୦ ନଭେମ୍ବର- ରବିବାର, ୧୨ ନଭେମ୍ବର- ଉତ୍ତରାଖଣ୍ଡରେ ଇଗାସ-ବାଗୱାଲ୍ ଅବସରରେ ବ୍ୟାଙ୍କଗୁଡିକ ବନ୍ଦ ରହିବ। ୧୫ ନଭେମ୍ବର- ଗୁରୁ ନାନକ ଜୟନ୍ତୀ, କାର୍ତ୍ତିକ ପୂର୍ଣ୍ଣିମା, ରାହାସ ପୂର୍ଣ୍ଣିମା ଆଦି ପର୍ବ ପାଇଁ ଓଡ଼ିଶା, ମିଜୋରାମ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଚଣ୍ଡିଗଡ଼, ଉତ୍ତରାଖଣ୍ଡ, ତେଲେଙ୍ଗାନା, ଜାମ୍ମୁ-କାଶ୍ମୀର, ପଶ୍ଚିମବଙ୍ଗ, ଦିଲ୍ଲୀ, ଅରୁଣାଚଳ ପ୍ରଦେଶ, ରାଜସ୍ଥାନ, ଛତିଶଗଡ, ଉତ୍ତରପ୍ରଦେଶ, ନାଗାଲାଣ୍ଡ, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ବ୍ୟାଙ୍କ ବନ୍ଦ ରହିବ। ୧୭ ନଭେମ୍ବର- ରବିବାର, ୧୮ ନଭେମ୍ବର- କର୍ଣ୍ଣାଟକରେ କନକଦାସ ଜୟନ୍ତୀ ପାଇଁ ବ୍ୟାଙ୍କ ବନ୍ଦ ରହିବ। ୨୩ ନଭେମ୍ବର- ମାସର ଚତୁର୍ଥ ଶନିବାର, ୨୪ ନଭେମ୍ବର- ରବିବାର।

# ବିପିଏଲ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଟିପିଜି ନାମ୍ବିୟାରଙ୍କ ପରଲୋକ

**ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦୀ**



ନୂଆଦିଲ୍ଲୀ, ୧।୧୧: ଦେଶର ସବୁଠୁ ବଡ଼ ବୈଦୁତିକ ଉପକରଣ ନିର୍ମାତା ବିପିଏଲ ଗ୍ରୁପ୍‌ର ପ୍ରତିଷ୍ଠାତା ଟି.ପି. ଗୋପାଳନ ନାମ୍ବିୟାରଙ୍କ ପରଲୋକ। ଏନେଇ ନାମ୍ବିୟାରଙ୍କ ପରିବାର ଲୋକେ ସୂଚନା ଦେଇଛନ୍ତି। ପରିବାର ଅନୁସାରେ, ଗତ କିଛି ଦିନ ହେଲା ରୋଗରେ ପଡ଼ିଥିବା ନାମ୍ବିୟାରଙ୍କ ୯୪ ବର୍ଷ ବୟସରେ ନିଧନ ହୋଇଛି। ତେବେ କେରଳ ଏବଂ କର୍ଣ୍ଣାଟକ ଉଭୟ ରାଜ୍ୟ ସହ ଟି.ପି. ଗୋପାଳନ ନାମ୍ବିୟାରଙ୍କ ସଂପର୍କ ଖୁବ ନିବିଡ଼ ଥିଲା। ଗୋପାଳନ ନାମ୍ବିୟାରଙ୍କ ନିଧନକୁ ନେଇ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦିୟୁରପ୍ପା ଶୋକ ପ୍ରକାଶ କରିଛନ୍ତି। ସେ ଏକ୍ସରେ ଲେଖିଛନ୍ତି, 'ବିପିଏଲ ଗ୍ରୁପ୍‌ର ପ୍ରତିଷ୍ଠାତା ଗୋପାଳନ ନାମ୍ବିୟାରଙ୍କ ନିଧନ ଖବର ଶୁଣି ମୁଁ ମର୍ମାହତ। ତାଙ୍କର ଯୋଗଦାନ ସର୍ବଦା ମନେ ରହିବ। ତାଙ୍କ ପରିବାର ପ୍ରତି ସମବେଦନା ଜଣାଉଛି।' ସୂଚନାଯୋଗ୍ୟ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ନେତା ରାଜୀବ ଚନ୍ଦ୍ରଶେଖର, ଗୋପାଳନ ନାମ୍ବିୟାରଙ୍କ ଜ୍ୱାଇଁ। ରାଜୀବ ଚନ୍ଦ୍ରଶେଖର ନିଜ ଶ୍ୱଶୁରଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ଗୋପାଳନ ନାମ୍ବିୟାର ଭାରତର ସବୁଠୁ ଭରସାଯୋଗ୍ୟ କମ୍ପାନି ମଧ୍ୟରୁ ଗୋଟିଏ ଆରମ୍ଭ କରିଛନ୍ତି। ଯାହା ଆଜି ମଧ୍ୟ ଲୋକପ୍ରିୟ। ସେ ଦୂରଦର୍ଶୀ ବ୍ୟକ୍ତି ଥିଲେ ବୋଲି ଚନ୍ଦ୍ରଶେଖର କହିଛନ୍ତି। କଂଗ୍ରେସ ନେତା ଶଶି ଥରୁର ମଧ୍ୟ ଗୋପାଳନ ନାମ୍ବିୟାରଙ୍କ ନିଧନରେ ଶୋକ ବ୍ୟକ୍ତ କରିଛନ୍ତି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିବା ଗୋପାଳନ ନାମ୍ବିୟାରଙ୍କ ଭାରତର ବିକାଶ କ୍ଷେତ୍ରରେ ଯୋଗଦାନକୁ ମନେ ପକାଇଛନ୍ତି।

# ମୋଦିଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା ବିବେକ ଦେବରାୟଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୧।୧୧:** ଦେଶର ଜଣାଶୁଣା ଅର୍ଥଶାସ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଚେୟାରମ୍ୟାନ୍ ବିବେକ ଦେବରାୟଙ୍କ ପରଲୋକ ହୋଇଛି । ଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଳେ ସେ ଆଖି ବୁଜିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି ।

ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେଇଥିବା ବିବେକ ଦେବରାୟ ପୁଣେର ଗୋଖଲେ ରାଜନୀତି ଏବଂ ଅର୍ଥନୀତି ସଂସ୍ଥାନରେ କୁଳାଧିପତି ଭାବେ କାର୍ଯ୍ୟ କରିଥିଲେ । ୨୦୧୯ ମସିହା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ସେ ନୀତି ଆୟୋଗର ସଦସ୍ୟ ଥିଲେ । ନିଜ ଜୀବନକାଳ ଭିତରେ ସେ ଅନେକ ପୁସ୍ତକ ଲେଖିବା ସହ କିଛି ପୁସ୍ତକର ସମ୍ପାଦନା ମଧ୍ୟ କରିଛନ୍ତି । ଦେଶର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବେକ ଦେବରାୟଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ଲେଖିଛନ୍ତି ଯେ, ମୁଁ ଡକ୍ଟର ଦେବରାୟଙ୍କୁ ବହୁତ ବର୍ଷରୁ ଜାଣିଛି । ମୁଁ ତାଙ୍କ ଅନ୍ତଃଦୃଷ୍ଟି ଏବଂ ଏକାଡେମିକ ଚର୍ଚ୍ଚାକୁ ସବୁବେଳେ ମନେରଖିବି । ତାଙ୍କ ବିୟୋଗରେ ମୁଁ ଦୁଃଖିତ । ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି । ଏଥିସହ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଡା.ବିବେକ ଦେବରାୟ ଜଣେ ମହାନ ବିଦ୍ୱାନ ଥିଲେ। ଅର୍ଥଶାସ୍ତ୍ର ସମେତ ରାଜନୀତି, ସଂସ୍କୃତି ତଥା ଦେଶବିଦେଶର ଇତିହାସ ସମ୍ପର୍କରେ ତାଙ୍କର ଗଭୀର ଜ୍ଞାନ ଥିଲା। ନିଜ କର୍ମମୟ ଜୀବନ ମଧ୍ୟରେ ବି ସେ ପ୍ରାଚୀନ ଗ୍ରନ୍ଥ ପ୍ରତି ଯୁବବର୍ଗଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା ଜାରି ରଖିଥିଲେ। କଂଗ୍ରେସର ପୁରୁଖା ନେତା ଜୟରାମ ରମେଶ ମଧ୍ୟ ଡା. ଦେବରାୟଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ସେ ଜଣେ ମହାନୁଭବୀ ବିଦ୍ୱାନ ଓ ଅର୍ଥଶାସ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ସେ ଅର୍ଥଶାସ୍ତ୍ରର ଜଟିଳ ପାଠକୁ ମଧ୍ୟ ବହୁ ସହଜ ଭାଷାରେ ସାଧାରଣ ଲୋକଙ୍କୁ ବୁଝାଇ ପାରୁଥିଲେ ବୋଲି କହିଛନ୍ତି ଜୟରାମ ରମେଶ ।

# ସୁନା ଓ ରୁପା ନିମନ୍ତ୍ରଣ କାର୍ଡର ବଢ଼ୁଛି ଚାହିଦା

**ଫିରୋଜାବାଦ, ୧।୧୧:** ବିବାହରେ ଲୋକମାନେ ନିମନ୍ତ୍ରଣ ପତ୍ରକୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି। ତେଣୁ ଲୋକେ ସୁନ୍ଦର ଓ ଆକର୍ଷଣୀୟ ନିମନ୍ତ୍ରଣ କାର୍ଡ ଛାପିବା ପାଇଁ ବିବାହର ଅନେକ ଦିନ ଆଗରୁ ଯୋଜନା କରିଥାଆନ୍ତି। ସାଧାରଣତଃ ଲୋକେ କାଗଜରେ ନିମନ୍ତ୍ରଣ କାର୍ଡ ପ୍ରସ୍ତୁତ କରିଥାଆନ୍ତି। ନିକଟରେ ଫିରୋଜାବାଦର ଜଣେ ଅଳଙ୍କାର ବ୍ୟବସାୟୀ ରୂପା ଏବଂ ସୁନାକୁ ବ୍ୟବହାର କରି ନିମନ୍ତ୍ରଣ କାର୍ଡ ପ୍ରସ୍ତୁତ କରିଛନ୍ତି । ଯାହାର ବଜାରରେ ବହୁତ ଚାହିଦା ରହିଛି ବୋଲି ବ୍ୟବସାୟୀ ଜଣକ ଦାବି କରି କହିଛନ୍ତି। ଫିରୋଜାବାଦର ଆଗ୍ରା ଗେଟ୍ ଠାରେ ଲାଲା ରବିନ୍ଦ୍ର ନାଥ କହ୍ନେୟା ଲାଲଙ୍କ ଅଳଙ୍କାର ଦୋକାନ ଅଛି। ଲାଲା ରବିନ୍ଦ୍ର କହିଛନ୍ତି, ' ଲୋକମାନେ ଟଙ୍କା ଖର୍ଚ୍ଚ କରି ବିବାହ ପାଇଁ ନିମନ୍ତ୍ରଣ କାର୍ଡ ତିଆରି କରିଥାଆନ୍ତି। ବିବାହ ଶେଷ ହୋଇଗଲେ କାର୍ଡକୁ ଯିଏ ଯେଉଁଆଡେ ପାଇଲେ ଫିଙ୍ଗି ଦେଇଥାଆନ୍ତି। ଏହାର ଆଉ କୌଣସି ମୂଲ୍ୟ ରହି ନଥାଏ। ଚଳିତଥର ସୁନା ଓ ରୁପାରେ ତିଆରି ହୋଇଥିବା ବିବାହ କାର୍ଡ ଖୁବ ଚର୍ଚ୍ଚାରେ ରହିଛି। ଲୋକେ ଏହାକୁ ହଳଦିଆ କାର୍ଡ ଭାବେ ବ୍ୟବହାର କରୁଛନ୍ତି। ହଳଦିଆ କାର୍ଡ ହେଉଛି ବିବାହ ସ୍ଥିର ହୋଇଯିବା ପରେ କନ୍ୟାପକ୍ଷ ହଳଦିଆ କାର୍ଡ ନେଇ ପୁଅ ଘରକୁ ନିମନ୍ତ୍ରଣ ଦେବାକୁ ଯାଇଥାଆନ୍ତି। ତେବେ ବିବାହ ଶେଷ ହୋଇଗଲେ ବିବାହ ନିମନ୍ତ୍ରଣ କାର୍ଡର ଆଉ କୌଣସି ମହତ୍ତ୍ୱ ରହି ନଥାଏ।

